



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 JUNE 2020

Vol.No. 30 ■ No. 150 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950, 9937557158,9438317887

S d- P.C Bindhani
Chairman


## ମୁଖ୍ୟମନ୍ତ୍ରୀମାନଙ୍କ ସହ ଅନଲକ ୧.୦ ପରବର୍ତ୍ତୀ ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଭିଡିଓ କନଫରେନ୍ସି ଜରିଆରେ ଅନଲକ ୧.୦ ପରେ ଦେଖାଦେଇଥିବା ସ୍ଥିତି ଏବଂ କୋଭିଡ-୧୯ ମହାମାରୀ ମୁକାବିଲା ପାଇଁ ଆଗକୁ ଯୋଜନା ବିଷୟରେ ଆଲୋଚନା କରିଛନ୍ତି। ଏହାକୁ ମିଶାଇ ଷଷ୍ଠଥର ପାଇଁ ପ୍ରଧାନମନ୍ତ୍ରୀ ସମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିସାରିଲେଣି । ପୂର୍ବରୁ ୨୦ ମାର୍ଚ୍ଚ, ୨ ଏପ୍ରିଲ, ୧୧ ଏପ୍ରିଲ, ୨୭ ଏପ୍ରିଲ ଏବଂ ୧୧ ମେ'ରେ ଏଭଳି ୫ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଭୂତାଣୁ ମୁକାବିଲା ଲାଗି ସମୟୋଚିତ ନିଷ୍ପତି: ପ୍ରଧାନମନ୍ତ୍ରୀ ମତ ରଖିଥିଲେ ଯେ ମହାମାରୀ ମୁକାବିଲା ଦିଗରେ ସମୟୋଚିତ ନିଷ୍ପତି ନିଆଯିବା କାରଣରୁ ଦେଶରେ ଏହାର ସଂକ୍ରମଣକୁ ପ୍ରଭାବୀ ଢଙ୍ଗରେ ଅବରୋଧ କରାଯିବା ସମ୍ଭବ ହୋଇପାରିଛି। ଆମେ ପଛକୁ ଫେରି ଚାହିଁଲେ, ଆମେ ସାରା ବିଶ୍ୱ ପାଇଁ ସଂଘୀୟ ସହଯୋଗର ଏକ ଉଦାହରଣ ଉପସ୍ଥାପନ କରିପାରିଛୁ ବୋଲି ଅନେକ ଦିନ ପର୍ଯ୍ୟନ୍ତ ଲୋକମାନେ ମନେ ରଖିବେ ବୋଲି ସେ କହିଥିଲେ। ଆମେ ପ୍ରତିଟି ଜୀବନ ରକ୍ଷା ଲାଗି ଚେଷ୍ଟା କରିଛୁ, ପ୍ରଧାନମନ୍ତ୍ରୀ କହିଥିଲେ। ପରିବହନର ସମସ୍ତ ମାର୍ଗ ଖୋଲିସାରିଛି, ଲକ୍ଷାଧିକ ପ୍ରବାସୀ ଶ୍ରମିକ ସେମାନଙ୍କ ଗାଁକୁ ଫେରିସାରିଛନ୍ତି, ବିଦେଶରୁ ହଜାର ହଜାର ଭାରତୀୟ ଫେରିଆସିଛନ୍ତି ଏବଂ ଯଦିଓ ଭାରତରେ ବିପୁଳ



ଜନସଂଖ୍ୟା ରହିଛନ୍ତି ବିଶ୍ୱର ଅନ୍ୟ ପ୍ରାନ୍ତ ଭଳି କରୋନା ଭୂତାଣରୁ ଏଠାରେ ସେତେ ପ୍ରାଣଘାତୀ ରୂପ ନେଇପାରି ନାହିଁ ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ। ଭାରତୀୟମାନେ ପ୍ରଦର୍ଶନ କରିଥିବା ଶୃଙ୍ଖଳାକୁ ସାରା ବିଶ୍ୱରେ ବିଶେଷଜ୍ଞମାନେ ପ୍ରଶଂସା କରୁଛନ୍ତି, ଦେଶରେ ଆରୋଗ୍ୟ ହାର ବର୍ତମାନ ୫୦%ରୁ ଅଧିକ ହୋଇସାରିଲାଣି। କରୋନା ଭୂତାଣୁ ଜନିତ କମ ମୃତ୍ୟୁହାର ଥିବା ଦେଶଗୁଡ଼ିକ ▶▶ପୃଷ୍ଠା ୭

### ମୁଖ୍ୟମନ୍ତ୍ରୀମାନଙ୍କର ମତ

ଦୁଇଦିନିଆ ଆଲୋଚନାର ଆଜି ଥିଲା ପ୍ରଥମ ଦିନ। ଏହି ବୈଠକରେ ପଞ୍ଜାବ, ଆସାମ, କେରଳ, ଉତରାଖଣ୍ଡ, ଝାଡ଼ଖଣ୍ଡ, ଛତିଶଗଡ଼, ତ୍ରିପୁରା, ହିମାଚଳ ପ୍ରଦେଶ, ଚଣ୍ଡିଗଡ଼, ଗୋଆ, ମଣିପୁର, ନାଗାଲାଣ୍ଡ, ଲଦାଖ, ପୁଡୁଚେରୀ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ଆଣ୍ଡାମାନ ଓ ନିକୋବାର ଦ୍ୱୀପସମୂହ, ଦାଦ୍ରା ନଗର ହାଭେଳୀ ଏବଂ ଡାମନ ଡିଉ, ସିକିମ ଓ ଲାକ୍ଷାଦ୍ୱୀପ ଆଦି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନେତୃତ୍ୱ ନେବା ଏବଂ ଭୂତାଣୁ ବିରୋଧରେ ମିଳିତ ଲଢ଼େଇ କରିବା ଲାଗି ଦେଶକୁ ଏକଜୁଟ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀମାନେ ଧନ୍ୟବାଦ ଜଣାଇଥିଲେ। ନିଜ ରାଜ୍ୟରେ ବର୍ତମାନର ସ୍ୱାସ୍ଥ୍ୟ ଭିତିଭୂମି ଏବଂ ଭୂତାଣୁ ମୁକାବିଲା ନିମନ୍ତେ ଏହାକୁ ବୃଦ୍ଧି କରିବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ସେମାନେ ମତାମତ ଦେଇଥିଲେ। ସେମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସଚେତନତା ଅଭିଯାନ, ଘରକୁ ଫେରିଥିବା ଶ୍ରମିକମାନଙ୍କୁ ସହାୟତା, ଆରୋଗ୍ୟ ସେତୁ ଆପର ବ୍ୟବହାର ଏବଂ ରାଜ୍ୟଗୁଡ଼ିକରେ ଆର୍ଥିକ କାର୍ଯ୍ୟକଳାପ ଆରମ୍ଭ କରିବା ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ।

## ବିଜେପିରେ ସାମିଲ ହେଲେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ କଂଗ୍ରେସ ନେତା ତଥା ବାରଙ୍ଗ ବ୍ଲକର ପୂର୍ବତନ ଉପାଧକ୍ଷ ଗୁରୁ ଚରଣ ସ୍ୱାଇଁ ମଙ୍ଗଳବାର ବିଜେପିରେ ସାମିଲ ହୋଇଛନ୍ତି । କୁରାଙ୍ଗ ଶାସନର ପୂର୍ବତନ ସରପଂଚ ଦିଲୀପ କୁମାର ପାତ୍ର, ବିଚିତ୍ରାନନ୍ଦ ପ୍ରଧାନ, ଅଶୋକ ଚକ୍ରବର୍ତୀ, ମୁରଲୀଧର ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅନ୍ୟପଟେ କଂଗ୍ରେସର ଅନୀତି ଓ ଭ୍ରଷ୍ଟାଚାରରେ ଅସହ୍ୟ ହୋଇ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି ବୋଲି ସଦ୍ୟ ଯୋଗ ଦେଇଥିବା ନେତାମାନେ କହିଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ବିଭୁ ତରାଇ, ଛବି ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, ପୂର୍ବତନ ବିଧାୟକ ତଥା ସଦର ଜିଲ୍ଲା ସଭାପତି ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମିଶ୍ରଣ ସମୟରେ କରୋନା ନିୟମକୁ ପାଳନ କରି ସମସ୍ତେ ସାମାଜିକ ଦୂରତାକୁ ବଜାୟ ରଖିଥିଲେ ।

## ସରକାର କରୋନା ଜନିତ ମୃତ୍ୟୁର ତଥ୍ୟ ଲୁଚାଉଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୬।୬ (ନି.ପ୍ର): ଦିନକୁ ଦିନ ଦେଶରେ ଏବଂ ରାଜ୍ୟରେ କରେନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବର୍ତମାନ ବିଶ୍ୱରେ ଆମ ଦେଶ ଭାରତ କରେନା ସଂକ୍ରମିତ ଭାବେ ଚତୁର୍ଥ ସ୍ଥାନରେ ପହଂଚିଲାଣି । ସେହିପରି ଦେଶରେ ଓଡ଼ିଶା ମଧ ରାଜ୍ୟମାନଙ୍କ ମଧରେ ଦିନକୁ ଦିନକୁ ସ୍ଥାନ ପରିବର୍ତନ କରୁଛି। କରୋନା ଚିହ୍ନଟ ରୋଗୀ ସଂଖ୍ୟା ପ୍ରାୟ ୪ହଜାର ୫୫ରେ ପଂହଚିଥିଲାବେଳେ ମୃତ୍ୟୁସଂଖ୍ୟା ୧୧ ହେଲାଣି ଯାହାକି ସରକାରୀ ତଥ୍ୟ କହୁଛି କିନ୍ତୁ ଯେଉଁ ପରିମାଣରେ କରୋନା ବ୍ୟାପିଚାଲିଛି ଏ ତଥ୍ୟ ମିଥ୍ୟା ବୋଲି କଂଗ୍ରେସ ଅଭିଯୋଗ କରିଛି । ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି ଯେ ତଥ୍ୟ ଅନୁସାରେ ୫ଲକ୍ଷ ଉପରେ ପ୍ରବାସୀ ଓଡ଼ିଶାକୁ ଆସିସାରିଲେଣି। କିନ୍ତୁ ବର୍ତମାନ ସୁଦ୍ଧା ରାଜ୍ୟରେ ୨ଲକ୍ଷ ଉପରେ ନମୁନା ପରୀକ୍ଷା ସରିଛି । ମୁଖ୍ୟମନ୍ତ୍ରୀ ଏପ୍ରିଲ ମାସରେ କହିଥିଲେ ଦିନକୁ୧୫ହଜାରୁ ଉର୍ଦ୍ଧ କରେନା ନମୁନା ପରୀକ୍ଷା କରାଯାଇ ପାରିବ। କିନ୍ତୁ ବର୍ତମାନ ଦିନକୁ ତିନିହଜାରୁ କମ ନମୁନା ପରୀକ୍ଷା କରାଯାଉଛି। ପ୍ରବାସୀ ଓଡ଼ିଆ ମାନଙ୍କୁ କୌଣସି ଟେଷ୍ଟ ନକରି ଓଡ଼ିଶା ସରକାର ଫେଲ ମାରିଛନ୍ତି। ଲୋକେ ପ୍ରାଣ ବିକଳରେ ଟ୍ରେନ, ବସ, ଟ୍ରକ, ସାଇକେଲ ଏବଂ ଚାଲି ଚାଲି ଅନ୍ୟ ରାଜ୍ୟରୁ ଆମ ରାଜ୍ୟକୁ ଆସୁଛନ୍ତି ଯାହା ଫଳରେ ରୋଗୀ ସଂଖ୍ୟା ୪ ହଜାର ୫୫ରୁ ଅଧିକ ହେଲାଣି। ରାଜ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିନକୁ ୧୫ ହଜାର ଲୋକଙ୍କ ସ୍ୱାବ ଟେଷ୍ଟ କରାଯିବ କିନ୍ତୁ ଦୁଃଖର ବିଷୟ ମାତ୍ର ୩ ହଜାର ଲୋକଙ୍କୁ ସ୍ୱାବ ଟେଷ୍ଟ କରାଯାଉଛି ଏପରି ଓଡ଼ିଶାର ୪.୫ କୋଟି ଲୋକଙ୍କୁ ସ୍ୱାବ ଟେଷ୍ଟ କରିବା ପାଇଁ ୧୦୦ ବର୍ଷ ଲାଗିବ। ତୁରନ୍ତ ଆଇନର ପରିବର୍ତନ କରି କିପରି ଅଧିକରୁ ଅଧିକ ଲୋକଙ୍କ ସ୍ୱାବ ଟେଷ୍ଟ କରାଯାଇ ପାରିବ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ବଢ଼ିଲା ବସ୍ ଭଡ଼ା



ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟରେ ଘରୋଇ ବସ୍ ଭଡ଼ା ବୃଦ୍ଧି ପାଇଛି। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡା କିମି ପ୍ରତି ୩ ପଇସା ଲେଖାଏଁ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପ୍ରତି ୬ ପଇସା ଲେଖାଏଁ ବୃଦ୍ଧି ପାଇଛି। ଏନେଇ ମଙ୍ଗଳବାର ରାଜ୍ୟ ଘରୋଇ ବସ ମାଲିକ ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। କ୍ରମାଗତ ଭାବେ ତେଲ ଦର ବୃଦ୍ଧି ଯୋଗୁଁ ବସ୍ ଭଡ଼ା ବଢ଼ାଯାଇଥିବା ସଂଘ ପକ୍ଷରୁ କୁହାଯାଇଛନ୍ତି। ବସ୍ ଭଡା ବୃଦ୍ଧି ପରେ ଏବେ ଅର୍ଡିନାରି ବସ୍ ଭଡ଼ା ୬୭ରୁ ୭୦ ପଇସାକୁ ବୃଦ୍ଧି ପାଇଛି, ସେହିପରି ସାଧାରଣ ଏକ୍ସପ୍ରେସ ବସ୍ ଭଡ଼ା ୭୦ରୁ ୭୩ ପଇସା ହୋଇଛି। ସେହିପରି ଡିଲକ୍ସ ବସ୍ ଭଡ଼ା ୯୫ ପଇସାରୁ ୧ ଟଙ୍କା ୧ପଇସାକୁ ବଢ଼ିଛି। ଏସି ଡିଲକ୍ସ ଭଡ଼ା ୧ ଟଙ୍କା ୧୭ ପଇସାରୁ ୧ ଟଙ୍କା ୨୩ ପଇସାକୁ ବୃଦ୍ଧି ପାଇଥିବା ନେଇ ବସ୍ ମାଲିକ ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। ଶେଷଥର ପାଇଁ ମାର୍ଚ୍ଚ ୨୧ରେ ବସ୍ ଭଡ଼ା ବୃଦ୍ଧି ପାଇଥିଲା। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବିଭିନ୍ନ ତେଲ କମ୍ପାନୀ ପକ୍ଷରୁ ପେଟ୍ରୋଲ ଦର ଲିଟର ପିଛା ୪୭ ପଇସା ବୃଦ୍ଧି କରାଯାଇଥିବା ବେଳେ ଡିଜେଲ ଲିଟର ପିଛା ୫୭ ପଇସା ବଢ଼ିଛି। ଏହାଫଳରେ କି ପେଟ୍ରୋଲର ଦର୍ ଏବେ ୭୬.୭୩ ଟଙ୍କା ଲିଟର ପିଛା ରହିଛି। ସେହିପରି ଡିଜେଲ୍ ଦର ଲିଟର ପିଛା ୭୫.୧୯ଟଙ୍କା ରହିଛି । ଗତ ୧୦ ଦିନ ମଧରେ ପେଟ୍ରୋଲ ଲିଟର ପିଛା ୫.୪୭ ଟଙ୍କା ଓ ଡିଜେଲ ଲିଟର ପିଛା ୫ ଟଙ୍କା ୪୭ ପଇସା ମହଙ୍ଗା ହୋଇଛି।

## ରାଜ୍ୟରେ ଗତ ୨୪ ଘଂଟାରେ ୨୯୮୮ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୨୯୮୮ ନମୁନାର ପରୀକ୍ଷା କରା ଯାଇଛି। ବର୍ତମାନ ସୁଦ୍ଧା ରାଜ୍ୟରେ ୨୦୫୫୦୧ ନମୁନାର ପରୀକ୍ଷଣ କରା ଯାଇ ସରିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୪୧୬୩ ଟି ମାମଲା ସାମନାକୁ ଆସିଛି ।

## ଆଉ ୧୦୮ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୪୧୬୩କୁ ବୃଦ୍ଧି

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୦୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୧୬୩ କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୦୮ ଜଣଙ୍କ ମଧ୍ୟରୁ ୯୫ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୩ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ




ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ବେଳେ ପଶ୍ଚିମ ବଙ୍ଗରେ ଅମ୍ଫାନ ଡ୍ୟୁଟିରେ ଯାଇଥିବା ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ୧୬ ଜଣ ଜବାନ ଆଜି କରୋନା ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ମାଲକାନଗିରି ଜିଲ୍ଲାରୁ ସର୍ବାଧିକ ୨୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ▶▶ପୃଷ୍ଠା ୭

## ଆର୍ୟୁର୍ବେଦ ଦ୍ୱାରା କରୋନା ଚିକିତ୍ସା ହେବା ପ୍ରଚାର କଲେ ହେବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୬।୬ (ନି.ପ୍ର): ଆୟୁର୍ବେଦ କିମ୍ବା ଆୟୁଷ ଚିକିତ୍ସା ପ୍ରଣାଳୀ ଦ୍ୱାରା କରୋନା ଚିକିତ୍ସା କରିବାକୁ ଭୁଲ ଦାବି କରୁଥିବା ବ୍ୟକ୍ତିଙ୍କ ଉପରେ ଆୟୁଷ ମନ୍ତ୍ରଣାଳୟ କଡା ଆଭିମୁଖ୍ୟ ପ୍ରଦର୍ଶନ କରିଛି। ଆୟୁଷ ମନ୍ତ୍ରଣାଳୟ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ଏକ ଚିଠି ଲେଖି ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଯଦି କୌଣସି ବ୍ୟକ୍ତି ଆୟୁଷ ପଦ୍ଧତି ଦ୍ୱାରା କରୋନା ଭଲ ହେଉଥିବା ନେଇ ଦାବି କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୁଷ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ କହିଛନ୍ତି। ଡ୍ରଗ୍ କଂଟ୍ରୋଲର୍ ଏବଂ ଆନୁଷଙ୍ଗିକ ବିଭାଗ ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

## ଚୀନ୍ ସହିତ ସଂଘର୍ଷ: ଗାଲଭାନ୍ ଭ୍ୟାଲିରେ କର୍ଣ୍ଣେଲଙ୍କ ସମେତ ତିନି ଜବାନ ଶହୀଦ

ନୂଆଦିଲ୍ଲୀ,୧୬।୬ (ନି.ପ୍ର): ପୂର୍ବ ଲଦାଖର ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି)ରେ ବିବାଦକୁ ଶେଷ କରିବା ପାଇଁ ଚୀନ୍ ସହ ସାମରିକ କଥାବାର୍ତା ଚାଲିଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଗାଲଭାନ୍ ଉପତ୍ୟକାରେ ଦୁଇ ଦେଶର ସୈନ୍ୟ ବାହିନୀଙ୍କ ମଧରେ ସଂଘର୍ଷ ଘଟିଥିଲା। ଏହି ସମୟ ମଧରେ ଚୀନ୍ ?ରୁ ଗୁଳି ବିନିମୟରେ ଭାରତୀୟ ସେନାର ଜଣେ କର୍ଣ୍ଣେଲ ଏବଂ ତିନିଜଣ ଜବାନ ପ୍ରାଣବଳୀ ଦେଇଛନ୍ତି । ଅନ୍ୟ ପଟେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସିଡିଏସ୍ ବିପିନ ରାୱତ, ବୈଦେଶିକ

### ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସିଡିଏସ୍ ବିପିନ ରାୱତ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏବଂ ସେନା ମୁଖ୍ୟ ଜେନେରାଲ୍ ଏମ୍ ନରୱାଣେଙ୍କ ସହ ବୈଠକ

ମନ୍ତ୍ରୀ ଏସ ଜୟଶଙ୍କର ଏବଂ ସେନା ମୁଖ୍ୟ ଜେନେରାଲ୍ ଏମ୍ ନରୱାଣେଙ୍କ ସହ ଏ ସମ୍ପର୍କରେ ବୈଠକ କରିଥିବା ଜଣା ପଡିଛି ।

## ଦେଶରେ ବଢାଗଲା କରୋନା ପରୀକ୍ଷଣ କରିବାର କ୍ଷମତା

ନୂଆଦିଲ୍ଲୀ,୧୬।୬ (ନି.ପ୍ର): ଦେଶରେ କୋରୋନା ସଂକ୍ରମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି କରୋନା ପରୀକ୍ଷା କରିବାର କ୍ଷମତାକୁ ବଢା ଯାଇଛି । ବର୍ତମାନ ପ୍ରତିଦିନ ତିନି ଲକ୍ଷ ପରୀକ୍ଷା କରାଯିବ। କେନ୍ଦ୍ରରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ଦେଶରେ ୯୦୭ ଟି ଲ୍ୟାବ ପ୍ରତିଷ୍ଠା କରିଛି। ଏହି ଲ୍ୟାବଗୁଡିକ ମଧ୍ୟରୁ ୬୫୯ ଲ୍ୟାବ ସରକାରୀ ଏବଂ ୨୪୮ ଲ୍ୟାବ ବ୍ୟକ୍ତିଗତ ଅଟେ । ଏହା ସହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରିବାକୁ ଏବଂ ସେଠାରେ ଚିକିତ୍ସା ବ୍ୟବସ୍ଥା କରିବାକୁ କହିଛି।

### ଇସ୍ପାତ ମନ୍ତ୍ରଣାଳୟର 'ଆତ୍ମନିର୍ଭର ଭାରତ' ୱେବିନାରରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

## ଭାରତ ନିଜେ ଆତ୍ମନିର୍ଭର ହେଲେ ହିଁ ବିଶ୍ୱର ଆବଶ୍ୟକତାକୁ ପୂରଣ କରିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୧୬।୬ (ନି.ପ୍ର): ଭାରତ ନିଜେ ଆତ୍ମନିର୍ଭର ହେଲେ ହିଁ ବିଶ୍ୱର ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ମଙ୍ଗଳବାର ଇସ୍ପାତ ମନ୍ତ୍ରଣାଳୟ ଏବଂ ଫିକି ପକ୍ଷରୁ ଆୟୋଜିତ ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହି ରି ଘରୋଇ ଇସ୍ପାତ ବ୍ୟବହାର ବୃଦ୍ଧି ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରର ଇସ୍ପାତ ଆବଶ୍ୟକତା ପୂରଣ ପାଇଁ ଆମଦାନୀକୁ ହ୍ରାସ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଆତ୍ମନିର୍ଭର ଭାରତ: ତୈଳ ଓ ଗ୍ୟାସ କ୍ଷେତ୍ରରେ ଘରୋଇ ଇସ୍ପାତ ବ୍ୟବହାରକୁ ତ୍ୱରାନ୍ୱିତ କରିବା ପ୍ରସଙ୍ଗ ଉପରେ ଆୟୋଜିତ ୱେବିନାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଆତ୍ମନିର୍ଭର ଭାରତ ପାଇଁ ଭାରତୀୟ ଇସ୍ପାତ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଇସ୍ପାତର ଅଧିକ ବ୍ୟବହାର ହୋଇଥାଏ। ଏହି ପରିପ୍ରେକ୍ଷୀରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗ ହେଲେ ଇସ୍ପାତର ବ୍ୟବହାର ମଧ୍ୟ ବଢିବ । ଏହା ଦ୍ୱାରା ନିଯୁକ୍ତି ସୃଷ୍ଟି ହେବ ଓ ଘରୋଇ ଇସ୍ପାତର ଚାହିଦାରେ ମଧ୍ୟ ବୃଦ୍ଧି ଘଟିବ । ଏହାବ୍ୟତିତ ସେ କହିଛନ୍ତି ଭବିଷ୍ୟତରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଇସ୍ପାତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଇସ୍ପାତ ଉତ୍ପାଦନକାରୀ ସମର୍ଥ ଅଟନ୍ତି । ଘରୋଇ ଇସ୍ପାତ ଉଚ୍ଚ କ୍ଷମତା ବିଶିଷ୍ଟ ଏବଂ ସଠିକ୍ ମୂଲ୍ୟ ରହିବା ଦରକାର। ▶▶ପୃଷ୍ଠା ୭



## ଲକ୍ ଡାଉନ୍ ପରେ ଆରମ୍ଭ ହେବ ଲୋକୋ ପାଇଲଟ୍ ପ୍ରଶିକ୍ଷଣ

ଭୁବନେଶ୍ୱର,୧୬।୬ (ନି.ପ୍ର): ଲକ୍ ଡ଼ାଉନ୍ ହେତୁ ସମସ୍ତ ପ୍ରତିବନ୍ଧକ ବଳବତର ଥିବାରୁ ଏହା ସମ୍ପୂର୍ଣ୍ଣ ରୂପେ ହଟିଯିବା ପରେ, ପୂର୍ବ ତଟ ରେଳପଥ ଆସିଷ୍ଟାଂଟ୍ ଲୋକୋ ପାଇଲଟ୍ (ଏଏଲପି) ପ୍ରାର୍ଥୀ ମାନଙ୍କର ପ୍ରଶିକ୍ଷଣକୁ ପୁନଃ ଆରମ୍ଭ କରିବେ। ଜୁନ୍ - ଡ଼ିସେମ୍ବର, ୨୦୧୯ ମଧରେ ମେଡ଼ିକାଲ ପରୀକ୍ଷା ସହିତ ନଥିପତ୍ର ଯାଂଚ ପ୍ରକ୍ରିୟା ସମାପ୍ତ ହୋଇଥିଲା। ଅଗଷ୍ଟ, ୨୦୧୯ ରୁ ଜାନୁୟାରୀ,୨୦୨୦ ମଧରେ ରେଲ୍‌ୱେ ରିକ୍ରୁଟ୍‌ମେଂଟ୍ ବୋର୍ଡ଼ (ଆରଆରବି) ଭୁବନେଶ୍ୱର ଓ ସିକନ୍ଦରାବାଦଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନଙ୍କର ଏକ ପ୍ୟାନେଲ୍ ମିଳିଥିଲା ଏବଂ ତଦ୍‌ନୁଯାୟୀ ସେଗୁଡ଼ିକୁ ତିନିଟି ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼,ୱାଲ୍ଟିୟର୍ ଓ ସମ୍ବଲପୁରକୁ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଯଥା ସମୟରେ ଆରମ୍ଭ ହୋଇଥିଲା ଏବଂ ସମୁଦାୟ ୨୭୦୨ ପ୍ରାର୍ଥୀଙ୍କ ମଧରୁ ୯୫୧ ଜଣଙ୍କୁ ପ୍ରଶିକ୍ଷଣ ନିମନ୍ତେ ପଠାଯାଇଥିଲା, ଅର୍ଥାତ୍ ଖୋର୍ଦ୍ଧା ରୋଡ଼ ମଣ୍ଡଳରୁ ୫୨୩, ସମ୍ବଲପୁର ମଣ୍ଡଳରୁ ୨୬୦ ଓ ୱାଲ୍ଟିୟର ମଣ୍ଡଳରୁ ୧୬୮ ଜଣ। ପ୍ରଶିକ୍ଷଣ ନେଉଥିବା ୯୫୧ ଜଣ ପ୍ରାର୍ଥୀଙ୍କ ମଧରୁ ୨୮୬ ଜଣ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି, କିନ୍ତୁ ଏହା ମଧରେ କୋଭିଡ୍ - ୧୯ ର ପ୍ରକୋପ ହେତୁ ଭାରତ ସରକାରଙ୍କ ଦ୍ୱାରା ଲକ୍ ଡ଼ାଉନ୍ ଘୋଷଣା କରାଗଲା ଏବଂ ଫଳସ୍ୱରୂପ ଅବଶିଷ୍ଟ ପ୍ରାର୍ଥୀମାନଙ୍କ ପ୍ରଶିକ୍ଷଣ ସାମୟିକ ରୂପେ ଅଟକି ଗଲା। ରେଳପଥରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିରାପତା ବର୍ଗର ପଦବୀ ହେଉଛି ଆସିଷ୍ଟାଂଟ୍ ଲୋକୋ ପାଇଲଟ୍ ପଦବୀ। ତେଣୁ ଏଏଲପି ରୂପେ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ପ୍ରଶିକ୍ଷଣ ସମାପ୍ତ ହେବା ନିହାତି ଆବଶ୍ୟକ। ଏଠାରେ ଜଣାଇଦେବା ପ୍ରାସଙ୍ଗିକ ଯେ ପୂର୍ବ ତଟ ରେଳପଥ ଲକ୍ ଡ଼ାଉନ୍ ଉଠିଯିବା ପରେ ତୁରନ୍ତ ପ୍ୟାନେଲ୍‌ରେ ଥିବା ଅବଶିଷ୍ଟ ପ୍ରାର୍ଥୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟ ପୁନଃ ଆରମ୍ଭ କରିବ ଏବଂ ଭାରତ ସରକାରଙ୍କ ନୀତି ଓ ନିୟମ ମାର୍ଗଦର୍ଶିକାରେ ଏଥିପାଇଁ ଅନୁମତି ଅଛି। ପ୍ୟାନେଲ୍‌ରେ ଥିବା ପ୍ରାର୍ଥୀମାନଙ୍କର ବୟସ ସୀମା ଏଥିପାଇଁ ବାଧାପ୍ରାପ୍ତ ହେବ ନାହିଁ। ▶▶ପୃଷ୍ଠା ୭

# କରୋନା ବିଗାଡିଦେଲା ରଜ : କାଁଭାଁ ଖେଳୁଛନ୍ତି ଦୋଳି, ପିଠାପଣା ଫିକା

କନ୍ଧମାଳ,୧୬/୬ (ନି.ପ୍ର): ଚଳିତ ବର୍ଷ କରୋନା ସଂକ୍ରମଣ ଯୋଗୁଁ ରଜ ପରବ ସଂପୂର୍ଣ୍ଣ ଫିକା ପଡିଯାଇଛି। ତା'ସାଙ୍ଗକୁ ମେଘୁଆ ପାଗ ମଧ୍ୟ ରଜକୁ ମାନ୍ଦା କରିଦେଇଛି। କରୋନା ପ୍ରଭାବରୁ ଲୋକେ ଘରେ ବସି ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ଘରେ ବସି ରଜ ପାଳିଥିବା ଦେଖିବାକୁ ମିଳିଥିଲା। ମହିଳା ମାନେ ଓ ଝିଅମାନେ ନୂଆ ପୋଷାକ ପିନ୍ଧିବା ସହ ସଜବାଜ ହୋଇ ନାନା ରକମ ପିଠାପଣା କରି ଘରେ ରଜ ପାଳିଥିବା କଥା କହିଛନ୍ତି ହେଲେ କରୋନା ଭୟରେ ସାଇ ପଡୋଶୀରେ ପିଠାପଣା ବାଣ୍ଟିବା ଓ ଅନ୍ୟ ଲୋକଙ୍କଠାରୁ ନେବାକୁ ଭୟ ଅତି ଆପଣାର ଲୋକ ମଧ୍ୟ ସଙ୍କୋଚ କରୁଛନ୍ତି ଏଥିପାଇଁ । କରୋନା ପାଇଁ ସରକାର କଟକଣା ଜାରୀ କରିଥିବା ଫଳରେ ଲୋକେ ନିୟମକୁ ମାନି ଘର ଭିତରେ ରଜ ପାଳିଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ କଟକଣା ଜାରୀ ହୋଇଥିଲା। ବାହାରେ ଦୋଳୀ କିମ୍ବା ରଜ ପାଳିବେ ନାହିଁ। ଏକାଧିକ ସଂଖ୍ୟାରେ ଲୋକ ଗୋଟିଏ ସ୍ଥାନରେ ଜମା ହୋଇ ରହିବେ ନାହିଁ। ଫଳରେ ରଜ ଏଥର ଫିକା ପଡିଥିଲା। କାଁଭାଁ କିଛି ଯାଗାରେ ଝିଅମାନେ ଖେଳୁଥିବାର ଦେଖିବାକୁ ମିଳୁଛି। ମନ୍ଦିର ଗୁଡିକ ମଧ ବନ୍ଦ ରହିଛି ଜିଲ୍ଲାରେ। କରୋନା ଏଥର ଖୁସି ଓ ରଜ ଛଡାଇ ନେଇଥିବା ମହିଳା ମାନେ କହିଛନ୍ତି। ତେବେ, ବଂଚିଥିଲେ ଆଗକୁ ପୁଣି ରଜ ଆସିବ ସେମାନେ ଧୁମଧାମ୍‌ରେ ପାଳିବେ ବୋଲି ଆହୁରି କହିଥିଲେ। ବଜାର ମଧ କରୋନା ପାଇଁ ଖାଁ ଖାଁ ଲାଗୁଛି। କେବଳ ଫୁଲବାଣୀ ନୁହେଁ ଜିଲ୍ଲାର ବାଲିଗୁଡା, ଜି.ଉଦୟଗିରି, ତୁମୁଡିବନ୍ଧ, କୋଟଗଡ, ଟିକାବାଲି, ଫିରିଙ୍ଗିଆ ସବୁ ସ୍ଥାନରେ ରଜ ଫିକା ପଡିଯାଇଥିବା ଦେଖିବାକୁ ମିଳିଛି। ଏପଟେ ବର୍ଷା ମଧ ରଜକୁ ଫିକା କରିଦେଇଛି।

# ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ପାଳନ

ଭୁବନେଶ୍ୱର,୧୬/୬ (ନି.ପ୍ର): ଆଧୁନିକ ଓଡ଼ିଆ ତଥା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଓ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବରପୁତ୍ରଙ୍କ ପ୍ରତମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ଫକୀରମୋହନ ସେନାପତିଙ୍କୁ ସାଧାରଣରେ ସଂକ୍ରାନ୍ତି ପୁରୁଷ କୁହାଯାଏ କାରଣ ସେ ମକର ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିବା ବେଳେ ରଜ ସଂକ୍ରାନ୍ତିରେ ଦେହତ୍ୟାଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀ ମଂଚେଶ୍ୱର ଶାଖାର ଉପଦେଷ୍ଟା ନିମାଇଁ ଦାସ, ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ବାସନ୍ତି ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଇଂ. ଶିବ ପ୍ରସାଦ ମିଶ୍ର, ଅକ୍ଷୟ ଜେଠୀ, ନିରଂଜନ ପାତ୍ର ଓ ସିଧାଂଶୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

# ବସୁମତୀ ସାହିତ୍ୟ ସଂସଦର ୧୫ତମ ରଜଉତ୍ସବ ପାଳିତ

ଜୟପୁର,୧୬/୬ (ନି.ପ୍ର): ପହଲି ରଜ ପାଳନ ଅବସରରେ ସାମ୍ପ୍ରତିକ କୋଭିଡ- ୧୯ ମହାମାରୀ ଭୟାବହିତା ଦୃଷ୍ଟିରୁ ପ୍ରଶାସନର କଟକଣାକୁ ଦୃଷ୍ଟିରେ ରଖି ସୀମିତ କର୍ମକର୍ତାଙ୍କ ଗହଣରେ ବସୁମତୀର ସଭାପତି ବିଷ୍ଣୁ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ବସୁମତୀ ପତ୍ରିକା-୨୦୨୦ ଲୋକାର୍ପଣ ସହ ନିରାଡମ୍ବର ଭାବେ ରଜ ପର୍ବ ପାଳନ କରାଯାଇଥିଲା । ଇତ୍ୟ ଅବସରରେ ପୂର୍ବ ସ୍ଥିରୀକୃତ ପ୍ରସ୍ତାବ ଆଧାରରେ କୋଭିଡ୍ ଯୋଦ୍ଧା ଭାବେ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ତଥା କର୍ମଚାରୀ ମାନଙ୍କୁ ବସୁମତୀ -୨୦୨୦ ସମ୍ମାନ ୯ଟି ଅନୁଷ୍ଠାନକୁ ପ୍ରଦାନ କରାଗଲା। ଏହି ଅନୁଷ୍ଠାନ ଗୁଡିକ ହେଲା ଉପ ଜିଲାପାଳ, ପୌର ପ୍ରଶାସନିକ ଅଧିକାରୀ ଏସଡିପିଓ, ଟାଉନ ଥାନା ଅଧିକାରି, ସଦର ଥାନା ଅଧିକାରି, ମହିଳା ଥାନା ଅଧିକାରି ଅଗ୍ନିସମ ଅଧିକାରୀ ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଟ, ପୂର୍ତ ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ତତ ସହିତ ସମାଜସେବୀ ତଥା ଶିକ୍ଷକ ପ୍ରଫୁଲ୍ଲ କୁମାର ପାଠୀଙ୍କୁ ମଧ ବସୁମତୀ ସମ୍ମାନ-୨୦୨୦ ପ୍ରଦାନ କରାଯାଇଥିଲା। ସମ୍ପାଦକ ଚନ୍ଦ୍ରମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସଂପାଦକୀୟ ବିବରଣି ପାଠ କରିଥିଲେ । ଲୋକନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯଜ୍ଞେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରରମ୍ଭରେ ଦେବଦତ ପାତ୍ର ପ୍ରାରମ୍ଭିକ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଘାସିରାମ ମହାପାତ୍ର, ରାଜେନ୍ଦ୍ର କୁମାର ଜେନା, ଶ୍ୟାମ ସୁନ୍ଦରଗୁରୁ, ଆଶୀତ ରଂଜନ ବାରିକ ପ୍ରଦୀପ କୁମାର ଦାଶ, ବିଜୁଳୀ ପାତ୍ର, ସମସ୍ତ ସାମାଜିକ ଦୁରତ ଅବଲମ୍ବନ କରାଯାଇଥିଲା। ଏ ବର୍ଷ ରଜର ସାଂସ୍କୃତିକ ଉତ୍ସବ ହୋଇପାରିନଥିବାରୁ ସଂପାଦକ ଦୁଃଖ ପ୍ରକାଶ କରିଥିଲେ।

# ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ

ଜଳେଶ୍ୱର,୧୬/୬ (ନି.ପ୍ର): ସଂକ୍ରାନ୍ତି ପୁରୁଷ ତଥା ବ୍ୟାସକବି ଫକୀରମୋହନ ଙ୍କ ୧୦୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତୀମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି । ଆଜି ଶିକ୍ଷକ-ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଓ ଫକିରମୋହନ ସ୍ମୃତି କମିଟି ପକ୍ଷରୁ ଲକ୍ଷଣନାଥ ହାଟପଦା ସେବାଶ୍ରମରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଦିଲ୍ଲିପ କୁମାର ଗିରି, ରବିନ୍ଦ୍ର ବାରିକ, ଭାସ୍କର ମିଶ୍ର, କୂଳଦିପ ଗିରି, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ, ଡ. ଅଜିତ୍ ମହାନ୍ତି,



ରବିନ୍ଦ୍ର ବାରିକ, ଡ. ବିପିନ ବିହାରୀ ବିଶ୍ୱାଳ, ଶରତ ପରିଡା, ଅଜୟ ଗିରି ପ୍ରମୁଖ ସ୍ମୃତିଚାରଣ କରିବା ସହିତ ମାଲ୍ୟାର୍ପଣ କରିଥିଲେ ।

# କନ୍ଧମାଳ ଜିଲ୍ଲାରୁ ଗୋଟିଏ ଦିନରେ ସବୁଠାରୁ ଅଧିକ ୪୮ଟି ନୂଆ ମାମଲା

ଭୁବନେଶ୍ୱର,୧୬/୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତମାନ ଏହି ସଂଖ୍ୟା ୩୯୦୯ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି । ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଜି ୬୯୦ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୩୬୨ ଜଣ , କଟକ ଜିଲ୍ଲାରେ ୩୪୨ ଜଣ, ଯାଜପୁର ଜିଲ୍ଲାରେ ୩୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲୀରେ ୨୧୨, ଭଦ୍ରକ ଜିଲ୍ଲାରେ ୧୭୭ , କେନ୍ଦ୍ରାପଡା ଜିଲ୍ଲାରେ ୧୭୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୧୫୮ , ପୁରୀ ଜିଲ୍ଲାରେ ୧୫୫, ବଲାଙ୍ଗୀର ଜିଲ୍ଲାରେ ୧୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୧୩୭ ଜଣ, ସୁନ୍ଦରଗଡ ଜିଲ୍ଲାରେ ୧୩୦ , ମୟୁରଭଂଜ ଜିଲ୍ଲାରେ ୧୨୧ ଜଣ ଓ ନୟାଗଡ ଜିଲ୍ଲାରେ ୧୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ୧୫୮ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଗଜପତି ଜିଲ୍ଲାରେ ୯୯, ନୂଆପଡା ଜିଲ୍ଲାରେ ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ କେନ୍ଦୁଝର ଜିଲ୍ଲାରେ ୭୦, କଳାହାଣ୍ଡି ଜିଲ୍ଲାରେ ୫୭ ଢେଙ୍କାନାଳ ଜିଲ୍ଲାରେ ୫୨, ଦେବଗଡ ଜିଲ୍ଲାରେ ୪୦, ଅନୁଗୁଳ ଜିଲ୍ଲାରେ ୪୭ ତଥା ବୌଦ୍ଧ ଜିଲ୍ଲାରେ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରେ ୩୪ , ସୋନପୁର ଜିଲ୍ଲାରେ ୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୨୪ ଓ କୋରାପୁଟ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୧୮ , ରାୟଗଡା ଜିଲ୍ଲାରେ ୧୨ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଗିରଫ ଅଭିଯୁକ୍ତ ଥାନାରୁ ଚମ୍ପଟ୍

ନବରଙ୍ଗପୁର,୧୬/୬ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ଥାନାରୁ ଜଣେ ଗିରଫ ଅଭିଯୁକ୍ତ ଚମ୍ପଟ୍ ମାରିଛି। ଗତକାଲି ପୋଲିସ ତିନି ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା । ବେଆଇନ ଭାବେ ଗାଡିରୁ ଟିକସ ଆଦାୟ ବେଳେ ଏମାନେ ଧରାପଡିଥିଲେ । ଗିରଫଙ୍କ ମଧ୍ୟରେ ଛତିଶଗଡ଼ ପୋଲିସର ଜଣେ କର୍ମଚାରୀ ମଧ୍ୟ ସାମିଲ୍ ଥିବା ସୂଚନା ମିଳିଛି । ସେ ଛୁଟିରେ ଥାଇ ପୋଲିସ ୟୁନିଫର୍ମରେ ଅନ୍ୟ ଦୁଇ ଜଣଙ୍କ ସହିତ ମିଶି ଟିକସ ଆଦାୟ କରୁଥିଲେ ।

# ୧୯ରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୬/୬ (ନି.ପ୍ର): ଆସନ୍ତା ୧୯ ତାରିଖ ବେଳକୁ ଉତର ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭବନା ରହିଛି। ସେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ଉତର ଆଭ୍ୟନ୍ତରୀଣ ଓଡ଼ିଶା ଓ ତତ୍‌ସଂଲଗ୍ନ ଅଂଚଳ ଉପରେ ଥିବା ଘୂର୍ଣ୍ଣିବଳୟ ଏବେ ପୂର୍ବ ମଧ୍ୟପ୍ରଦେଶ ଓ ଏହାର ପାର୍ଶ୍ୱବର୍ତୀ ଅଂଚଳ ଉପରେ ରହିବା ସହ ଦକ୍ଷିଣ ପୂର୍ବ ଉତରପ୍ରଦେଶ ଏବଂ ପାର୍ଶ୍ୱବର୍ତୀ ଅଂଚଳ ପର୍ଯ୍ୟନ୍ତ ସମୁଦ୍ର ପତନ ଠାରୁ ୭.୬ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ବିସ୍ତୃତ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ନବରଙ୍ଗପୁର, କୋରାପୁଟ, ଜଗତସିଂହପୁର, ପୁରୀ, କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଯାଜପୁର ଏବଂ ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିସହ ୧୬ ତାରିଖ ଦିନ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର ଓ କେନ୍ଦୁଝର ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୧୭ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର ଓ କଟକ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ୧୮ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ସମ୍ବଲପୁର ଓ ଅନୁଗୁଳରେ ପ୍ରବଳ ବର୍ଷା ଏବଂ ୧୯ ତାରଖ ଦିନ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ସୋନପୁର ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

# ମୁସଲିମ୍ ୱେଲଫେୟାର ସୋସାଇଟି ପକ୍ଷରୁ ମାସ୍କ ବଣ୍ଟନ

ବାଲେଶ୍ୱର,୧୬/୬ (ନି.ପ୍ର): କ୍ଷବାଲେଶ୍ୱର ମୁସଲିମ୍ ୱେଲଫେୟାର ସୋସାଇଟି ପକ୍ଷରୁ ସ୍ୱଚ୍ଛତା ରକ୍ଷା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ମୁସଲିମ ୱେଲଫେୟାର ସୋସାଇଟିର ସଭାପତି ରେହାନ୍ କ୍ୱାଦ୍ରି, ସମ୍ପାଦକ ସଲିମ୍ ରାଜା, ଉପ-ସଭାପତି ମହମ୍ମଦ ଅସଲମ୍ ଖାନ୍, ଶେଖ୍ ଆୟୁବ୍, ଯୁଗ୍ମ ସମ୍ପାଦକ ହାଜି ଗୁଲାମ ଖାନ୍, ହାଜି ମଜିଦ୍, ହାଜି ଶେଖ୍ ଜମାଲଙ୍କ ସମେତ ସଂଗଠନର ବହୁ ସଦସ୍ୟ ଏଥିରେ ଯୋଗଦେଇ ସହରର ବିଭିନ୍ନ ବସ୍ତି ଅଞ୍ଚଳ ତଥା ମ୍ୟୁନିସିପାଲଟି ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ସଚେତନ କରିଥିଲେ। ମହାମାରୀ କରୋନାକୁ ଭୟ ନ କରି ଏହାର ମୁକାବିଲା ପାଇଁ ସ୍ୱଚ୍ଛତା




ଉପରେ ଗୁରୁତ୍ୱ ଦେବାକୁ ସେମାନେ ସମସ୍ତଙ୍କୁ କହିଥିଲେ। ସମସ୍ତଙ୍କୁ ମାସ୍କ ବଣ୍ଟନ କରିବା ସହିତ ସାମ୍ପ୍ରତିକ କରୋନା ସଂକ୍ରମଣ ସମୟରେ ସ୍ୱଚ୍ଛତା, ସାମାଜିକ ଦୂରତା ରକ୍ଷା, ସରକାରଙ୍କ ସଟ୍ ଡାଉନ୍ ଓ ଲକ୍ ଡାଉନ୍ ପାଳନ ପ୍ରତି ବିଶେଷ ଯତ୍ନବାନ ହେବାକୁ ସୋସାଇଟିର କର୍ମକର୍ତ୍ତା ଓ ସଦସ୍ୟମାନେ କହିଥିଲେ। ସୋସାଇଟି ପକ୍ଷରୁ ପୂର୍ବରୁ ବିଭିନ୍ନ ପ୍ରକାର ସାମଜସେବା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏହି ଅବସରରେ ସୋସାଇଟି ପକ୍ଷରୁ ଆଜି ୧୧ଶହରୁ ଉର୍ଦ୍ଧ୍ୱ ମାସ୍କ ବଣ୍ଟନ କରାଯାଇଥିଲା।

# ଭାଲୁ ଆକ୍ରମଣରେ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୬/୬ (ନି.ପ୍ର): ଗତକାଲି ଭାଲୁ ଆକ୍ରମଣରେ ଦୁଇଜଣଙ୍କର ମୃତ୍ୟୁ ଘଟିବାର ୧୨ ଘଂଟା ପରେ ଆଜି ଭାଲୁ ଆକ୍ରମଣରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ବିଲକୁ ଯାଇଥିଲା ବେଳେ ଭାଲୁ ଆକ୍ରମଣର ଶୀକାର ହୋଇଥିଲେ । ସୂଚନାଯୋଗ୍ୟ ଯେ, ରେଢ଼ାଖୋଲରେ ଭାଲୁ ଆକ୍ରମଣରେ ଗତକାଲି ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ । ଜୀବନକୁ ବଂଚାଇବାକୁ ଯାଇ ଅନ୍ୟ ଦୁଇଜଣ ଗଛ ଉପରକୁ ଚଢ଼ି ଯାଇଥିଲେ । ବନ ବିଭାଗ ଏ ସମ୍ପର୍କରେ ଖବର ପାଇବା ପରେ ଘଟଣାସ୍ଥଳରେ ପହଂଚିଥିଲେ । ଖବରନେବାରେ ଜଣାଯାଏ ଯେ, ମହୁ ସଂଗ୍ରହ ପାଇଁ ବଡ଼ବାହାଲ ରେଞ୍ଜ ଟାଲଗାଁ ନିକଟ ଜଙ୍ଗଲକୁ ଯାଇଥିଲେ । ସେଠାରେ ସେମାନେ ଭାଲୁ ଆକ୍ରମଣର ଶୀକାର ହୋଇଥିଲେ।

# ବ୍ରହ୍ମପୁର ବଡ଼ବଜାରରେ ଗଣେଷ ମାର୍କେଟ୍ କମ୍ପ୍ଲେକ୍ସ ସିଲ୍

ଗଞ୍ଜାମ,୧୬/୬ (ନି.ପ୍ର): ବ୍ରହ୍ମପୁର ବଡ଼ବଜାର ଗଣେଷ ମାର୍କେଟ୍ କମ୍ପ୍ଲେକ୍ସକୁ ସିଲ୍ କରିଛି ପ୍ରଶାସନ । ଲକ୍ ଡାଉନ୍ ରେ ଖୋଲାଥିବାରୁ ଏହାକୁ ସିଲ୍ କରିଛି ଜିଲ୍ଲା ପ୍ରଶାସନ । ଲକ୍ ଡାଉନ୍ ସମୟରେ ଜିଲ୍ଲାରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ରହିଛି । ତେବେ ଏହାକୁ ଅବମାନନା କରି ମାର୍କେଟ୍ କମ୍ପ୍ଲେକ୍ସ ଖୋଲାଯାଇଥିବାରୁ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ କରୋନା ରୋଗୀ ସଂଖ୍ୟା ରାଜ୍ୟରେ ସର୍ବାଧିକ ଥିବା ଏବଂ ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଜିଲ୍ଲାକୁ ଗତକାଲି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ୍ ଘୋଷଣା କରିଛନ୍ତି । ଏହି ଅବଧି ମଧ୍ୟରେ ରାତି ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ । ଏଥିସହିତ ପୂର୍ବଭଳି ଶନିବାର ଓ ରବିବାର ସର୍ଟ ଡାଉନ୍ ବଳବତର ରହିବ । ଶନିବାର ଓ ରବିବାର ବ୍ୟତିତ ଅନ୍ୟଦିନ ମାନଙ୍କରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ । ଦିନ ୧୨ଟା ପରେ ଜରୁରୀ କାମ ନଥିଲେ କେହି ଘରୁ ନବାହାରିବାକୁ ପରାମର୍ଶ ଦିଆଯାଇଛି । ଏପରିକି ଦିନ ୧୨ଟା ପରେ ବସ୍, ଅଟୋ ଓ କାର୍ ଚଳାଚଳକୁ ମଧ ନିସିଦ୍ଧ କରାଯାଇଛି । ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଦିନ ୧୨ ଟା ଠାରୁ ତା' ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଲକ୍ ଡାଉନ୍ କଟକଣା କଡ଼ାକଡ଼ି କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ।

# 'ଓଡ଼ିଶାର ଶ୍ରମଜୀବୀ ଜନତା ଜଣେ ସଂଗ୍ରାମୀ ସାଥୀଙ୍କୁ ହରାଇଛନ୍ତି'

## 'ଟିୟୁସିସି'ପକ୍ଷରୁ ଗଣନାଥ ପାତ୍ରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଶ୍ରମିକ-କର୍ମଚାରୀ ସଂଘମାନଙ୍କର ମିଳିତ ମଞ୍ଚ ଟି.ୟୁ.ସି.ସି. ପକ୍ଷରୁ ଓଡ଼ିଶାର ଅନ୍ୟତମ ସଂଗ୍ରାମୀ ନେତା ତଥା ବିଭିନ୍ନ ଗଣ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ଗଣନାଥ ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପରିବହନ କର୍ମଚାରୀ ସଂଘ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସାଧାରଣ ସଂପାଦକ ଗେରାଙ୍ଗ ପାଣିଗ୍ରାହୀ, ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସି.ପି.ଏମ୍. ଜିଲ୍ଲା ସଂପାଦକ ଶିଶିର ହୁଇ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର ଜିଲ୍ଲା ସଭାପତି ଡକ୍ଟର ବଂଶୀଧର ଚୌଧୁରୀ, ବାମପନ୍ଥୀ ନେତା ନିର୍ମଳ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, କବି ରମେଶ ଚନ୍ଦ୍ର ଜେନା,




ଡାକକର୍ମଚାରୀ ନେତା ଅକ୍ଷୟ କୁମାର ତ୍ରିପାଠୀ, ପ୍ରତିରକ୍ଷା କର୍ମଚାରୀ ନେତା ଆଲୋକ ଚନ୍ଦ୍ର ମହାନ୍ତି, ନାରୀନେତ୍ରୀ ସନ୍ଧ୍ୟାଦାସ ମଜୁମଦାର ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଏଥିରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ୱର୍ଗତ ଗଣନାଥ ପାତ୍ରଙ୍କ ଜୀବନାଦର୍ଶ ଓ ସଂଗ୍ରାମୀ ଜୀବନଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ମାର୍କ୍ସ ଓ ଲେନିନ୍‌ବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଗତ ୭୦ ଦଶକରେ ପାରଳାଖେମୁଣ୍ଡି ସରକାରୀ ମହାବିଦ୍ୟାଳୟର ଅଧ୍ୟାପନା ଦାୟିତ୍ୱରୁ ଇସ୍ତଫା ଦେଇଥିଲେ। ସେ ଦୀର୍ଘବର୍ଷଧରି ଆତ୍ମଗୋପନ କରି ପଶ୍ଚିମବଂଗ, ଓଡ଼ିଶା, ବିହାର ଓ ଆନ୍ଧ୍ରପ୍ରଦେଶରେ ପାଟିର ସଂଗଠନ ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ଧରିଦେବା ପାଇଁ ପୋଲିସ୍ ତରଫରୁ ପୁରସ୍କାର ଘୋଷଣା କରାଯାଇଥିଲା। ସେ ବାଲିଆପାଳ ଘାଟି ବିରୋଧି ଆନ୍ଦୋଳନ, କାଶିପୁର ବିସ୍ଥାପିତ ଆଦିବାସୀ ଆନ୍ଦୋଳନ ଓ ନାରାୟଣ ପାଟଣା ପ୍ରଭୃତି ଭୂମିହୀନ କୃଷକ ଆନ୍ଦୋଳନକୁ ସଂଗଠିତ କରିବାରେ ପ୍ରମୁଖ ତତ୍ତ୍ୱବିତ୍‌ଭାବେ କାର୍ଯ୍ୟକରୁଥିଲେ। ପୋଲିସ୍ ଦ୍ୱାରା ଗିରଫ ହୋଇ ଦୀର୍ଘଦିନ ଜେଲ୍‌ରେ ରହିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଗତ କିଛିଦିନ ଧରି ସେ ଚିକିତ୍ସାଧୀନ ଥାଇ ରାଉରକେଲାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଛାତ୍ରଜୀବନରେ ସ୍ୱର୍ଗତଃ ପାତ୍ର ଜଣେ ମେଧାବୀ ଓ ଆଦର୍ଶ ଛାତ୍ରଭାବେ ବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତାଙ୍କର କୃତିତ୍ୱ ପାଇଁ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଶ୍ରମଜୀବୀଜନତା ଜଣେ ଦରଦୀ ତଥା ସଂଗ୍ରାମୀ ସାଥୀଙ୍କୁ ହରାଇଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତଃ ଗଣନାଥଙ୍କ ସମ୍ମାନାର୍ଥେ ସମସ୍ତେଏକ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରେମରଂଜନ ପାତ୍ର, ଶ୍ୟାମସୁନ୍ଦର ଜେନା, ଅସିତ୍ ବରଣ ଦାସ, ରବିନାରାୟଣ ମିଶ୍ର ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଷ୍ଟେସନରୋଡ଼ରେ ଅବହେଳିତ ବୃଦ୍ଧଙ୍କର ମୃତ୍ୟୁ

ବାଲେଶ୍ୱର,୧୬/୬ (ନି.ପ୍ର): ବାଲେଶ୍ୱର ସହରର ଷ୍ଟେସନରୋଡ୍‌ରେ ଦୀର୍ଘ ୬ମାସଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଜନୈକ ଅଚିହ୍ନା ବୃଦ୍ଧଙ୍କର ଆଜି ମୃତ୍ୟୁ ହୋଇଯାଇଛି। ରାସ୍ତାରେ ଯାଉଥିବା ଲୋକ ଓ ସାଇମନ୍ଦିରକୁ ଆସୁଥିବା ଭକ୍ତଙ୍କ ଦାନରେ ଖାଇପିଇ କୌଣସି ମତେ



ପୌରପାଳିକାର ଅର୍ଦ୍ଧନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଗୋଟିଏ ଘରେ ସେ ରହୁଥିଲା। ତେବେ ସମ୍ପୃକ୍ତ ବୃଦ୍ଧଙ୍କ ସମେତ ଏକାଧିକ ପାଗଳ ପାଗିଳି ବି ସେଠାରେ ଆସି ରହିବା ଦେଖି ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ମାର୍ଚ୍ଚମାସ ଶେଷ ସପ୍ତାହରେ କରୋନା ପାଇଁ ସଟ୍ ଡାଉନ୍ ହେବା ଭିତରେ ଅନ୍ୟ ପାଗଳ ପାଗିଳିମାନେ ସେଠାରୁ ଚାଲି ଯାଇଥିବା ବେଳେ ଏହି ବୃଦ୍ଧ ଜଣକ ସେଇ ଅର୍ଦ୍ଧନିର୍ମିତ ଗୃହରେ ରହୁଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତାଙ୍କର ଘର ମୟୂରଭଂ ଜିଲ୍ଲାର ବୋଲି ବୃଦ୍ଧଙ୍କଠାରୁ ଜାଣିବା ପରେ କରୋନା ଭଳି ସ୍ଥିତିରେ ଘରକୁ ଚାଲିଯିବା ପାଇଁ ଲୋକମାନେ ତାଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ପୁଅ-ବୋହୁଙ୍କଠାରୁ ମାଡ଼ ଖାଇ ଘରଛାଡ଼ି ପଳାଇ ଆସିଥିବା କାରଣରୁ ସେ ଆଉ ଘରକୁ ଫେରିବେ ନାହିଁ ବୋଲି ବୃଦ୍ଧ ଜଣକ ଲୋକମାନଙ୍କୁ କହିଥିଲେ। ତେବେ ଗତ ୧ମାସ ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସହ ଅର୍ଦ୍ଧ ନିର୍ମିତ ଘରୁ ସେ ଆଉ ବାହାରକୁ ଆସୁନଥିଲେ। ଏହା ଦେଖି ପ୍ରଶାସନ ଓ ପୌରପାଳିକା ଅଧିକାରୀଙ୍କ ସହ ସ୍ଥାନୀୟ ଲୋକେ ଯୋଗଯୋଗ କରିବା ସହ ତାଙ୍କୁ ଡାକ୍ତରଖାନା ନେବାକୁ କହିଥିଲେ। ମାତ୍ର ଅଧିକାରୀମାନେ ବୃଦ୍ଧଙ୍କୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବି ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରିଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିବା ପରେ ପୌରପାଳିକା ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଆସି ମୃତଶରୀର ନେଇ ଯାଇଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ହେଲେ ବିଜେପିର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ

ଜଳେଶ୍ୱର,୧୬/୬ (ନି.ପ୍ର): ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କୁ ନିକଟରେ ରାଜ୍ୟ ମୁଖ୍ୟ ସାଂଗଠନିକ କମିଟିର ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଭାବେ ମନୋନୀତ କରାଯାଇଛି । ସେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ୧୯୯୫ରୁ ୨୦୦୪ ପର୍ଯ୍ୟନ୍ତ ଦୀର୍ଘ ୯ବର୍ଷ ବିଧାୟକ ଭାବେ ରହି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ୧୫ ବର୍ଷରୁ ଉର୍ଦ୍ଧ୍ୱ ସେ ଜିଲା କଂଗ୍ରେସରେ ସଭାପତିଭାବେ ନିରବଚ୍ଛିନ୍ନ କାର୍ଯ୍ୟ କରିଥିଲେ । ସେ ଜଣେ ଦକ୍ଷ ନେତା ହୋଇଥିବାରୁ ଏହି ପରିପ୍ରେକ୍ଷିରେ ବିଜେପିର ରାଷ୍ଟ୍ରିୟ ଅଧ୍ୟକ୍ଷ ଜେପି କଡ୍ଡା, ମହାସଚିବ ଓ ଓଡିଶା ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି । ଫଳରେ ଜଳେଶ୍ୱରର ବହୁ ବିଜେପି ନେତା ଧନ୍ୟବାଦ ଦେବା ସହିତ ଦଳର ମଜବୁତ୍ ହୋଇପାରିବ ବୋଲି କହିଛନ୍ତି ।

# ସ୍ୟାଣ୍ଡ ଆନିମେସନ ଜରିଆରେ ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂହରାଜପୁତଙ୍କୁ ମାନସଙ୍କ ଶ୍ରଦ୍ଧାଞ୍ଜଳି

ପୁରୀ,୧୬/୬ (ନି.ପ୍ର): ବାଲୁକା ଶିଳ୍ପୀ ମାନସ ସାହୁ ନିଜର ସ୍ୟାଣ୍ଡ ଆନିମେସନ ଜରିଆରେ ବଲିଉଡ୍ ର ବହୁମୁଖୀ ପ୍ରତିଭା ତଥା ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂହରାଜପୁତଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ନିଜର ଉଚ୍ଚକୋଟୀର ସ୍ୟାଣ୍ଡ ଆନିମେସନ ଜରିଆରେ ସେ ଲୋକପ୍ରିୟ ଅଭିନେତା ସୁଶାନ୍ତଙ୍କ ଛବି ଆଙ୍କିଥିଲେ । ଯାହାକି ଅତ୍ୟନ୍ତ ସୁନ୍ଦର ଓ କଲରଫୁଲ୍ ହୋଇଥିବା ଦେଖିବାକୁ ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ, ବଲିଉଡ୍ ଅଭିନେତା ସୁଶାନ୍ତ ହିନ୍ଦି ଚଳଚ୍ଚିତ୍ର କାଇ ପୋଚେ ଏବଂ ଏମ.ଏସ. ଧୋନି ରେ ନିଜର ଉଚ୍ଚକୋଟୀର ଓ ନିଖୁଣ ଅଭିନୟ ପାଇଁ କୋଟି କୋଟି ଦର୍ଶକଙ୍କ ହୃଦୟ ଜିଣି ପାରିଥିଲେ । ଗତକାଲି ବାନ୍ଦ୍ରାସ୍ଥିତ ଭଡ଼ାଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା ପୋଲିସ ।

# ଷ୍ଟିମବାଥର କରାମତି

ବହୁ ଆଗରୁମାନେ କହିବାକୁ ଗଲେ ପ୍ରାଚୀନ ରୋମନ ସଭ୍ୟତା ସହିତ ଷ୍ଟିମବାଥ ଜଡ଼ିତ । ଯେଉଁଠାରୁ ଏହାର ଉତ୍ପତି ବୋଲି କୁହାଯାଏ । ପ୍ରାଚୀନ କାଳରେ ରୋମନବାସୀ ଏକ ନୂଆପ୍ରକାର ଶାରୀରିକ ସମସ୍ୟାରୁ ମୁକ୍ତି ପାଇବା ନିମନ୍ତେ ଏହାର ବ୍ୟବହାର କରୁଥିଲେ । ଷ୍ଟିମବାଥ ଦ୍ୱାରା ଅନେକ ପ୍ରକାର ସମସ୍ୟାରୁ ତ୍ରାହି ମିଳିଥାଏ । ଦିନକୁ ଦିନ ଏହାର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଇଛି । ଯାହାଫଳରେ କି ଶରୀରକୁ ରିଲାକ୍ସ କରିବା ସହିତ ଅନେକ ପ୍ରକାର ରୋଗ ଦୂର କରିବାରେ ସାହାଯ୍ୟ କରିଥାଏ । ଏକ କୋଠରୀକୁ ବାମ୍ପ ସାହାଯ୍ୟରେ ଅତି କମ୍‌ରେ ୧୧୦ରୁ ୧୧୪ ଡିଗ୍ରୀ ଫାରେନାଇଟ ତାପମାତ୍ରାରେ ରଖାଯାଇଥାଏ । ସେହି ଘରେ କିଛି ସମୟ ପର୍ଯ୍ୟନ୍ତ ରହି ସେହି ବାମ୍ପ ମଧମରେ ସ୍ନାନ କରିଥାନ୍ତି । ଅର୍ଥାତ ପୁରା ଶରୀରକୁ ବାମ୍ପରେ ସେକା ହୋଇଥାଏ । ଯାହାକୁ କି ଷ୍ଟିମବାଥ ବୋଲି କୁହାଯାଏ । ଯାହାଫଳରେ କି ଶରୀରକୁ ହାନିକାରକ ପଦାର୍ଥ ସବୁ ବାହାରିଯାଏ । ଅତି କମରେ ୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମବାଥ ନେଇପାରିବେ । ତାହେଲେ ଆସନ୍ତୁ ଜାଣିବା ଏହା କେତେମାତ୍ରାରେ ଲାଭଦାୟକ ସାବ୍ୟସ୍ତ ହୋଇଛି ।



### ଓଜନ କମ କରେ :

ଆପଣ ଭାବିପାରିବେ କି ଗାଧେଇବା ଦ୍ୱାରା ଓଜନ କମିଥାଏ । ନାହିଁ ନା, ତାହେଲେ ଆମେ କହିରଖୁଛୁ କି ଷ୍ଟିମବାଥ ନେବା ଫଳରେ ଆପଣଙ୍କ ଓଜନ କମ ହୋଇଥାଏ । ଏହାଫଳରେ ଆପଣଙ୍କ ଶରୀରରେ ଅତିରିକ୍ତ କ୍ୟାଲେରୀକୁ ବର୍ଣ୍ଣ କରିବାରେ ସହାୟକ ହୋଇଥାଏ । ଫଳରେ ଅନାବଶକୀୟ ଚର୍ବି କମ ହୋଇଥାଏ । ଏବଂ ଓଜନ କମ ହେବାର ସମ୍ଭାବନା ବଢ଼ିଥାଏ ।

-ଷ୍ଟିମବାଥ ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ ।

-ଯଦି ଆପଣ ଜିମ କରିବା ସମୟରେ ମାଂସପେଶୀରେ କଷ୍ଟ ଅନୁଭବ କରୁଛନ୍ତି ଏହାର ବ୍ୟବହାର ଆପଣଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ ।

-ପ୍ରତିରୋଧକ ଶକ୍ତିରେ ମାନେ ଏକପ୍ରକାର ଧଳା ରକ୍ତ କୋଶିକାରେ ସଂଖ୍ୟା ବୃଦ୍ଧି କରିଥାଏ । ଏହି କୋଶିକସବୁ ବ୍ୟାକ୍ଟେରିଆକୁ ମାରି ହାନିକାରକ ଜୀବାଣୁ ସବୁକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

-ମାନସିକ ଦୁଶ୍ଚିନ୍ତା, ଅବସାଦକୁ କିଛି ମାତ୍ରାରେ ହାଲକା କରିବାରେ ସହାୟକ ହୋଇଥାଏ । ତା ସହିତ ନିଦ ମଧ ଠିକ୍ ଭାବରେ ହୋଇଥାଏ ।

-ରକ୍ତଚାପ ଭଳି ସମସ୍ୟାକୁ ଦୂର କରିବାର ବିକଳ୍ପ ବାଟ କହିଲେ ଭୁଲ ହେବନାହିଁ । ଷ୍ଟିମବାଥ ଦ୍ୱାରା ଶରୀରରେ ତାପମାନ ବଢ଼ିବାକୁ ଲାଗେ । ଏହାଫଳରେ ରକ୍ତବାହିକା ଭଲ ଭାବରେ ଶରୀରରେ ପ୍ରଭାହିତ ହୋଇଥାଏ ଏବଂ ରକ୍ତଚାପ କମ ରୁହେ । ହେଲେ ଆଲକହଲ ନେବା ପରେ ଷ୍ଟିମବାଥ ନେବେ ନାହିଁ । ନଚେତ ରକ୍ତଚାପ ବଢ଼ିବାର ସମ୍ଭାବନା ବଢ଼ିଯାଏ ।

-ଅଧିକ ସମୟ ପର୍ଯ୍ୟନ୍ତ ଷ୍ଟିମବାଥ ନେବା ଫଳରେ ହୃଦଘାତ୍ ଜନିତ ମୃତ୍ୟୁଆଶଙ୍କା ଦେଖାଦିଏ । ତେଣୁ ଅଧିକ ସମୟ ପର୍ଯ୍ୟନ୍ତ ଷ୍ଟିମବାଥ ନିଅନ୍ତୁ ନାହିଁ । ଏବଂ ଦିଆଯାଇଥିବା ସମସ୍ତ ନିୟମାବଳୀର ପାଳନ କରିବାକୁ ଭୁଲିବେ ନାହିଁ ।



# କ୍ୟାଟରୀନା ପ୍ୟାରେଡ



ବିଶ୍ୱରେ ଅନେକ ଉତ୍ସବ ପାଳନ କରାଯାଏ । ଭିନ୍ନ ଭିନ୍ନ ଧର୍ମର ଲୋକମାନେ ତାଙ୍କର ଧର୍ମ ଅନୁସାରେ ବିଭିନ୍ନ ପ୍ରକାରର ଉତ୍ସବ ପାଳନ କରିଥାନ୍ତି । ଏହି ସବୁ ଉତ୍ସବ ମାନଙ୍କରେ ସେମାନେ ତାଙ୍କର ଧର୍ମ ଅନୁସାରେ ନୂଆ ପୋଷାକ ପିନ୍ଧିଥାନ୍ତି । କୌଣସି ପ୍ରକାରର ପର୍ବରେ ଲୋକମାନେ ଭୂତ ଓ କଙ୍କାଳର ଡ୍ରେସ ମଧ ପିନ୍ଧୁ ଥିବାର କେହି କେବେ ଶୁଣୁନଥିବେ । ଏପରି ଏକ ପର୍ବ ମେକ୍ସିକୋରେ ପ୍ରତିବର୍ଷ ପାଳନ କରାଯାଏ । ଏହାକୁ ଲୋକମାନେ 'ଡେ ଅଫ ଦି ଡେଡ' ବୋଲି କହନ୍ତି । ଏହି ପର୍ବ ଦୁଇଦିନ ଧରି ପାଳନ କରାଯାଏ । କୁହାଯାଉଛି ଏହି ପର୍ବ ଦୁଇହଜାର ବର୍ଷର ପୁରୁଣା । ସେଠାକାର ଲୋକମାନଙ୍କ ଅନୁସାରେ ସେମାନଙ୍କର ପୂର୍ବଜମାନଙ୍କ ଆତ୍ମା ଗୋଟେ ଦିନ ପାଇଁ ତାଙ୍କ ପରିବାର ସହିତ ରହିବାକୁ ପାଳନ କରାଯାଏ । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଆଜିର ଯୁଗରେ ଲୋକମାନେ ଏପରି କଥାକୁ ବିଶ୍ୱାସ କରୁଛନ୍ତି । କିନ୍ତୁ ପୂର୍ବରୁ ଏହି ପୂର୍ବର ପ୍ରଚଳନ ରହିଥିବାରୁ ତାହାକୁ ଆଜି ମଧ ଲୋକମାନେ ପାଳନ କରୁଛନ୍ତି । ଏହି ଉତ୍ସବରେ ସେ ସହରରେ ଏକ ପ୍ୟାରେଡ ହୁଏ । ଏହା କୌଣସି ସେନା ବା ପୁଲିସଙ୍କର ଏହି ପ୍ୟାରେଡ ନୁହେଁ । ପ୍ୟାରେଡ କଙ୍କାଳ ପରି ବେଶଭୂଷା ପିନ୍ଧୁଥିବାର ଲୋକଙ୍କର । ଏହି ପ୍ୟାରେଡର ନାମ କ୍ୟାଟରୀନା ।



# ସୋରିଷ ଶାଗର ଉପକାରିତା



ବଜାରରେ ବିଭିନ୍ନ ରକମର ପରିବାମାନ ମିଳିଥାଏ । ପୋଷକତତ୍ତ୍ୱ ଭରପୂର ଏସବୁ ପରିବାକୁ ନିଜ ଖାଦ୍ୟପାନୀୟରେ ପ୍ରତ୍ୟେହ ସାମିଲ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢେ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଶୀତରତୁରେ ସୋରିଷ ଶାଗକୁ ମଧ ଭୋଜନରେ ସାମିଲ କରନ୍ତୁ । କ୍ୟାଲୋରୀ ଭରପୂର ଶାଗରେ କାର୍ବୋହାଇଡ୍ରେଟ୍, ଫାଇବର୍, ପୋଟାସିୟମ୍, ଭିଟାମିନ୍ ଏ, ସି, ଡି, ବି-୧୨, ମ୍ୟାଗ୍ନେସିୟମ୍, ଲୌହ, କ୍ୟାଲସିୟମ୍ ଥିବା ଏଇ ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ସୋରିଷ ଶାଗ ଖାଇଲେ ଶରୀରକୁ ଶକ୍ତି ମିଳେ ।

- ସପ୍ତାହକୁ ଅନ୍ତତଃ ୨-୩ ଥର ସୋରିଷ ଶାଗ ଖାଇଲେ ଶରୀରରେ କୋଲଷ୍ଟ୍ରୋରଲ୍ ସ୍ତର ନିୟନ୍ତ୍ରଣ ରହେ ।

- ହୃଦ୍‌ରୋଗୀରୁ ବର୍ତ୍ତିବାକୁ ଚାହୁଁଥିବା ଲୋକ ନିଜ ଡାଏଟ୍ ତାଲିକାରେ ସୋରିଷ ଶାଗ ସାମିଲ କରିବା ଭଲ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।

- କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ଏଇ ଶାଗ ଖାଇଲେ ହାଡ, ଗଣ୍ଠି, ମଧ ଶକ୍ତ ହୋଇଥାଏ ।

- ଏସିଆନ୍ ଚିକିତ୍ସାଳୟର ଖାଦ୍ୟ ବିଶେଷଜ୍ଞ ବିଭା ବାଜପେୟୀଙ୍କ ମତରେ ଶୀତରେ ଆଣ୍ଠୁଗଣ୍ଠି ସମସ୍ୟା ଥିବା ଲୋକ ନିୟମିତ ସୋରିଷ ଶାଗ ଖାଇଲେ ଉପଶମ ମିଳେ ।

# ଘର ଭିତର ପ୍ରଦୂଷଣ କମ୍ କରିବାର ଉପାୟ

**ଅନେକଙ୍କ ଧାରଣା ଯେ ଆମେ ଘର କିମ୍ବା କାର୍ଯ୍ୟାଳୟ ଭିତରେ ରହିଲେ, ପ୍ରଦୂଷଣର କୌଣସି ଭୟ ନାହିଁ । ପ୍ରଦୂଷଣକ ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ଥିବାବେଳେ ଯେ କୌଣସି ସ୍ଥାନକୁ ଏହା ବ୍ୟାପିଥାଏ । ଘର ଭିତରେ ରହିଲେ ନିଜ ସହ ପରିବାର ଲୋକଙ୍କୁ ସୁରକ୍ଷିତ ରଖିବେ କିପରି ? ଏ ବାବଦରେ ବିଶେଷଜ୍ଞଙ୍କ ମତ ହେଲା, କେତୋଟି ସରଳ ପଦକ୍ଷେପରେ ଆପଣଙ୍କ ଘର ଭିତର ଓ କାର୍ଯ୍ୟଳୟ ମଧ ପ୍ରଦୂଷଣମୁକ୍ତ ରହିପାରିବ ।**



- ଫ୍ରିଜ୍, ଏସି, ଟିଭି, ଲ୍ୟାପଟପ୍,ରନ୍ଧନ ଗ୍ୟାସ୍, ରୁମ୍ ଫ୍ରେଶନର୍, ଫୋମ୍ ସୋଫା, ସ୍ମାର୍ଟ ଫୋନ୍, ଡେସ୍କଟପ୍ ଇତ୍ୟାଦି କାରଣରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ସେସବୁ ଆମ ନିଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ଯାଇ କ୍ଷତି ପହଂଚାଇଥାଏ । ଏସବୁ ଜିନିଷର ବ୍ୟବହାର କମ୍ କରିହେବ । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିବା କାଠିକର କାମ ଅଟେ । କେବଳ ଘର ବାଲକୋନି କିମ୍ବା ଛାତ ଉପରେ ଗଛ ନ ଲଗାଇ ବରଂ ଘର ଭିତରେ ମଧ କୁଣ୍ଡ ରଖି ଗଛ ଲଗାଇବା ଉଚିତ ।



- ରୁମ୍ ଫ୍ରେଶନର୍ ବ୍ୟବହାର କରିବା ପରିବର୍ତ୍ତେ ତୁଳସୀ, ପୋଦିନା ଗଛ ଘରର କୌଣସି ଏକ କୋଣରେ ରଖିପାରିବେ । ଏସବୁ ଗଛ ପାଇଁ ଅଧିକ ବଡ କୁଣ୍ଡର ଆବଶ୍ୟକତା ମଧ ନାହିଁ ।
- ଘର ଭିତରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଘି-କୁଆଁରୀ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଗଛ ରଖିପାରିବେ । ଏହି ଗଛଗୁଡିକ ଅଙ୍ଗାରକାମ୍ଳକୁ ଶୋଇବା ସହ ଚତୁର୍ଦ୍ଦିଗରେ ପ୍ରଦୂଷଣ କମ୍ କରିଥାଏ ।

- ବିଶେଷଜ୍ଞଙ୍କ ମତରେ ଘର ଭିତରେ ଯଦି ଅଧିକ ସଂଖ୍ୟାରେ ଯନ୍ତ୍ର ଅଛି (ଯେପରି ଫ୍ରିଜ୍, ଟିଭି, ୱାଶିଙ୍ଗ୍ ମେସିନ୍ ଇତ୍ୟାଦି), ପ୍ରତି ୧୦୦ ବର୍ଗଫୁଟ୍‌ରେ ୬ଟି ଇନ୍‌ଡୋର୍ ପ୍ଲାଣ୍ଟଲଗାଇବା ଆବଶ୍ୟକ ।



# ସର୍ବିଆ ସରକାରଙ୍କ ନାରା 'ଶିଶୁ ଜନ୍ମ କର'



ଜନସଂଖ୍ୟା ବୃଦ୍ଧି ଏବେ ଅଧିକାଂଶ ଦେଶ ପାଇଁ ଚିନ୍ତାର କାରଣ । କିନ୍ତୁ ଏପରି ଏକ ଦେଶ ଅଛି, ଯେଉଁଠାରେ ଜନସଂଖ୍ୟା ହ୍ରାସ ସରକାର ପାଇଁ ସୃଷ୍ଟି କରିଛି ଚିନ୍ତା । ସର୍ବିଆରେ ଜନସଂଖ୍ୟା ବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ଚାଲିଛି ନାନା ପ୍ରୟାସ । ବର୍ତ୍ତମାନ ଏହି ଦେଶରେ ଜନସଂଖ୍ୟା ହ୍ରାସ ଘଟି ୭୦ଲକ୍ଷରେ ପହଞ୍ଚିଛି । ସର୍ଭେ ଅନୁଯାୟୀ, ଜନ୍ମହାର ଯଦି ଏପରି ଲାଗିରୁହେ ତେବେ ୨୦୫୦ସୁଦ୍ଧା ଦେଶର ଜନସଂଖ୍ୟାରେ ୧୫ପ୍ରତିଶତ ହ୍ରାସ ଘଟିବ; ଯାହା ଦେଶର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତିକୁ ଅନେକ ମାତ୍ରାରେ ପ୍ରଭାବିତ କରିବ । ଏହି କାରଣରୁ ସରକାରଙ୍କ ଦ୍ୱାରା ଅନେକ ମାତ୍ରାରେ ପ୍ରଭାବିତ କରିବ । ଏହି କାରଣରୁ ସରକାରଙ୍କ ଦ୍ୱାରା ଅନେକ ନାରା ଦିଆଯାଉଛି । ଯେପରିକି 'ଡେରି ନକର, ଶିଶୁ ଜନ୍ମ କର', 'ଚାଲ ଶିଶୁଙ୍କ ଡାକ ଶୁଣିବା' । ଏହି ନାରା ଦ୍ୱାରା ଦମ୍ପତିମାନେ ପ୍ରଭାବିତ ହୋଇ ଶୀଘ୍ର ଶିଶୁ ଜନ୍ମ କରିବେ ବୋଲି ଆଶା କରାଯାଉଛି । କେବଳ ଏତିକି ନୁହେଁ, ଏଥିପାଇଁ ବିଭିନ୍ନ ସରକାରୀ ଯୋଜନା ମଧ ପ୍ରଣୟନ କରାଯାଇଛି । ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଠାରେ ନୂତନ ମାତୃତ୍ୱ ଆଇନ ମଧ ଲାଗୁ କରାଯାଇଛି । ଏହି ଆଇନ ବଳରେ ମହିଳାମାନଙ୍କୁ ଶିଶୁ ଜନ୍ମ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ସୂଚନାଥାଉକି, ଅନେକ ଲୋକ ଏହି ଦେଶ ଛାଡ଼ି ପଳାୟନ କରିବାରୁ ଏଠାକାର ଜନସଂଖ୍ୟାରେ ଦ୍ରୁତ ହ୍ରାସ ଘଟିଛି । ଏହା ବ୍ୟତୀତ ମହିଳାମାନେ ଆଧୁନିକ ଜୀବନଶୈଳୀ ଆପଣାଇବାରୁ ଜନ୍ମହାର ମଧ କମିବାରେ ଲାଗିଛି ।

# ବୈଜ୍ଞାନିକ ମାନଙ୍କ ଚ୍ୟାଲେଞ୍ଜ ପଥର ନଦୀ

ନଦୀରେ ପାଣି ସହ ପଥର ଦେଖିବାକୁ ମିଳେ । ହେଲେ ଆପଣ କେବେ ଏପରି ନଦୀ ଦେଖିଛନ୍ତି ଯାହା ପଥରରେ ବନିଛି । ଏହି ନଦୀଟି ରୁଷରେ ଅଛି । ବୈଜ୍ଞାନିକମାନଙ୍କ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ହୋଇଥିଲା ବେଳେ ଅଦ୍ୟାବଧି ଏହାର ଖୁଲାସା ହୋଇପାରିନାହିଁ । ପ୍ରକୃତିର ଏହି ଅଜବ ବରଦାନର ନାମ ହେଉଛି ପଥରରୁ ଅଧିକ । ଏହି ନଦୀରେ ଆପଣ ୬ କିଲୋମିଟର ପର୍ଯ୍ୟନ୍ତ କେବଳ ପଥର ଦେଖିବେ । ନଦୀର ଧାରାଭଳି ଏହି ପଥର ଧାରା ରହିଥିଲାବେଳେ କେଉଁ ଜାଗାରେ ଏହାର ବ୍ୟାସ ୨୦ ମିଟର ତ ଆଉ କେଉଁ ଜାଗାରେ ୭୦୦ ମିଟର । ନଦୀ ଭିତରେ ଥିବା ପଥର ଓଜନ ମଧ ୧୦ ଟନରୁ ଅଧିକ । ତେବେ ଏହି ଅଂଚଳରେ କିପରି ପଥରର ନଦୀ ସୃଷ୍ଟି ହେଲା ତାହା ଜଣାପଡିନାହିଁ । କିଛି ବୈଜ୍ଞାନିକଙ୍କ ଯୁକ୍ତି ହେଉଛି ୧୦ ହଜାର ବର୍ଷ ତଳେ ଗ୍ଲାସିୟର ଭାଙ୍ଗି ଏହି ଅଜବ ପ୍ରକାରର ନଦୀ ସୃଷ୍ଟି ହୋଇଛି



# ଓଁ ଧ୍ୱନିର୍ ବିଶେଷତ୍ୱ

ଅନେକ ସମୟରେ ଆପଣ ଦେଖିଥିବେ ଓଁ ଧ୍ୱନି ଉଚ୍ଚାରଣ କରିଥିବାର । ସେ କୌଣସି ପ୍ରାର୍ଥନା ସଭା ଗୃହ ହେଉ କି ଦେବାଦେବୀଙ୍କୁ ଆରାଧନା ସମୟରେ, କି ହେଉ ପ୍ରାତଃ ଉଠିବା ବେଳେ । ଆପଣ ଜାଣନ୍ତୁ ଯେ ସବୁ ମନ୍ତ୍ର ଓଁ ରୁ ଆରମ୍ଭ ହୋଇଥାଏ ଓ ସ୍ୱାହାରେ ଶେଷ ହୋଇଥାଏ । ଓଁ ଶବ୍ଦର ଅର୍ଥ ହେଉଛି ପ୍ରଣବ । ବା ଆଦ୍ୟ ଉଚ୍ଚାରଣ ହୋଇଥିଲେ ବି ଏଥିରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥାଏ । ଧର୍ମଶାସ୍ତ୍ର କହେ ଏହା ହେଉଛି ସମଗ୍ର ପ୍ରକୃତିର ସ୍ରଷ୍ଟା ଏବଂ ସଂହାରକ । ତେଣୁ ଓଁ ହେଉଛି ବିଶ୍ୱର ତିନି ତ ୍ୱର । ଓଁ ଉଚ୍ଚାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ଧାର୍ମିକ ଉଚ୍ଚାରଣ ସହ ଓଁ ଉଚ୍ଚାରଣ କରୁଥିବା ବ୍ୟକ୍ତି କିଛି ତଥ୍ୟ ଉପରେ ଧ୍ୟାନ ଦେବା ଆବଶ୍ୟକ । ତଳେ ପଦ୍ମାସନରେ ବସି ଆଖି ବନ୍ଦ କରି ନିଜର ନାଭି ମଣ୍ଡଳରୁ ବଡ ପାଟିରେ ଓଁ ଉଚ୍ଚାରଣ କରନ୍ତୁ । ଯଥା ସମ୍ଭବ ଓଁ ଉଚ୍ଚାରଣକୁ ଲମ୍ୱାଇ ଚାଲିବା ପରେ ନିଶ୍ୱାସ ବନ୍ଦ କରନ୍ତୁ । ବାରମ୍ବାର ଏମିତି କରନ୍ତୁ, ୨ ମିନିଟ୍ ପର୍ଯ୍ୟନ୍ତ ଏମିତି କରିବା ଉଚିତ୍ । ଓଁ ଏକ ପ୍ରକାର ଧାନ । ଏହାକୁ ଉଚ୍ଚାରଣ କରିବା ଦ୍ୱାରା ମନ ହାଲ୍‌କା ଓ ଶାନ୍ତ ରୁହେ । ସକାଳେ ଉଠିବା ସମୟରେ ଓଁ ଉଚ୍ଚାରଣ କଲେ ଏହାର ଧ୍ୱନି ଆପଣଙ୍କ ମନକୁ ପ୍ରଫୁଲ୍ଲ ରଖିବା ସହିତ ସାରା ଦିନଟି ଆପଣଙ୍କର ମଙ୍ଗଳମୟ କରିବ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୭ ଜୁନ୍ ୨୦୨୦, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଉ ଏକ ଅପକର୍ମ....

ପରିସ୍ଥିତି ଯାହା ହୋଇଥାଉ ପଛେ, ପାକିସ୍ତାନ କୌଣସି ନା କୌଣସି ଉପାୟରେ ତା'ର ଭାରତ ବିରୋଧୀ କାର୍ଯ୍ୟକ୍ରମକୁ ଜାରି ରଖିଛି । ସୋମବାର ଦିନ ସକାଳୁ ଇସଲାମାବାଦ ସ୍ଥିତ ଭାରତୀୟ ଦୂତାବାସର ଦୁଇଜଣ କର୍ମଚାରୀ (ଜଣେ ସିଆଇଏସଏଫ ସୁରକ୍ଷା କର୍ମୀ ଏବଂ ଅନ୍ୟ ଜଣେ ଡ୍ରାଇଭର)ଙ୍କୁ ଅପହରଣ କରାଯିବା ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ସଂକଟକୁ ଆହୁରି ଉତ୍କଟ କରିଛି । ପାକିସ୍ତାନ ଏଭଳି କାର୍ଯ୍ୟ ସେତିକିବେଳେ କରିଛି ଯେତେବେଳେ ମାତ୍ର ଦୁଇ ସପ୍ତାହ ତଳେ ଗୁପ୍ତ ଦଲିଲ ସଂଗ୍ରହ ବେଳେ ଧରାପଡ଼ିବା ପରେ ଭାରତ ସରକାର ଦୁଇଜଣ ପାକ୍ ଦୂତାବାସ କର୍ମଚାରୀ (ଅବିଦ୍ ହୁସେ ଏବଂ ମହମ୍ମଦ ତାହିର)ଙ୍କୁ ୨୪ ଘଣ୍ଟା ମଧ୍ୟରେ ଅବାଞ୍ଛିତ ବ୍ୟକ୍ତି କହି ଭାରତରୁ ବିତାଡ଼ିତ କରିଥିଲେ । ପାକିସ୍ତାନ ଏଭଳି କାର୍ଯ୍ୟରେ ସିଦ୍ଧହସ୍ତ ଏବଂ ଅତୀତର ପୃଷ୍ଠା ଖୋଜିଲେ ଭାରତୀୟ ଦୂତାବାସ ଅଧିକାରୀମାନେ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସଆଇ କିମ୍ବା ସେ ଦେଶର ପୁଲିସ ବା ଅନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ନିର୍ଯାତିତ ହେବାର ଏକ ଲମ୍ବା ଇତିହାସ ଓ ତାଲିକା ରହିଛି । ୧୯୮୦ ଦଶକରେ ଇସଲାମାବାଦ ଓ କରାଚୀ ଭଳି ନଗରୀରେ ଭାରତୀୟ ଦୂତାବାସର କୂଟନୀତିଜ୍ଞ ଓ କର୍ମଚାରୀମାନଙ୍କୁ ସମୟାନ୍ତରେ ଆକ୍ରମଣ କରାଯିବା, ସେମାନଙ୍କୁ ଅବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଅପହରଣ କରାଯିବା, ବିଭିନ୍ନ ପ୍ରକାର ନିର୍ଯାତନା (ମାଡ଼ମରା ସମେତ) ଦିଆଯିବା, ସେମାନଙ୍କୁ ଗାଡ଼ି ଉପରକୁ ଢେଲା ଫିଙ୍ଗା ବା ଆକ୍ରମଣ ଆଦି କାର୍ଯ୍ୟ କରାଯାଉଥିବାର ଅନେକ ନଜିର ରହିଛି । ଭାରତ ସଦାବେଳେ ପାକିସ୍ତାନ ସରକାରଙ୍କ ନିକଟରେ ଏତାଦୃଶ ହୀନକାର୍ଯ୍ୟ ବିରୋଧରେ ଅଭିଯୋଗ କଲେ ସୁଦ୍ଧା ପାକିସ୍ତାନର ଆଚରଣ ଓ ପ୍ରତିକ୍ରିୟା ବିସ୍ମୟକର ପ୍ରତୀୟମାନ ହୋଇଥାଏ । ଏକଥା କାହାକୁ ଅଛପା ନାହିଁ ଯେ, ଏପରି କାଣ୍ଡ ପଛରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ପ୍ରତ୍ୟେକ୍ଷ ଭାବେ ଲିପ୍ତ । ଏହାର କାରଣ ଦ୍ୱିବିଧ । ପ୍ରଥମତଃ, ଯେତେବେଳେ ପାକିସ୍ତାନୀ କୂଟନୀତିଜ୍ଞ ଅବା କର୍ମଚାରୀ ଗୁପ୍ତଚର ବୃତ୍ତି କରି ଭାରତୀୟ ପୁଲିସ ବା ଗୁଇନ୍ଦାଙ୍କ ହାତରେ ଧରାପଡ଼ି ବହିଷ୍କୃତ ହୁଅନ୍ତି ପାକିସ୍ତାନ ତୁରନ୍ତ ପାଲଟା କାଣ୍ଡ କରି ବସିଥାଏ । ଦ୍ୱିତୀୟ କାରଣଟି ହେଲା, ଭାରତକୁ ସଦାବେଳେ କୂଟନୈତିକ ଦୃଷ୍ଟିକୋଣରୁ ଚାପଗ୍ରସ୍ତ କରି ରଖିବା । ବିଦେଶୀ କୂଟନୀତିଜ୍ଞମାନଙ୍କ ସୁରକ୍ଷ ଓ ସେମାନଙ୍କୁ ଅସମ୍ମାନ ପ୍ରଦର୍ଶନ କରିବାରେ ପାକିସ୍ତାନର ଅନେକ ଅପକୀର୍ତ୍ତି ରହିଛି । ଏ ସଂପର୍କିତ ଭିଏନା ରାଜିନାମାକୁ ଇସଲାମାବାଦ କର୍ତ୍ତୃପକ୍ଷ କେତେବେଳେ ଅନୁପାଳନ କରିନାହାଁନ୍ତି । କେବଳ ଭାରତୀୟ କୂଟନୀତିଜ୍ଞ ନୁହଁନ୍ତି, ଅନେକ ପାଶ୍ଚାତ୍ୟ ରାଷ୍ଟ୍ରର କୂଟନୀତିଜ୍ଞଙ୍କ ପ୍ରତି ପାକିସ୍ତାନର ଏତାଦୃଶ ଆଚରଣ ସମସ୍ତଙ୍କୁ ବିସ୍ମିତ କରିଛି । ବହୁ ରାଷ୍ଟ୍ର ଏହାପରେ ନିଜ ନିଜ ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ମଧ ହ୍ରାସ କରିଛନ୍ତି । ଭାରତ ଗତ ଦୁଇ ଦଶନ୍ଧି ମଧ୍ୟରେ ପାକିସ୍ତାନର ବିଭିନ୍ନ ସହରରେ ଥିବା ଦୂତାବାସ ଓ ବାଜିଜ୍ୟ ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିଛି । କିନ୍ତୁ ଭାରତୀୟ କୂଟନୀତିଜ୍ଞମାନେ କର୍ତ୍ତୃପକ୍ଷଙ୍କ ହୀନ ଆଚରଣରୁ ସଂପୂର୍ଣ୍ଣ ରୂପେ ମୁକ୍ତ ହୋଇନାହାଁନ୍ତି । ଏପରି କାଣ୍ଡ ସେ ଦେଶର ଗୁପ୍ତଚର ସଂସ୍ଥା ଆଇଏସଆଇ ଦ୍ୱାରା ହିଁ ମୁଖ୍ୟତଃ କରାଯାଇଥାଏ । ସେମାନଙ୍କ ଉପରେ ପାକ୍ ସରକାରଙ୍କର ନିୟନ୍ତ୍ରଣ ପ୍ରାୟତଃ ନାହିଁ କହିଲେ ଚଳେ । ପୁଣି ସେ ଦେଶର ବୈଦେଶିକ ମନ୍ତ୍ରଣାଳୟ ଯେଉଁ ଜବାବ ଦିଏ ତାହା ଆଇଏସଆଇର ହିଁ ସ୍ୱର । ଏବେ ପ୍ରଶ୍ନ ଉଠେ, ସଦ୍ୟ ଅପହୃତ ଦୁଇ ଭାରତୀୟ ଦୂତାବାସ କର୍ମଚାରୀଙ୍କୁ କିଏ ଅପହରଣ କଲା ? ସାଧାରଣତଃ, ବିଦେଶୀ କୂଟନୀତିଜ୍ଞ ଓ ଦୂତାବାସ କର୍ମଚାରୀଙ୍କ ସୁରକ୍ଷା ଦାୟିତ୍ୱ ସେ ଦେଶ ଉପରେ ନ୍ୟସ୍ତ, ଯେଉଁଠାରେ ସେମାନେ ନିଯୁକ୍ତ ହୋଇଥାନ୍ତି । ପୁନଶ୍ଚ, କୂଟନୀତିଜ୍ଞମାନଙ୍କୁ ଭିଏନା ଘୋଷଣାନାମା ଅନେକ ସୁରକ୍ଷା ପ୍ରଦାନ କରିଥାଏ । କିନ୍ତୁ ପାକିସ୍ତାନ କ୍ଷେତ୍ରରେ ତାହା ସତେଯେପରି ଫସର ଫାଟିଛି । ଭାରତ ସରକାରଙ୍କ ଅଭିଯୋଗର ସେ ଦେଶର ସରକାର କି ଉତ୍ତର ଦେଉଛନ୍ତି, ତାହା ଲକ୍ଷ୍ୟ କରିବା କଥା । ଏହା ଯେ ପ୍ରତିବେଶୀ ଭାବେ ସହାବସ୍ଥାନ ନିମନ୍ତେ ସୁସ୍ଥ ପରମ୍ପରା ଓ ପରିବେଶ ସୃଷ୍ଟି କରିବ ନାହିଁ, ତାହା ସେ ଦେଶ ସରକାର ଉପଲବ୍ଧି କରିବା ଉଚିତ ।

# ଓଲିଙ୍କ ସୁଗାଉଲି ଗୁଗ୍‌ଲି

**ସୌମେନ୍ଦ୍ର ଜେନା**

ନିକଟରେ ମଇ ୮ତାରିଖ ଦିନ ଭାରତକୁ କୈଳାସ ମାନସରୋବର ସହ ଯୋଡୁଥିବା ପିଥୋରାଗଡ ଧାରଚୁଲା -ଲିପୁଲେଖ ସଡକକୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉଦ୍‌ଘାଟନ କରିଥିଲେ । ସୀମା ସଡକ ନିର୍ମାଣ ସଂଗଠନ ପକ୍ଷରୁ ନିର୍ମିତ ଏହି ରାସ୍ତା ନିର୍ମାଣ ପରେ କୈଳାସ ମାନସରୋବର ଯାତ୍ରୀମାନଙ୍କୁ କମ୍ ସମୟ ଲାଗିବ । ପୂର୍ବରୁ ସେମାନଙ୍କୁ ନେପାଳ ମଧ ଦେଇ ଯିବା ସମୟରେ ଅଧିକ ଦିନ ଲାଗୁଥିଲା । ତେବେ ଏହି ସଡକ ନିର୍ମାଣ ପରେ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଲିପୁଲେଖକୁ ନେପାଳର ଅଞ୍ଚଳ ବୋଲି ଘୋଷଣା କରି ବିବାଦ ସୃଷ୍ଟି କରିଛନ୍ତି । ଗତବର୍ଷ କାଶ୍ମୀର ରାଜ୍ୟ ପୁନର୍ଗଠନ ପରେ ଭାରତ ପକ୍ଷରୁ ଯେଉଁ ନୂତନ ମାନଚିତ୍ର ପ୍ରକାଶ କରାଯାଇଥିଲା ସେଥିଲେ ଲିପୁଲେଖକୁ ଭାରତରେ ଥିବା ଦର୍ଶାଯାଇଥିଲା ।୧୯୬୨ପରଠାରୁ ଆଜିଯାଏ ଭାରତୀୟ ସେନାର ଚେକପୋଷ୍ଟ ସେଠାରେ କାର୍ଯ୍ୟକରୁଛି । ପ୍ରତିରକ୍ଷା ଦୃଷ୍ଟିରୁ ଭାରତ-ନେପାଳ-ଚୀନର ସୀମାରେ ଥିବା ଲିପୁଲେଖ ଅଞ୍ଚଳଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ହେତୁ ଭାରତୀୟ ସେନା ପକ୍ଷରୁ ସଡକ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ସେନା ପରିବହନ ଏବଂ ସୀମାନ୍ତ ଅଞ୍ଚଳର ବିକାଶ ପାଇଁ ଏହି ସଡକଟି ରଣନୀତିକ ସଡକ ଯୋଜନାର ଅନ୍ତର୍ଗତ । ୨୦୧୫ରେ ଏହି ସଡକର ନିର୍ମାଣ କାଳରେ ନେପାଳ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । କିନ୍ତୁ ଏହି ସଡକଟି କୌଣସି ନୂତନ ସଡକ ନୁହେଁ ବରଂ ପୁରୁଣା ସଡକର ନବୀକରଣ ମାତ୍ର । ହେଲେ ନେପାଳ ପ୍ରଧାନମନ୍ତ୍ରୀ ଏହି ସଡକ ନିର୍ମାଣକୁ ନେଇ ନାନା ଅପଶବ୍ଦ ପ୍ରୟୋଗ କରି ସମାଲୋଚନା କରିଛନ୍ତି । ଏପରିକି କୋରୋନା ଭାଇରସଠାରୁ ଭାରତର ଭାଇରସ ଅତିମାରାତ୍ମକ ବୋଲି କହି କଟାକ୍ଷ ପ୍ରକାଶ କରିଛନ୍ତି ।

ଓଲିଙ୍କ ମନ୍ତବ୍ୟକୁ ନେଇ ସାମ୍ବାଦିକମାନେ ଭାରତର ସ୍ଥଳସେନା ମୁଖ୍ୟ ନରଭଣେଙ୍କୁ ପ୍ରଶ୍ନ କଲାପରେ ସେହି ମନ୍ତବ୍ୟ ପଛରେ ତୃତୀୟ ଶକ୍ତିର ଭୂମିକା ଥିବା କଥା ସେ ପ୍ରକାଶ କରିଥିଲେ । ଏହାପରେ ନେପାଳ ସରକାର ନେପାଳର ସେନାମୁଖ୍ୟଙ୍କୁ ଭାରତର ସେନାମୁଖ୍ୟଙ୍କ ମନ୍ତବ୍ୟକୁ ନିନ୍ଦା କରିବା ପାଇଁ ଚାପ ପକାଇଥିଲେ ମଧ ସେ ତାହା କରିବାକୁ ମନା କରି କୌଣସି ପ୍ରକାର ରାଜନୀତିକ ମନ୍ତବ୍ୟ ଦେବେନାହିଁ ବୋଲି କହିଥିଲେ । ଏହାପରେ ନେପାଳ ସରକାରଙ୍କ ପକ୍ଷରୁ ନୂତନ ମାନଚିତ୍ର ପ୍ରକାଶ କରିବାକୁ ସଂସଦରେ ପ୍ରସ୍ତାବ ଆସିଥିଲା । ଏହି ପ୍ରସ୍ତାବକୁ ନେପାଳୀ କଂଗ୍ରେସ ପାର୍ଟିର ସାଂସଦ ବିରୋଧ କରିଥିଲେ । ଏହାଦ୍ୱାରା ଦୁଇଦେଶ ମଧ୍ୟରେ ସଂପର୍କ ଖରାପ ହେବ ବୋଲି ସେ କହିଥିଲେ । ସଂସଦରେ ପ୍ରଥମ ଥର ପାଇଁ ତାହା ଆଲୋଚିତ ହୋଇନପାରି ପରେ ଆଲୋଚିତ ହେବା ସହ ଗୃହୀତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତାବରେ କଳାପାଣି, ଲିପୁଲେଖ ଓ ଲିମ୍ପିଆଧୁରାକୁ ନେପାଳର ଅଞ୍ଚଳ ଭାବେ ଦର୍ଶାଯିବା ସହ ନୂତନ ମାନଚିତ୍ରକୁ ୧୮ମଇରୁ ଜାରି କରାଯାଇଛି । ନେପାଳୀ କଂଗ୍ରେସର ସାଂସଦଙ୍କ ବାସଗୃହ ସମ୍ମୁଖରେ କମ୍ୟୁନିଷ୍ଟ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଯେ କୌଣସି ପ୍ରକାରେ ଏହିସବୁ ଅଞ୍ଚଳକୁ ଫେରିପାଇବାକୁ ନେପାଳ ସରକାର ଉଦ୍ୟମ କରିବେ ବୋଲି କହିଛନ୍ତି । ହେଲେ ଲିପୁଲେଖ ନିକଟରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଆସୁଥିବା ନେପାଳ କମ୍ୟୁନିଷ୍ଟ ପାର୍ଟିର ଲୋକମାନଙ୍କୁ ସ୍ଥାନୀୟ ନେପାଳୀ ବାସିନ୍ଦାମାନେ ବିରୋଧ କରିବାରୁ ସେମାନେ ପଛକୁ ଫେରିବାକୁ ବାଧ ହୋଇଥିଲେ । କିନ୍ତୁ ଏହି ସୀମାରେ ନେପାଳ ସରକାରଙ୍କ ପକ୍ଷରୁ ଅଧିକ ଯବାନଙ୍କୁ ମୁତୟନ କରାଯିବ ବୋଲି ଘୋଷଣା କରାଯାଇଛି । ନେପାଳ ପକ୍ଷରୁ ଦାବି କରାଯାଇଥିବା ଅଞ୍ଚଳ ୧୮୧୬ର ବ୍ରିଟିଶଭାରତ ଓ ନେପାଳ ରାଜାଙ୍କ ମଧ୍ୟରେ ହୋଇଥିବା ସୁଗାଉଲି ଚୁକ୍ତିର ଅନ୍ତର୍ଗତ ବୋଲି ଭାରତ କହୁଥିବାବେଳେ ନେପାଳ ଏହି ଯୁକ୍ତିକୁ ଗ୍ରହଣ କରୁନାହିଁ । ଅସଲକଥା ହେଲା ଇଂରେଜ ନେପାଳ ରାଜାଙ୍କ ମଧ୍ୟରେ ହୋଇଥିବା ଏହି ଚୁକ୍ତିର ମୂଳ ଦଲିଲଟି ନେପାଳ ସରକାରଙ୍କ ନିକଟରେ ମଧ ନାହିଁ । ଏହାକୁ ନେଇ ସେଠାରେ ବାଦବିବାଦ ଉଠିବା ସହ ନେପାଳର ସରକାରଙ୍କୁ ଏଥିପାଇଁ ସମାଲୋଚନା କରାଯାଇଛି । ତେବେ ଏହାର ନକଲ ବ୍ରିଟେନ ସରକାରଙ୍କଠାରୁ ଅଣାଯିବ ବୋଲି ନେପାଳ ସରକାର ଘୋଷଣା କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ବାଣିଜ୍ୟ କରୁଥିବା ଇଷ୍ଟ ଇଣ୍ଡିଆ କମ୍ପାନୀର ସରକାର ନେପାଳରେ ବାଣିଜ୍ୟ କରିବାକୁ ଆଗ୍ରହ ପ୍ରକାଶ କଲାପରେ ନେପାଳର ରାଜା ପ୍ରସ୍ତାବରେ ରାଜି ହୋଇ ନଥିଲେ । ତେଣୁ ଲର୍ଡ ହେଷ୍ଟିଂସ ନେପାଳ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ଦୁଇବର୍ଷ ଧରି ୧୮୧୪ରୁ ୧୮୧୬ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲିଥିଲା । ନେପାଳର ଗୋର୍ଖା ସେନା ସହ ପାହାଡିଆ ଅଞ୍ଚଳରେ ଲଢିବା ବେଳେ ଇଂରେଜମାନେ ପ୍ରଥମେ ପ୍ରଥମେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ ଶେଷରେ ବିଜୟୀ ହୋଇଥିଲେ । ଡିସେମ୍ବର ୧୮୧୫ରେ ସୁଗାଉଲି ଗ୍ରାମ ନିକଟରେ ଦୁଇପକ୍ଷ ମଧ୍ୟରେ ଯୁଦ୍ଧବିରାମ ନେଇ ଯେଉଁ ଚୁକ୍ତି ହୋଇଥିଲା ତାକୁ ସୁଗାଉଲି ଚୁକ୍ତି କୁହାଯାଏ । ଚୁକ୍ତିକୁ ମାର୍ଚ୍ଚ ୧୮୧୬ରେ ସଂଶୋଧନ ପରେ ଲାଗୁ କରାଯାଇଥିଲା । ଏହାକୁ ଆଧାର କରି ବ୍ରିଟିସକାଳୀନ ଭାରତ ଏବଂ ନେପାଳ ମଧ୍ୟରେ ସୀମା ନିର୍ଦ୍ଧାରିତ ହୋଇଥିଲା । ଯୁଦ୍ଧରେ ନେପାଳୀ ଜେନେରାଲ ଅମରସିଂହ ଥାପାଙ୍କ ମୃତ୍ୟୁ ହୋଇଥିଲା । ନେପାଳର କାର୍ଯ୍ୟବାହୀ ଶାସକ ଭୀମସେନ ଥାପା ନେପାଳର ସୀମା, ବାଣିଜ୍ୟ ଏବଂ ସାମ୍ରାଜ୍ୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଥିବା ହେତୁ ଇଂରେଜ ସରକାରଙ୍କ ସହ ଯୁଦ୍ଧରେ ମୁହାଁମୁହିଁ ହୋଇଥିଲେ ଚୁକ୍ତି ଅନୁଯାୟୀ ନେପାଳର ପୂର୍ବରେ ଥିବା ସିକିମ୍ ଏବଂ ପଶ୍ଚିମରେ ଥିବା ହିମାଚଳ, ଉତ୍ତରାଖଣ୍ଡର ଅଞ୍ଚଳ ସହ ଦକ୍ଷିଣ ତରାଇ ଅଞ୍ଚଳକୁ ଇଂରେଜମାନେ ନିଜ ଦଖଲରେ ରଖିଥିଲେ । ଏହି ଚୁକ୍ତି ଅନୁଯାୟୀ ଗୋର୍ଖାମାନଙ୍କୁ ବ୍ରିଟିଶ ସେନା ବାହିନୀରେ ନିଯୁକ୍ତି ଦେବାଲାଗି ପ୍ରସ୍ତାବ ରହିଥିଲା । ଚୁକ୍ତି ପରେ ନେପାଳ ରାଜା ବ୍ରିଟେନ ଶାସନର ନିକଟତର ହୋଇଥିଲେ । ୧୮୫୭ରେ ଭାରତରେ ସିପାହୀ ଆନ୍ଦୋଳନ ବେଳେ ମଧ ପ୍ରଦେଶର ସିନ୍ଧିଆ ରାଜ ପରିବାର ପରି ନେପାଳର ରାଜା ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାରଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିଲେ । ଫଳସ୍ୱରୂପ ଇଂରେଜ ସରକାର ଖୁସି ହୋଇ ତରାଇ ଅଞ୍ଚଳକୁ ପୁଣିଥରେ ନେପାଳ ରାଜାଙ୍କୁ ଫେରାଇ ଦେଇଥିଲେ ।

ଏହାପରେ ବ୍ରିଟିସ ସେନାରେ ଗୋର୍ଖା ସେନାଙ୍କ ନିଯୁକ୍ତି ବଢିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ସମୟରେ ବ୍ରିଟେନ ପକ୍ଷରୁ ୨,୫୦,୨୦୦ ଗୋର୍ଖାଯବାନ ଯୁଦ୍ଧରେ ଅଂଶଗ୍ରହଣ କରି ୩୨୦୦୦ ମୃତାହତ ହୋଇଥିଲେ । ୧୯୫୦ରେ ସ୍ୱାଧୀନତା ପରେ ଭାରତ-ନେପାଳ ମଧ୍ୟରେ ଏକ ନୂତନ ବନ୍ଧୁତା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତଦନୁଯାୟୀ ଭାରତର ସେନାବାହିନୀରେ ନେପାଳୀ ନାଗରିକମାନଙ୍କ ନିଯୁକ୍ତିକୁ କାଏମ ରଖାଯିବା ସହ ଦୁଇଦେଶ ମଧ୍ୟରେ ଭିସାମୁକ୍ତ ଯିବା ଆସିବା ଏବଂ ରୋଜଗାର ପାଇଁ ସୁଯୋଗ ପ୍ରଦାନ ବିଷୟ ରହିଲା । ବିଦେଶରୁ ଅସ୍ତ୍ରଶସ୍ତ୍ର କିଣିବା ସମୟରେ ଭାରତ ସରକାରଙ୍କୁ ସୂଚିତ କରିବାର ବ୍ୟବସ୍ଥା ରହିଲା । କିନ୍ତୁ ଏବେ ନେପାଳ ଏକ ସ୍ୱତନ୍ତ୍ର ଦେଶ ଏବଂ ସମ୍ବିଧାନକୁ ନେଇ ଚାଲୁଥିବା ବ୍ୟବସ୍ଥା ହୋଇଥିବା ହେତୁ ପୁରୁଣା ଚୁକ୍ତିର ସଂଶୋଧନ କରାଯିବା ପାଇଁ ଦାବି ହୋଇଆସୁଛି । ନେହେରୁଙ୍କ ସରକାର ସମୟରୁ ରାଜିବ ଗାନ୍ଧିଙ୍କ ପର୍ଯ୍ୟନ୍ତ ସବୁ କଂଗ୍ରେସ ସରକାର ନେପାଳ ସରକାରଙ୍କୁ ଗୌଣ ମନେକରି ସମାନ ସମ୍ମାନ ଅନ୍ୟ ପଡୋଶୀ ରାଷ୍ଟ୍ରଗୁଡିକ ପରି ନଦେବା ଦୃଷ୍ଟିରୁ ନେପାଳ ଜନସାଧାରଣଙ୍କ ମନରେ ରାଜପରିବାର ବିରୋଧୀ ଏବଂ ଭାରତ ବିରୋଧୀ ବାତାବରଣ ସୃଷ୍ଟି କରିବାକୁ ମାଓବାଦୀ କମ୍ୟୁନିଷ୍ଟମାନେ ସଫଳ ହୋଇଛନ୍ତି । ଏହା ପଛରେ ଚୀନ ସରକାରଙ୍କ ସହଯୋଗ ଏବଂ ସମର୍ଥନ ରହିଆସିଛି । ନେପାଳ ରାଜ ପରିବାରକୁ ଖତମ୍ କରିବା ପଛରେ ଚୀନ ଏବଂ କଂଗ୍ରେସ ସରକାରଙ୍କ ହାତ ରହିଥିବା ସନ୍ଦେହ କରାଯାଏ । ନେପାଳର ନେପାଳୀ କଂଗ୍ରେସ ଦଳ ସହ ଭଲ ସଂପର୍କ ରଖିଥିବା ଭାରତର କଂଗ୍ରେସ ଦଳର ରାଜ ପରିବାର ପ୍ରତି ଘୃଣା ଭାବ ହିଁ ଏବେ ଭାରତ ପାଇଁ ବୁମେରାଂ ସଦୃଶ ହୋଇଛି । ନେପାଳର କମ୍ୟୁନିଷ୍ଟମାନେ ଭାରତ ସରକାରଙ୍କ ବିରୋଧରେ ଏକ ସୁଦୃଢ ସାମାଜିକ ରାଜନୀତିକ ବାତାବରଣ ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି । ଦେଶର ପ୍ରମୁଖ ଏବଂ ସାମାଜିକ ଗଣମାଧମଗୁଡିକରେ ଅଧିକ ଭାରତ ବିରୋଧୀ ପ୍ରଚାର ଜାରି ରହିଛି । ଏଥିପାଇଁ ନେପାଳରେ ଥିବା ଚୀନ ଦୂତାବାସ ପକ୍ଷରୁ ସମର୍ଥ ଆର୍ଥିକ ସହଯୋଗ ପ୍ରଦାନ କରାଯାଇ ଆସୁଛି । ତରାଇ ଅଞ୍ଚଳରେ ଥିବା ମସଜିଦଗୁଡିକ ମାଧମରେ ପାକ୍ ଗୁଇନ୍ଦାସଂସ୍ଥା ଆଇଏସଆଇ ମୌଳବାଦୀ ମୁସଲିମ ସଂଗଠନଗୁଡିକ ସହାୟତାରେ ଭାରତ ବିରୋଧୀ ପ୍ରଚାର ଜାରି ରଖିଛି । ଦୁଇଦେଶର ସୀମାନ୍ତ ନିକଟବର୍ତ୍ତୀ ଗ୍ରାମଗୁଡିକରେ ନୂଆ ନୂଆ ମସଜିଦ୍ ନିର୍ମାଣ ପାଇଁ ଆରବଦେଶର ସଂସ୍ଥା ପକ୍ଷରୁ ଆଇଏସଆଇ ଅର୍ଥ ପ୍ରଦାନ କରିବା ସହ ନିଶା ଚାଲାଣ ଏବଂ ନକଲି ନୋଟ ଚାଲାଣ କରୁଛି । ଫଳରେ ଦୁଇଦେଶର ମୁକ୍ତ ସୀମା ଏବେ ସନ୍ତ୍ରାସବାଦୀ, ନିଶାବେପାରୀ,. ଗୁପ୍ତଚରମାନଙ୍କ କାର୍ଯ୍ୟ ପାଇଁ ବେଶ୍ ସହାୟକ ହେଉଛି । ସିକିମ୍‌କୁ ନେପାଳରେ ମିଶାଇବା ସହ ବୃହତ ନେପାଳ ଗଠନର ଯୋଜନା ଚୀନ ସରକାର ନେପାଳର କମ୍ୟୁନିଷ୍ଟ ସରକାରକୁ ଦେଇଛନ୍ତି । ଗୋଟିଏ ପଟେ ଅରୁଣାଚଳ ଏବଂ ସିକିମକୁ ନିଜର ଅଞ୍ଚଳ ବୋଲି କହି ଚୀନ ପ୍ରଚାର କରୁଥିଲା ବେଳେ ଅନ୍ୟ ପକ୍ଷରେ ଏହି ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିବାକୁ ଗୋର୍ଖା ସଂଗଠନଗୁଡିକୁ ଉସ୍‌କାଉଛି ।

ନେପାଳର ପ୍ରଧାନମନ୍ତ୍ରୀ ଓଲିଙ୍କ ଗୁଗ୍‌ଲି ମନ୍ତବ୍ୟ ପଛରେ ଚୀନ ସରକାରଙ୍କ ଭୂମିକା ନେଇ ଯେଉଁ ସନ୍ଦେହ ପ୍ରକାଶ କରାଯାଉଛି ସେଥିରେ ସତ୍ୟତା ରହିଛି । କାରଣ ୨୦୧୮ରେ ନେପାଳରେ ଅନୁଷ୍ଠିତ ନିର୍ବାଚନରେ ତିନୋଟି ବାମପନ୍ଥୀ ଦଳର ମିଳିତ ସରକାର ଗଠିତ ହୋଇଥିଲା । ବୁଝାମଣା ଅନୁଯାୟୀ ବଡଦଳର ନେତା ଓଲି ଦୁଇବର୍ଷ ନେତୃତ୍ୱ ନେବାପରେ ୨୦୨୦ରେ ଦୁଇଦଳଙ୍କ ପାଇଁ ଆସନ ଛାଡିବା କଥା । କିନ୍ତୁ ଓଲି ଏହା ନ କଲାରୁ ଅନ୍ୟ ଦୁଇ ଦଳ ପକ୍ଷରୁ ସରକାରରୁ ଓହରି ଆସିବାଲାଗି ଧମକ ଦିଆଯାଇଥିଲା । ଫଳରେ ଓଲିଙ୍କ ସରକାର ସଂକଟରେ ପଡିବାର ସମ୍ଭାବନା ଦେଖାଦେଇଥିଲା । ଚୀନ କମ୍ୟୁନିଷ୍ଟ ସରକାର ନେପାଳର କମ୍ୟୁନିଷ୍ଟ ସରକାରର ସ୍ଥିରତାରେ ନିଜ ବାଣିଜ୍ୟିକ ସ୍ୱାର୍ଥ ରହିଥିବା ହେତୁ କାଠମାଣ୍ଡୁରେ ଥିବା ଚୀନ ରାଷ୍ଟ୍ରଦୂତ ତିନିଦଳର ନେତାଙ୍କ ମଧ୍ୟରେ ମଧ୍ୟସ୍ଥତା କରି ଓଲିଙ୍କ ସରକାରଙ୍କୁ ସୁରକ୍ଷା ଦେଇଥିଲେ । ଇତି ମଧ୍ୟରେ ସିକିମ ଏବଂ ଲଦାଖରେ ସୀମା- ଉତ୍ତେଜନା ସୃଷ୍ଟି କରିଥିବା ଚୀନ ସରକାର ଆଉ ଏକ ଉତ୍ତେଜନା ସୃଷ୍ଟି ପାଇଁ ନେପାଳ ସରକାରଙ୍କୁ ଉସକାଇବା ଯୋଗୁ ଏହି ଉତ୍ତେଜନା ସୃଷ୍ଟି ହୋଇଛି । କାରଣ ସରକାରର ନେତୃତ୍ୱ ନେବାଲାଗି ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ ସୁଯୋଗର ଅପେକ୍ଷାରେ ରହିଛନ୍ତି । ଓଲିଙ୍କ ଭୟ ହେଉଛି ଯେ ତାଙ୍କ ବିରୋଧୀ ପ୍ରଚଣ୍ଡ କିମ୍ବା ଅନ୍ୟ କାହାକୁ ଭାରତ ସରକାର ପ୍ରଧାନମନ୍ତ୍ରୀ କରିବା ପାଇଁ ଚାପ ସୃଷ୍ଟି କରିପାରନ୍ତି । ତେଣୁ ନିଜ ଆସନର ସୁରକ୍ଷା ପାଇଁ ଚୀନ କମ୍ୟୁନିଷ୍ଟ ସରକାରଙ୍କ ନିକଟରେ ସେ ଶରଣ ପଶିଛନ୍ତି । ହେଲେ ଓଲିଙ୍କ ବିରୋଧୀ ମଧେଶୀ ଦଳ ଏବଂ ନେପାଳୀ କଂଗ୍ରେସ ପକ୍ଷରୁ ଓଲିଙ୍କ ମନ୍ତବ୍ୟକୁ ବିରୋଧ କରାଯାଇଛି । ଭାରତ ସରକାର ମଧ ଓଲିଙ୍କ ଦାବିକୁ ଗ୍ରହଣ ନକରି କୂଟନୀତିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବାକୁ କହିଛନ୍ତି । ଲିପୁଲେଖକୁ ନିର୍ମିତ ସଡକ ସଂପୂର୍ଣ୍ଣ ଭାବେ ଭାରତର ପରିସୀମାରେ ରହିଥିବା ନେଇ ପ୍ରକାଶ କରାଯାଇଛି । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭାରତ ଓ ନେପାଳର ଲୋକଙ୍କ ମଧ୍ୟରେ ପାରିବାରିକ, ସାଂସ୍କୃତିକ ସଂପର୍କ ରହିଆସିଥିବା ଦୃଷ୍ଟିରୁ ନେପାଳ ସରକାର ଏ ପ୍ରକାର ବିବାଦରୁ ଦୂରେଇ ରହିବାକୁ କହିବାରେ ଓଲି ତାଙ୍କ ବିରୋଧରେ ମନ୍ତବ୍ୟ ଦେଇଛନ୍ତି । ତେବେ ନେପାଳରେ ସବୁବେଳେ ପାହାଡୀ ଏବଂ ସମତଳ ଅଞ୍ଚଳବାସୀଙ୍କ ମଧ୍ୟରେ ରାଜନେତାମାନେ ବିଭେଦ ସୃଷ୍ଟି କରିଆସିଛନ୍ତି । ଓଲି ପାହାଡୀ ଲୋକଙ୍କୁ ସମତଳବାସୀ ମଧେଶୀଙ୍କ ବିରୋଧରେ ବ୍ୟବହାର କରୁଛନ୍ତି । ଯଦି ଓଲିଙ୍କ ଏହି ଆଭିମୁଖ୍ୟ ଆଗାମୀ ଦିନରେ ଜାରି ରହେ ତେବେ ପୁଣି ଏକ ରାଜନୀତିକ ସଂଘର୍ଷ ସୃଷ୍ଟି ହୋଇପାରେ । ବ୍ରିଟେନ ସରକାର ଯେଉଁ ତରାଇ ଅଞ୍ଚଳକୁ ନେପାଳକୁ ପ୍ରଦାନ କରିଥିଲେ ସେହି ଅଞ୍ଚଳର ମଧେଶୀ ଲୋକେ ଓଲିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମ୍ଭାବନା ରହିଛି । ଯଦି ଭାରତର ସୀମାନ୍ତରେ ଏଭଳି ସ୍ଥିତ ସୃଷ୍ଟି ହୁଏ ତେବେ ମଧେଶୀ ଲୋକେ ଭାରତ ସହ ମିଶିବାକୁ ଦାବି କରିପାରନ୍ତି । ଯାହାକି ୟୁକ୍ରେନର କ୍ରିମିଆ ରୁଷିଆରେ ମିଶିବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ । ସମସ୍ତେ ଆଶା କରନ୍ତି ଏପରି ସ୍ଥିତି ସୃଷ୍ଟ ନହେଉ ଯାହାକି ଦୁଇଦେଶର ଲୋକଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରିବ । କିନ୍ତୁ ସଂକୀର୍ଣ୍ଣ ରାଜନୀତିରେ ଅନ୍ଧଥିବା ଶାସକ ମାଳଦ୍ୱୀପର ଯାମିନଙ୍କ ପରି ଓଲିଙ୍କ ଅବସ୍ଥା ଯେ ନ ହେବ ତାହା ଏବେଠାରୁ କହିହେବ ନାହିଁ । ପ୍ରତି ମୁହୂର୍ତ୍ତରେ ପୃଥିବୀର ରାଜନୀତିର ପଶାପାଲିରେ ଯେଉଁ ଗୋଟିଚାଲନା ହେଉଛି ତାର ପ୍ରଭାବ କେଉଁଠି ଓ କିପରି ପଡିବ ତାହା ସମୟ ହିଁ କହିବ । ତେଣୁ ଭାରତ ପାଇଁ ଛାଡିଥିବା ଗୁଗ୍‌ଲି ଓଲିଙ୍କ ପାଇଁ କ୍ଷତିକାରକ ହୋଇପାରେ ।

+ ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩




## ସୀମାନ୍ତ ସୈନିକ

**ଅଶୋକ କୁମାର ପ୍ରଧାନ**

ପଚାରନା ମୋର ଦୁଃଖ ଯାତନାକୁ
ଛାଡିର କୋହ ଏ ଅନ୍ତର ବ୍ୟଥା
ଦେଶ ହିତ ପାଇଁ କାମ କରି ସଦା
ବଳିପଡୁ ମୋର ଉଚ୍ଚଙ୍ଗ ମଥା ।

ଦେଖିନାହିଁ ସଞ୍ଜ ସକାଳ ସୂରୁଜ
ଚାହିଁ ରହିଅଛି ସୀମାକୁ ନିତି
କେମିତି ସମୟ ସରିଯାଏ ମୋର
ଜାଣି ପାରେ ନାହିଁ ଦିନକି ରାତି ।

ନିଜ ଉଦରର ଭୋକଶୋଷ ସବୁ
ଭୁଲି ଯାଇଅଛି କାହିଁ କେବେଠୁ
ମୋ ଦେଶ ମାଟିର ସେବା କରିବାକୁ
ସୀମାନ୍ତ ସୈନିକ ହେଲି ଯେବେଠୁ ।

ନିଜ ପରିବାର ପାସୋରି ଯାଇଛି
ଦେଶକୁ ମାନିଛି ମୋ ପରିବାର
ଆଖିର ଲୁହକୁ ଓଠରେ ପିଇ ମୁଁ
ସବୁ ମୁଖେ ରଚେ ଖୁସି ଲହର ।

ଆଖିର ନିଦ ମୋ କାହିଁ କୋଉଦିନୁ
ମାଆ ପାଖେ ବନ୍ଧା ପକାଇ ଦେଇ
ଦେଶର ସୁରକ୍ଷା ପ୍ରତି ମୁହୂର୍ତ୍ତରେ
ମୋ ହୃଦୟେ ଘଣ୍ଟି ଦୁଏ ବଜାଇ ।

ଶୀତୁଆ ବରଫ ଚଟାଣ ବି ମୋତେ
ଉଷୁମ ଉଷୁମ ଲାଗୁଛି ନିତି
ଶତ୍ରୁର ସାଥେ ମୁଁ ଯୁଦ୍ଧ କରି ଶେଷେ
ଦେଶ ହିତେ ମୋର ଦେଖାଏ ଛାତି ।

ଗ୍ରୀଷ୍ମପ୍ରବାହ ବି କାଟେ ନାହିଁ ମୋତେ
ବରଷା କରିନି ବ୍ୟଥିତ ଦିନେ
ଏ ଦେଶ ମମତା ଏ ଦେଶ ସୁରକ୍ଷା
ବାର୍ତ୍ତା ଗୁଞ୍ଜରିତ ହୁଏ ମୋ କାନେ ।

ଛାତିରେ ଛାତିଏ ଦୁଃଖ ଧରିବି ମୁଁ
ମୁଖରେ ସର୍ବଦା ହସୁଛି ଆଜି
ମୋ ଦେଶ ସୁନାମ କୀର୍ତ୍ତି ରଖିବାକୁ
ତନ ମନ ପ୍ରାଣେ ଯାଇଛି ଭିଜି ।

ଭୋକ ଶୋଷ ନିଦଦ ସବୁ ମୁଁ ତେଜିଛି
ମେଘଦୂତ ସାଜେ ମୋ ଦେଶ ପାଇଁ
ଏ ଦେଶ ମାଟିର ସୁରକ୍ଷା ରଖି ମୋ
ପ୍ରାଣ ସୂର୍ଯ୍ୟ ଦିନେ ଯାଉରେ ନଇଁ ।

+ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ: ୮୨୪୯୧୧୯୧୩୦

# ଭାରତର 'ଆଧୁନିକ ଶଲ୍ୟ'ମାନଙ୍କୁ ଚିହ୍ନଟ କରିବା ଆବଶ୍ୟକ

**ଡ. ସମନ୍ୱୟ ନନ୍ଦ**



ଶଲ୍ୟ ହେଉଛନ୍ତି ସେହି ଚରିତ୍ର ଯାହାଙ୍କ ବିଷୟରେ କୁହା ଯାଏ ଯେ ସେ ନିଜ ପକ୍ଷକୁ ସବୁ ବେଳେ ହତୋତ୍ସାହିତ କରିଥାନ୍ତି । ମହାଭାରତରେ କର୍ଣ୍ଣଙ୍କର ସାରଥୀ ଥିଲେ ଶଲ୍ୟ । ଶଲ୍ୟଙ୍କର ବିଶେଷତ୍ୱ ଥିଲା ଯେ ସେ ଯାହାର ସାରଥୀ ଥିଲେ ତାହାଙ୍କୁ ହିଁ ନିରୁତ୍ସାହିତ କରି ଆସୁଥିଲେ । ତୁମ କଣ ଲଢେଇ କରିବ, ତାଙ୍କର ଶକ୍ତି ବିଷୟରେ ତୁମକୁ ଜଣା ନାହିଁ ଏପରି କଥା ମାନ ବାରମ୍ବାର ସେ ନିଜ ପକ୍ଷର ଲୋକ ମାନଙ୍କୁ କହି ସେମାନଙ୍କର ମନୋବଳ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ ।

ବର୍ତମାନ ପରିପ୍ରେକ୍ଷୀରେ ଭାରତ ଓ ଚୀନ ମଧ୍ୟରେ ଥିବା ବାସ୍ତବିକ ନିୟନ୍ତ୍ରଣ ରେଖାରେ ଗତ କିଛି ଦିନ ଧରି ଉତେଜନାପୂର୍ଣ୍ଣ ପରିବେଶ ଲାଗି ରହିଥିବା ବେଳେ ଅନେକ ସାମ୍ବାଦିକ, ଟିଭି ଚାନେଲ, ବୁଦ୍ଧିଜୀବୀ, ଏନଜିଓ ମାନେ ଏହି ଶଲ୍ୟ ଭୂମିକାରେ ଦେଖା ଦେଇଛନ୍ତି । ସେମାନେ ଚୀନ ସମର୍ଥନରେ ବିଦ୍ୱତାପୂର୍ଣ୍ଣ ଲେଖା ମାନେ ଲେଖୁଛନ୍ତି ଓ କହିବାକୁ ଚେଷ୍ଟା କରୁଛନ୍ତି ଚୀନ ଏକ ଶକ୍ତିଶାଳୀ ଦେଶ । ଭାରତ ଚୀନ ସହ ବିବାଦକୁ ଆଗକୁ ବଢାଇବା ଉଚିତ ନୁହେଁ । ଭାରତ ଚୀନ ସହ ସମ୍ପର୍କ ଭଲ ରଖିବା ଉଚିତ । ନ ହେଲେ ଭାରତକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡି ପାରେ । ଏପରି ନିରୁତ୍ସାହକାରୀ ଉପଦେଶ ମାନ ଏମାନେ ଦେବାରେ ଲାଗିଛନ୍ତି । ଏହି ଭଳି ଲୋକ ମାନଙ୍କୁ ଆଧୁନିକ ଶଲ୍ୟ ବୋଲି କୁହା ଯାଇ ପାରେ ।

ଭାରତରେ ରହି ଭାରତର ଅନ୍ନ, ପାଣି ପବନ ଗ୍ରହଣ କରି ଭାରତକୁ ନିରୁତ୍ସାହିତ କରିବା ଚେଷ୍ଟାରେ ଲାଗିଥିବା ଏହି ଆଧୁନିକ ଶଲ୍ୟ ମାନେ ଏପରି କରିବାର କାରଣ କଣ । ଏମାନେ ଏତେ ପରିମାଣରେ ଚୀନର ସମର୍ଥକ କାହିଁକି । ନିଜ ଦେଶ ପ୍ରତି ଏମାନଙ୍କର ନିଷ୍ଠାରେ ଅଭାବ କାହିଁକି । ଏହି ଆଧୁନିକ ଶଲ୍ୟ ଏହା ଦ୍ୱାରା ସେମାନଙ୍କୁ କଣ ଲାଭ ମିଳେ ଏହି ପ୍ରଶ୍ନ ଉଠିବା ସ୍ୱାଭବିକ ।

ଏହାର ଉତର ଖୋଜିବାକୁ ହେଲେ ଚୀନର କାର୍ଯ୍ୟ ଶୈଳୀ ଉପରେ ଦୃଷ୍ଟି ଦେବାକୁ ପଡିବ । ଚୀନ ଅନ୍ୟ ଦେଶ ମାନଙ୍କରେ ଜନ ମାନସକୁ ପ୍ରଭାବିତ କରିବାକୁ କେଉଁ ପ୍ରକାର ରଣନୀତିରେ କାମ କରିଥାଏ । ଏହାର ଏକ ଉଦାହରଣ ଏବେ ସାମନାକୁ ଆସିଛି । ଚୀନ ସରକାର ଓ ଚୀନ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣାଧୀନ ଚାଇନା ଡେଲି ପକ୍ଷରୁ ଗତ ୨୦୧୬ ମସିହା ନଭେମ୍ବର ଠାରୁ ବିଭିନ୍ନ ଆମେରିକୀୟ ସମ୍ବାଦ ପତ୍ର ମାନଙ୍କୁ ବର୍ତମାନ ଯାଏ ୧୯ ମିଲିୟନ ଆମେରିକୀୟ ଡଲାର ପ୍ରଦାନ କରା ଯାଇଛି । ୟୁଏସ ଡିପାର୍ଟମେଂଟ ଅଫ ଜଷ୍ଟିସରେ ପ୍ରଦାନ କରା ଯାଇଥିବା ଡକ୍ୟୁମେଂଟରେ ଏହାର ଉଲ୍ଲେଖ କରା ଯାଇଛି ।

ୟୁଏସ ଡିପାର୍ଟମେଂଟ ଅଫ ଜଷ୍ଟିସରେ ପ୍ରଦାନ କରା ଯାଇଥିବା ଡକ୍ୟୁମେଂଟ ଅନୁସାରେ ଚାଇନା ଡେଲୀ ଆମେରିକାର ମୁଖ୍ୟ ସମ୍ବାଦପତ୍ର ବାଶିଙ୍ଗଟନ ପୋଷ୍ଟକୁ ୪.୬ ମିଲିୟନ ଆମେରିକୀୟ ଡଲାର ପ୍ରଦାନ କରିଛି । ସେହିପରି ବାଲ ଷ୍ଟ୍ରିଟ ଜର୍ନାଲକୁ ପାଖାପାଖି ୬ ମିଲିୟନ ଆମେରିକୀୟ ଡଲାର ପ୍ରଦାନ କରା ଯାଇଛି ।

ଡେଲି କଲର୍ସ ନାମକ ୱେବସାଇଟ ଏହି ତଥ୍ୟକୁ ଉଦ୍ଧୃତ କରି ପ୍ରକାଶ କରିଛି ଯେ ଉପରୋକ୍ତ ଉଭୟ ସମ୍ବାଦପତ୍ରରେ ଚୀନ ସମର୍ଥନରେ ଚାଇନା ବାଚ ନାମକ ସ୍ତମ୍ଭ ପ୍ରକାଶିତ କରା ଯାଉଥିଲା । ଏହି ସ୍ତମ୍ଭକୁ ଚାଇନା ଡେଲି ପ୍ରସ୍ତୁତ କରି ଦେଉଥିଲା । ଏହାକୁ ବିଜ୍ଞାପନ ଆକାରରେ ନୁହେଁ ବରଂ ବାସ୍ତବିକ ନ୍ୟୁଜ ଆର୍ଟିକଲ ଭଳି ଡିଜାଇନ କରି ପ୍ରକାଶିତ କରା ଯାଇଥିଲା । ସେହିପରି ଏହି ସମ୍ବାଦପତ୍ର ମାନଙ୍କରେ ସମ ସାମୟିକ ଘଟଣାବଳୀକୁ ନେଇ ବେଜିଂ ସମର୍ଥନରେ ଲେଖା ମାନେ ପ୍ରକାଶିତ କରା ଯାଉଥିଲା ।

କେବଳ ସେତିକି ନୁହେଁ ଏହି ଦୁଇ ଆମେରିକୀୟ ସମ୍ବାଦପତ୍ର ବ୍ୟତୀତ ନ୍ୟୁୟର୍କ ଟାଇମ୍ସ, ଫରେନ ପଲିସୀ, ଦ ଡେସ ମୋଇନ୍ସ ରେଜିଷ୍ଟର, ସିକ୍ୟୁ – ରୋଲ କୋଲ ପରି ସମ୍ବାଦପତ୍ର ମାନଙ୍କୁ ମଧ୍ୟ ବିପୁଳ ଅର୍ଥ ବିଜ୍ଞାପନ ପାଇଁ ଚୀନ ପ୍ରଦାନ କରିଥିଲା । ଏହି ପରି ଭାବେ ଚୀନ ଆମେରିକୀୟ ସମ୍ବାଦପତ୍ରରେ ବିଜ୍ଞାପନ ବାବଦରେ ପ୍ରବଳ ଅର୍ଥ ପାଣି ଭଳି ଖର୍ଚ୍ଚ କରିଥିବା ବେଳେ ଟ୍ୱିଟରରେ ତାର ପ୍ରଚାର ପାଇଁ ମଧ୍ୟ ବିପୁଳ ଅର୍ଥ ଖର୍ଚ୍ଚ କରିଥିଲା ।

ଆମେରିକାର ଜଷ୍ଟିସ ଡିପାର୍ଟମେଂଟର ତଥ୍ୟ ଅନୁସାରେ ଆମେରିକାର ଅନ୍ୟ ସମ୍ବାଦପତ୍ର ଓ ପ୍ରକାଶନ କମ୍ପାନୀ ମାନଙ୍କୁ ମଧ୍ୟ ଚୀନ ୭.୬ ମିଲିୟନ ଡଲାରର ରାଶି ପ୍ରଦାନ କରିଛି । ଏହି ସମ୍ବାଦପତ୍ର ଗୁଡିକ ମଧ୍ୟରେ ଲସ ଏଂଜେଲ୍ସ ଟାଇମ୍ସ, ସିଆଟେଲ ଟାଇମ୍ସ, ଆଟଲାଂଟା ଜର୍ନାଲ କନଷ୍ଟିଚ୍ୟୁସନ. ଚିକାଗୋ ଟ୍ରିବ୍ୟୁନ,ହ୍ୟୁଷ୍ଟନ କ୍ରୋନିକଲ, ବୋଷ୍ଟନ ଗ୍ଲୋବ ମଧ ଚାଇନା ଡେଲୀ ଠାରୁ ବିପୁଳ ଅର୍ଥ ପାଇଛନ୍ତି ।

ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଆମେରିକା ଓ ବିଭିନ୍ନ ଦେଶ ମାନଙ୍କର ସମ୍ବାଦପତ୍ର ଓ ପତ୍ର ପତ୍ରିକା ମାନଙ୍କରେ ଚୀନ ସମର୍ଥନରେ ସମ୍ବାଦ ଓ ଲେଖା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାର ସନ୍ଦେହ କରା ଯାଉଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭)

# ଅଙ୍ଗଦାନ ମହତ୍ ଦାନ

**ଅଙ୍ଗଦାନ ଏକ ମହତ୍ ଦାନ । ଏହାକୁ ଉପଲବ୍ଧି କରି ସଂପ୍ରତି ଅଙ୍ଗଦାନ ପାଇଁ ଅନେକ ଲୋକ ଖୁସିରେ ଆଗେଇ ଆସୁଛନ୍ତି । ଏହି ମହତ୍ କାର୍ଯ୍ୟ ପାଇଁ ଅଙ୍ଗଦାନ କରିଥିବା ମୃତକଙ୍କ ପରିବାର ସଦସ୍ୟ ଗଭୀର ଆତ୍ମସନ୍ତୋଷ ଲାଭ କରିବା ସହ ଅନ୍ୟ ଜଣଙ୍କ ଜୀବନକୁ ସରସ ସୁନ୍ଦର କରି ପାରିଥିବାରୁ ଆତ୍ମତୃପ୍ତି ପାଉଛନ୍ତି । ସେଥିପାଇଁ ଅଙ୍ଗଦାନ ଏବେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ।**




ଦେଶର ବିଭିନ୍ନ ଦୁର୍ଘଟଣାରେ ଅଙ୍ଗ ହରାଉଥିବା ବ୍ୟକ୍ତି ଏବଂ ରୋଗାକ୍ରାନ୍ତଙ୍କ ଅଙ୍ଗଗୁଡିକର ପରିବର୍ତ୍ତନ ନିମନ୍ତେ ଅଙ୍ଗ ନମିଳିବା କାରଣରୁ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ବ୍ୟକ୍ତି ପ୍ରାଣ ହରାଉଛନ୍ତି । ଏକ ପରିସଂଖ୍ୟାନ ଅନୁସାରେ ଯକୃତ(ଲିଭର) ଏବଂ ହୃତ୍‌ପିଣ୍ଡ ପାଇଁ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ ସଂଖ୍ୟା ଯଥାକ୍ରମେ ୨ଲକ୍ଷ ଓ ୫୦ ହଜାର । ଅନ୍ୟପକ୍ଷରେ ଦେଶରେ ବୃକ୍କ(କିଡନୀ) କ୍ଷତିଗ୍ରସ୍ତ ବା ରୋଗୀଙ୍କ ପାଇଁ ପ୍ରାୟ ଦେଢଲକ୍ଷ ବୃକକ୍ ଆବଶ୍ୟକ ହେଉଥିବା ବେଳେ ମାତ୍ର ୫୦ ହଜାର ବୃକ୍କ ପ୍ରତିରୋପଣ କରାଯାଇପାରୁଛି । ସେହିପରି ଅନ୍ର ଅଙ୍ଗଗୁଡିକର ଅଭାବ ଯୋଗୁ ପ୍ରତିବର୍ଷ ପ୍ରାୟ ଦେଢଲକ୍ଷ ବ୍ୟକ୍ତିଙ୍କ ଜୀବନହାନି ଘଟୁଛି । ଅଙ୍ଗଦାନ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ ଅଙ୍ଗଦାନ ଦିବସଭାବେ ପାଳନ କରାଯାଉଛି । ଏ କ୍ଷେତ୍ରରେ ଲୋକସେବକ ମଣ୍ଡଳର 'ଦଧୀଚି' ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ଜନଜାଗରଣ ଉଦ୍ୟମ ସହ ଅଙ୍ଗଦାନ ପାଇଁ ଇଚ୍ଛାପତ୍ର ସଂଗ୍ରହ କ୍ଷେତ୍ରରେ ରାଜ୍ୟ ଶୀର୍ଷରେ ରହିଛି । ପୁନଶ୍ଚ ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଂସ୍ଥା ପ୍ରତିବର୍ଷ 'ଦଧୀଚି ସମ୍ମାନ' ପ୍ରଦାନ କରୁଛି ।

ଓଡିଶାରେ କ୍ରମବର୍ଦ୍ଧିଷ୍ଣୁ ଯାନବାହନ ସଂଖ୍ୟା ସହ ଦୁର୍ଘଟଣା ମଧ୍ୟ ପ୍ରତିବର୍ଷ ବୃଦ୍ଧି ପାଉଛି । ଏଥିରେ ବହୁଲୋକ ମୃତାହତ ହେଉଛନ୍ତି ଏବଂ ଅନେକେ ଅଙ୍ଗ ହରାଉଛନ୍ତି । ସେହିପରି ବିଭିନ୍ନ କାରଣରୁ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇଛି । ବିଗତ ଚାରିବର୍ଷରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୮୬୮୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ବହୁ ବ୍ୟକ୍ତି ଅଙ୍ଗ ହରାଇ ପଙ୍ଗୁ ହୋଇଛନ୍ତି । ଯଦି ଠିକ୍ ସମୟରେ ଆବଶ୍ୟକତା ଅନୁଯାୟୀ ଅଙ୍ଗ ମିଳିଥାନ୍ତା ଏବଂ ପ୍ରତିରୋପଣ କରାଯାଇ ପାରି ଥାଆନ୍ତା, ତା'ହେଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ହୋଇ ପାରିଥାନ୍ତି ଏବଂ କିଛି ପଙ୍ଗୁତ୍ୱ ଅଭିଶାପରୁ ବର୍ତ୍ତି ପାରିଥାଆନ୍ତେ ।

ନିକଟରେ ଓଡିଶାରେ ଘଟିଯାଇଥିବା ଏକ ଘଟଣା ଅଙ୍ଗଦାନ କ୍ଷେତ୍ରରେ ଆଲୋକବର୍ତ୍ତିକା ସାଜିଛି । ସଡକ ଦୁର୍ଘଟଣାରେ ଗୁରୁତର ଆହତ ପ୍ରିୟଙ୍କାରାଣୀ ପାତ୍ର ନାମ୍ନୀ ଦିଗପହଣ୍ଡି ଅଞ୍ଚଳର ଜଣେ ମହିଳାଙ୍କୁ ମସ୍ତିଷ୍କ ମୃତ (ବ୍ରେନ୍ ଡେଡ୍) ଘୋଷଣା କରାଯାଇଥିଲା । ପରିବାରର ସ୍ୱୀକୃତିକ୍ରମେ ତାଙ୍କର ଦୁଇଟିଯାକ ବୃକ୍କରୁ ଗୋଟିଏ କଟକ ଏସ୍‌ସିବି ମେଡିକାଲ କଲେଜ ହାସ୍‌ପାତାଳ ଏବଂ ଅନ୍ୟଟି ଭୁବନେଶ୍ୱରସ୍ଥିତ ଆପୋଲୋ ହାସ୍‌ପାତାଲରେ ମୃତ୍ୟୁସହ ସଂଗ୍ରାମ କରୁଥିବା ଦୁଇ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇ ସେମାନଙ୍କ ଜୀବନରକ୍ଷା କରାଯାଇଥିଲା । କଟକ ଏସ୍‌ସିବି ମେଡିକାଲ କଲେଜ ହାସ୍‌ପାତାଳରେ ପ୍ରଫେସର ଦଣ୍ଡେଶ୍ୱର ହୋତା ଓ ତାଙ୍କ ସହଯୋଗୀମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରିଥିଲେ । ଏହା ଓଡିଶାର ପ୍ରଥମ 'କାଡାଭେରିକ୍' ଅଙ୍ଗ ପ୍ରତିରୋପଣ ଘଟଣା ।

## ଏସିଆର ପ୍ରଥମ ଅଙ୍ଗ ପ୍ରତିରୋପଣ

ଏସିଆ ମହାଦେଶରେ ୧୩ ଜାନୁଆରୀ ୨୦୧୫ରେ ୧୯ ବର୍ଷ ବୟସ୍କ ଜଣେ ଇଞ୍ଜିନିୟରିଙ୍ଗ ଛାତ୍ରୀଙ୍କ ଶରୀରରେ ପ୍ରଥମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା । ଛାତ୍ରୀ ଜଣଙ୍କ ଏକ ଦୁର୍ଘଟଣାରେ ଦୁଇହାତ ହରାଇଥିଲେ । ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ୨୦ ବର୍ଷ ବୟସ୍କ ଏର୍ଣ୍ଣାକୁଲମର ଜଣେ ବି କମ୍ ଛାତ୍ର ଗୁରୁତର ଆହତ ହୋଇ ଚିକିତ୍ସିକମାନେ ତାଙ୍କୁ 'ବ୍ରେନ୍ ଡେଡ୍' ଘୋଷଣା କରିସାରିଥିଲେ । ତେଣୁ ତାଙ୍କୁ ଶରୀରରୁ ଦୁଇ ହାତ କଢାଯାଇ ଉକ୍ତ ଛାତ୍ରୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା । ଏହା ହୋଇଥିଲା କୋଚିର ଅମୃତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଏବଂ ପ୍ରତିରୋପଣ କରିଥିଲେ ଡାକ୍ତର ସୁବ୍ରମଣିୟମ୍ ଆୟର । ଏହି ଘଟଣା ପରେ ଭାରତରେ ୨୫୦୦ ରୁ ଉର୍ଦ୍ଧ୍ୱ ଅଙ୍ଗ ପ୍ରତିରୋପଣ ହୋଇ ସାରିଲାଣି ।



### ମସ୍ତିଷ୍କ ମୃତ୍ୟୁ ଘୋଷଣା ପୂର୍ବରୁ..

ଆଇସିୟୁର ଡାକ୍ତର ଚିକିତ୍ସାଧୀନ ରୋଗୀର ମସ୍ତିଷ୍କ ମୃତ୍ୟୁ ସମ୍ପର୍କରେ ସୂଚନା ପାଇବା ପରେ ତାହା ଘୋଷଣା କରିବା ପୂର୍ବରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ । ବିଭିନ୍ନ ବିଭାଗର ୪ଜଣ ଡାକ୍ତର ମିଳିତଭାବେ(ଆପନୋଇ) ପରୀକ୍ଷା କରି ଗୋଟିଏ ଫର୍ମରେ ମସ୍ତିଷ୍କ ମୃତ୍ୟୁ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରନ୍ତି । ପରବର୍ତ୍ତୀ ୬ ଘଣ୍ଟା ପର୍ଯ୍ୟନ୍ତ ରୋଗୀକୁ ଭେଣ୍ଟିଲେଟରରେ ରଖାଯାଇ ତାଙ୍କର ଚିକିତ୍ସା କରାଯାଇଥାଏ । ଏହା ପରେ ପୁନର୍ବାର ଆଉ ୪ ଜଣ ଡାକ୍ତର ଦ୍ୱିତୀୟ ଥର ପରୀକ୍ଷା କରି ଚୂଡାନ୍ତ ରିପୋର୍ଟ ପ୍ରଦାନ କରନ୍ତି ।

### କେଉଁ ଅବସ୍ଥାରେ ଅଙ୍ଗଦାନ ହୋଇ ପାରିବ

ନିୟମ ଅନୁଯାୟୀ ୧୮ ବର୍ଷର ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବ । ଏସସିବି ମେଡିକାଲ କଲେଜ ନେଫ୍ରୋଲୋଜି ବିଭାଗର ପ୍ରଫେସର ତଥା କିଡନୀ ପ୍ରତିଯୋପଣ ଦାୟିତ୍ୱରେଥିବା ଡାକ୍ତର ଚିତ୍ତରଞ୍ଜନ କର କହନ୍ତି-ମସ୍ତିଷ୍କ ମୃତ୍ୟୁ ହୋଇସାରିଥିବା ରୋଗୀ, ଯାହାର କୃତ୍ରିମ ଉପାୟରେ ରକ୍ତ ସଞ୍ଚାଳନ କ୍ରିୟା ଚାଲିଥିବ ଏବଂ ତାଙ୍କ ପରିବାରବର୍ଗ ଅଙ୍ଗଦାନ କରିଥିବେ ତା' ହେଲେ ଉକ୍ତ ରୋଗୀଙ୍କ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ଯକୃତ(ଲିଭର), ପାଚନଗ୍ରନ୍ଥି(ପାନକ୍ରିୟାଜ), କିଡ୍‌ନୀ(ବୃକ୍କ), ଅନ୍ତନଳୀ ପ୍ରତିରୋପଣ କରାଯାଇପାରିବ । ସେହିପରି ଆଖିର ସ୍ୱଚ୍ଛପଟଳ, ହୃତ୍‌ପିଣ୍ଡର ଭାଲ୍‌ଭ, ଅସ୍ଥି (ହାଡ), ଚର୍ମ ଇତ୍ୟାଦି ରୋଗୀର ମୃତ୍ୟୁପରେ ପ୍ରତିରୋପଣ କରାଯାଇପାରିବ ।

### ଅଙ୍ଗ ପ୍ରତିରୋପଣର ନିର୍ଦ୍ଦିଷ୍ଟ ସମୟ ସୀମା

ଅଙ୍ଗ ପ୍ରତିରୋପଣ ପାଇଁ ଭିନ୍ନଭିନ୍ନ ଅଙ୍ଗ ସକାଶେ ପୃଥକ୍‌ପୃଥକ୍ ସମୟସୀମା ରହିଛି । ହୃତ୍‌ପିଣ୍ଡ କଢାଯିବାର ୪ ଘଣ୍ଟା ମଧ୍ୟରେ ପ୍ରତିରୋପଣ କରାଯାଇଥାଏ । ସେହିପରି ଯକୃତ୍, ଫୁସ୍‌ଫୁସ୍ ଓ ବୃକକ୍ କଢାଯିବାର ୧୬ଘଣ୍ଟା ମଧ୍ୟରେ ପ୍ରତିରୋପଣ କରାଯିବା ଜରୁରୀ । ମୃତକଙ୍କ ଶରୀରରୁ ଅଙ୍ଗନେବାବେଳେ ସ୍ୱତନ୍ତ୍ର ସେଲର ବ୍ୟବହାର କରାଯାଏ । ସେଲଗୁଡିକରେ ଅଙ୍ଗଗୁଡିକୁ ସତେଜ ବ୍ୟବହାର କରାଯାଏ । ସେଲଗୁଡିକରେ ଅଙ୍ଗଗୁଡିକଗ ସତେଜ ଓ କ୍ରିୟାଶୀଳକରି ରଖିବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ରହିଛି । କେବଳ ଚକ୍ଷୁଦାନ କ୍ଷେତ୍ରରେ ଜଣେ ବ୍ୟକ୍ତି ମରିବାର ୪ରୁ ୬ ଘଣ୍ଟା ମଧ୍ୟରେ ଚକ୍ଷୁ ପ୍ରତିରୋପଣ ପାଇଁ ଅଣାଯାଇ ଚକ୍ଷୁ ବ୍ୟାଙ୍କରେ ରଖାଗଲେ ୨୪ ଦିନ ମଧ୍ୟରେ ତାହା ପ୍ରତିରୋପଣ କରାଯାଇପାରିବ ।



### ରାଜ୍ୟ ଅଙ୍ଗ ଏବଂ ତନ୍ତୁ ପ୍ରତିଯୋପଣ ସଙ୍ଗଠନ

ଓଡିଶାରେ ଅଙ୍ଗ ଏବଂ ତନ୍ତୁ ପ୍ରତିରୋପଣ ପାଇଁ ସରକାରୀ ଭାବେ ରାଜ୍ୟ ଅଙ୍ଗ ଏବଂ ତନ୍ତୁ ପ୍ରତିରୋପଣ ସଙ୍ଗଠନ, କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜରେ କାର୍ଯ୍ୟକରୁଛି । ୨୦୧୯-୨୦ ମସିହାରେ ରାଜ୍ୟ ସରକାର ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୨ କୋଟି ୮୪ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହି ଅର୍ଥରେ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରିବା ପାଇଁ ତତ୍କାଳୀନ ଅଧୀକ୍ଷକ ଓ ବର୍ତ୍ତମାନର ଡିଏମ୍‌ଇଟି, ଡାକ୍ତର ସିବିକେ ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟରେ ଅଙ୍ଗ ପ୍ରତିରୋପଣ ପାଇଁ କଟକର ଏସ ସି ବି ମେଡିକାଲ କଲେଜ ଆଣ୍ଡ ହସପିଟାଏ, ଭୁବନେଶ୍ୱରର କେୟାର, ହାଇଟେକ୍ ମେଡିକାଲ, କିମସ୍, ଆପୋଲୋ ହସପିଟାଲ, କଳିଙ୍ଗ ହସପିଟାଲ, ଆଦି ୧୩ ଟି ହସପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ପାଇଁ ରାଜ୍ୟର ଚିକିତ୍ସକଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବା ସହିତ ଯଥେଷ୍ଟ ପିରମାଣରେ ଯନ୍ତ୍ରପାତି, ସ୍ୱତନ୍ତ୍ର ଗାଡି ଓ ବିଭିନ୍ନ ପ୍ରକାର ଅଙ୍ଗକୁ ନେବାପାଇଁ ଅତ୍ୟାଧୁନିକ ସେଲ ଗଚ୍ଛିତ ରହିବାର ଆବଶ୍ୟକତା ରହିଛି । ଅଙ୍ଗଦାନ ପ୍ରକ୍ରିୟାକୁ ଅଧିକ ସକ୍ରିୟ ଓ ସଫଳ କରିବା ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟର ଆବଶ୍ୟକତା ଉପଲବ୍ଧି କରାଯାଉଛି । ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ବିବରଣୀ, ଠିକଣା, ମୋବାଇଲ/ ଫୋନ ନମ୍ବର ସହିତ ଚିକିତ୍ସକମାନଙ୍କ



ଠିକଣା ଓ ମୋବାଇଲ/ ଫୋନ୍ ନମ୍ବର ଏବଂ କେଉଁ ରୋଗୀଙ୍କ କେଉଁ ଅଙ୍ଗ ଆବଶ୍ୟକ ତାଙ୍କ ଠିକଣା ପ୍ରଭୃତି ସେଥିରେ ରହିଲେ ଏହି କାର୍ଯ୍ୟ ତ୍ୱରିତ ଓ ସଫଳ ହୋଇପାରିବ । ଏହି ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇପାରିଲେ ଅଙ୍ଗଦାନ ଓ ପ୍ରତିରୋପଣର ଆହୁରି ସହଜ ଓ ସଫଳ ହୋଇ ପାରିବ ।

# ପାଳଙ୍ଗ ଶାଗ ସୁପ୍

ସାମଗ୍ରୀ:- ପାଳଙ୍ଗ ଶାଗ-ନାଡ଼ କଟା ହୋଇଥିବା-୨ ବିଡ଼ା, ପିଆଜ-୧ଟି (ଚୂନାମାଛ), ପିଆଜ-୧ଟି (ଚୂନାକଟା), ନିରାମିଷ ଷ୍ଟକ୍-୨ କପ୍, ପିଆଜ ଷଣ୍ଢା-୧ଟି (କଟା), ଲୁଣ-ଗୋଲମରିଚ ଗୁଣ୍ଡ- ଆବଶ୍ୟକ ମୁତାବକ, ବଟର୍-୨ ଚାମଚ, ଭିନେଗାର୍-୧/୨ ଚାମଚ, କ୍ଷୀର-୧ କପ୍, କର୍ଣ୍ଣଫ୍ଲୋର୍-୩ ଚାମଚ ।

**ପ୍ରଣାଳୀ:-**

ଶାଗ, ପିଆଜ ଓ ପିଆଜ ଶଣ୍ଢା ସବୁ ଧୋଇ କାଟି ଅଳ୍ପ ଆଞ୍ଚରେ ପାଣିଦେଇ ସିଝାଇବେ । ଭଲଭାବେ ସିଝିଗଲେ ବଡ଼ ଛଣାରେ ଦଳି ଦଳି ଛାଣିଦେବେ । ଏଥିରେ ନିରାମିଷ ଷ୍ଟକ୍, କ୍ଷୀର, ଲୁଣ, ଗୋଲମରିଚ ଦେଇ ଗ୍ୟାସ୍‌ରେ ବସାଇବେ । କର୍ଣ୍ଣଫ୍ଲୋର୍‌କୁ କ୍ଷୀର ବା ପାଣିରେ ମିଶାଇ ଏଥିରେ ଭିନେଗାର୍ ଢାଳିବେ । ଗୋଳାଇ ବାଉଲ୍‌କୁ କାଢ଼ିବେ । ଧନିଆପତ୍ର କଟା ଓ ବଟର ପକାଇ ଖାଇବାକୁ ଦେବେ । ଚାହିଁଲେ ସସ୍ ମିଶାଇ ଖାଇପାରିବେ ।

**ନିରାମିଷ ଷ୍ଟକ୍:**

ଗାଜର, ବିନ୍, ପାଳଙ୍ଗ ଶାଗ, ପୋଦିନା ପତ୍ର, ଧନିଆ ପତ୍ର, ରସୁଣ କୋଳା, କଟା ପିଆଜ, ପିଆଜ ଶଣ୍ଢା ଆଦିକୁ ଯଥେଷ୍ଟ ପାଣି ଦେଇ ଲୁଣ ଓ ଗୋଲମରିଚ ପକାଇ ଫୁଟାଇ ଛାଣିଦିଅନ୍ତୁ । ଏହି ପାଣିକୁ ନିରାମିଷ ଷ୍ଟକ୍ କୁହାଯାଏ ।



# ଚା'ପତିରୁ ଅଧିକ ଲାଭ ମିଳିବ

**ପ୍ରାୟ ପ୍ରତ୍ୟେକଙ୍କ ଘରେ ଚା' ହୋଇଥାଏ । ତେବେ ଚା'ପତିକୁ ଛାଣିବା ପରେ ଅନେକେ ଏହାକୁ ଖତ ଭାବେ ବ୍ୟବହାର କରନ୍ତି, ନଚେତ ଫିଙ୍ଗି ଦିଅନ୍ତି । ଏହାକୁ ନଫିଙ୍ଗି ଏପରି କାମରେ ବି ବ୍ୟବହାର କରିପାରିବେ ।**



- ବଳକା ଚା'ପତି ଖୁବ୍ ଭଲଭାବେ କାମ କରିଥାଏ । ସାରା ଦିନର ଚା'ପତିକୁ ଏକାଠି କରି ଗଛରେ ଦେଲେ ଖୁବ୍ ହୃଷ୍ଟପୃଷ୍ଟ ଏବଂ ସବୁଜ ଦିଶେ ।
- ଛାଣିବା ପରେ ବାହାରିଥିବା ଚା'ପତିକୁ ପୁଣି ପାଣିରେ ଫୁଟାଇ ଏହି ପାଣିକୁ ଏକ ସ୍ପ୍ରେ ବୋତଲରେ ରଖିବେ । କାଚ ଜିନିଷ ସଫା କରିବାରେ ଏହା ଖୁବ୍ ସୁଫଳ ଦିଏ ।
- କାଚ ସହିତ କାଠର ଆସବାବପତ୍ର ସଫା କରିବାରେ ମଧ୍ୟ ଚା'ପତି ଫୁଟା ପାଣି ଉପକାରୀ । ସପ୍ତାହକୁ ଥରେ ଏହି ପାଣିରେ ଘରର ସମସ୍ତ କାଠ ଆସବାବପତ୍ର ସଫା କରନ୍ତୁ । ଏଗୁଡିକ ଉଜ୍ଜ୍ୱଳ ଦିଶିବ ।
- ଗ୍ରୀନ୍ ଟି ପିଇବାକୁ ପସନ୍ଦ କରୁଥିଲେ ଏଡି ଟି-ବ୍ୟାଗ୍ ବ୍ୟବହାର ପରେ ଫିଙ୍ଗନ୍ତୁ ନାହିଁ । ରାତିରେ ଶୋଇବା ବେଳକୁ ଏହାକୁ ହାଲ୍‌କା ଓଦା କରି ଆଖି ପତା ଉପରେ ରଖନ୍ତୁ । ୫-୧୦ ମିନିଟ୍ ପରେ ବାହାର କରିଦେବେ । ସପ୍ତାହକୁ ୩-୪ଥର ଏପରି କଲେ ଆଖି ଚାରିପଟେ ଥିବା କଳାଦାଗ ଦୂର ହୋଇଯିବ ।
- ଚା' ପତି ଫୁଟା ପାଣିରେ କେଶ ଧୋଇଲେ ଏହାର ପ୍ରାକୃତିକ ଉଜ୍ଜ୍ୱଳତା ବଢେ ।
- ପାଦ ଦୁର୍ଗନ୍ଧ ହେଉଥିଲେ ଚା'ପତି ଫୁଟା ପାଣିରେ ଦିନକୁ ୧୦ ମିନିଟ୍ ପାଦ ବୁଡାଇ ରଖନ୍ତୁ ।
- ସନ୍‌ଟ୍ୟାନ ହେଉଥିବା ସ୍ଥାନରେ ଚା'ପତି ଫୁଟା ପାଣି ଲଗାଇଲେ ଟ୍ୟାନିଙ୍ଗ ସମସ୍ୟା ଦୂର ହୁଏ ।

# ସିଙ୍ଗଡା



ଯିଏ ଯେତେ ସରଳ ହେବ, ତାକୁ ସମସ୍ତେ ସ୍ୱୀକାର କରିବେ ଏବଂ ସେ ସେହିପରି ବିସ୍ତୃତି ଲାଭ କରିପାରିବ । ଏହା ପ୍ରମାଣ କରିଛି ଲୋକପ୍ରିୟ ଖାଦ୍ୟ ସିଙ୍ଗଡା । ଏହାର ଇତିହାସ ଖୁବ୍ ପୁରୁଣା । ଇରାନ୍‌ରେ ପ୍ରଥମେ ଏହି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା ପାର୍ସୀ ଶବ୍ଦ 'ସିମ୍ବୋସାଗ୍'ରୁ ସମୋସା ହୋଇଛି । ଏକାଦଶ ଶତାବ୍ଦୀରେ ପାର୍ସୀ ଐତିହାସିକ ଅବୁ ଫାଜଲ ବେହାକି ପ୍ରଥମ ଥର ସମୋସା ବା ସିଙ୍ଗଡା ସମ୍ପର୍କରେ ଜଣାଇଥିଲେ । ଗଜନୀଙ୍କ ରାଜଦରବାରରେ ପ୍ରଦାନ କରାଯାଉଥିବା ଲୁଣିଆ ଖାଦ୍ୟ ପେଷ୍ଟ୍ରୀ ସମ୍ପର୍କରେ ସେ ଜଣାଇଥିଲେ ଯାହାର ରୂପ ଅବିକଳ ସିଙ୍ଗଡା ପରି ଥିଲା । ଅବଶ୍ୟ ଏଥିରେ ଆଳୁ ମଟର କିମ୍ବା ପନିର ପୁର ବଦଳରେ କିମା ଏବଂ ଡ୍ରାଏଫ୍ରୁଟ୍‌ସ ପୁର ଦିଆଯାଇଥିଲା । ସେ ଏହାକୁ ସମବୁଶକ ବା ସମବୁସ୍‌ଜ ବୋଲି କହିଥିଲେ । ପ୍ରାୟ ତ୍ରୟୋଦଶ- ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ମୁସଲିମ ବ୍ୟବସାୟୀମାନେ ଭାରତକୁ ସିଙ୍ଗଡା ନେଇ ଆସିଲେ । ଇବନ୍ ବତୁତା ପ୍ରଥମେ ଭାରତରେ ହିଁ ସିଙ୍ଗଡା ଖାଇ ନିଜ ରଚନାରେ ଏହାକୁ ଉଲ୍ଲେଖ କରିଥିଲେ । ଅମୀର ଖୁସ୍ରୋଙ୍କ ରଚନାରେ ମଧ୍ୟ ସିଙ୍ଗଡା ଉଲ୍ଲେଖ ଅଛି । ପର୍ତ୍ତୁଗୀଜମାନେ ଭାରତ ଆସିବା ବେଳେ ଆଳୁ ଆଣିଥିଲେ ଏବଂ ସେବେଠାରୁ ସିଙ୍ଗଡାରେ ଆଳୁ ପୁର ଦିଆଗଲା ବୋଲି ଐତହାସିକମାନେ କହନ୍ତି ।



# ମହାକାଶ ଯାତ୍ରା କାରଣରୁ ମସ୍ତିଷ୍କ ପ୍ରଭାବିତ !

ଦିନକୁଦିନ ବିଜ୍ଞାନ ଅଗ୍ରତି କରୁଛି, ଏଥିରେ ଦ୍ୱିମତ ନାହିଁ । ମହାକାଶରେ 'ସ୍ପେସ୍ ହୋମ୍' ନିର୍ମାଣ ହେବାକୁ ଯାଉଥିବାବେଳେ ଅନ୍ୟ ଏକ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମହାକାଶ ଯାତ୍ରା କରୁଥିବା ମହାକାଶଚାରୀଙ୍କ ମସ୍ତିଷ୍କ ମଧ୍ୟ ପ୍ରଭାବିତ ହୋଇଥାଏ । ମହାକାଶର ଗଭୀରତାରେ ବିକିରଣ କାରଣରୁ ମନୁଷ୍ୟ ଓ ପ୍ରାଣୀ ଉଭୟଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ଗବେଷଣାରୁ ଜଣାପଡିଛି । କଲରାଡୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକ ୪ ମାସ ତଳେ ମୂଷାଙ୍କୁ ପ୍ରଥମେ ଏହି ଗବେଷଣାରେ ସାମିଲ କରିଥିଲେ । ଗବେଷକଙ୍କ କହିବାନୁସାରେ, ମୂଷାଙ୍କ ମହାକାଶକୁ ପ୍ରେରଣ କରାଯାଇନଥିବାବେଳେ ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ତିଆରି କରାଯାଇଥିଲା । ଯାହା ଭିତରର ତାପମାତ୍ରା ଓ ବିକିରଣ ମହାକାଶ ପରି । ମୂଷାମାନେ କେଇ ସପ୍ତାହ ରହିବା ପରେ ହିଁ ସେମାନଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ସ୍ପଷ୍ଟ ହୋଇଥିଲା । ଗବେଷକ ମୁଖ୍ୟ ଲିଓନ୍‌ଙ୍କ ମତରେ ମହାକାଶଚାରୀମାନେ ମାସମାସ ଧରି ମହାକାଶରେ ରହୁଛନ୍ତି । ପୃଥିବୀପୃଷ୍ଠକୁ ଆସିବା ପରେ ସେମାନଙ୍କ ମାନସିକ ସ୍ଥିତି ମଧ୍ୟ ପ୍ରଭାବିତ ହେଉଥିବା । ଏ ବାବଦରେ ଅଧିକ ଗବେଷଣା ଜାରି ରହିଛି ।



# ଦାରିଙ୍ଗବାଡି ବ୍ଲକ ଅଧକ୍ଷ ନିର୍ବାଚନ ଆସନ୍ତା କାଲି ଲବି ଯୋରଦାର

କନ୍ଧମାଳ,୧୬/୬ (ନି.ପ୍ର): ଆସନ୍ତା କାଲି ଦାରିଙ୍ଗବାଡି ବ୍ଲକ ଅଧକ୍ଷ ପଦବୀ ପାଇଁ ହେବ ନିର୍ବାଚନ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସକ୍ରିୟ ହୋଇପଡିଛନ୍ତି। କିଏ ଅଧକ୍ଷ ହେବ ତାକୁ ନେଇ ଚର୍ଚ୍ଚା ଯୋର ଧରିଛି। ବିଜେଡି ଓ କଂଗ୍ରେସ ଦଳ ଅଧକ୍ଷ ପଦବୀ ହାତେଇବା ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଏହି ପଦବୀ ବିଜେଡି ହାତରେ ଥିଲା। ବର୍ତମାନର ବିଧାୟକ ସାଲୁଗା ପ୍ରଧାନଙ୍କ ସ୍ତ୍ରୀ ସୁବେନ୍ତୀ ପ୍ରଧାନ ଅଧକ୍ଷା ଥିଲେ। ତେବେ, ଅଧିକା ସନ୍ତାନ ସନ୍ତତୀ ମାମଲା ଅଭିଯୋଗରେ ତାଙ୍କର ଅଧକ୍ଷ ପଦବୀ ଚାଲିଯାଇଥିଲା। ଦାରିଙ୍ଗବାଡି ବ୍ଲକରେ ମୋଟ ୨୫ ସମିତିସଭ୍ୟ ସଭ୍ୟା ଅଛନ୍ତି। ହେଲେ ଶ୍ରାନିକେତା ସମିତିସଭ୍ୟଙ୍କ ପଦବୀ ରଦ୍ଦ ହେବା ଯୋଗୁଁ ସଭ୍ୟ ସଂଖ୍ୟା ୨୪କୁ ଖସିଆସିଛି। ଏଣୁ, ମେଜିକ୍ ନମ୍ବର ୧୩ ଜଣ ସମିତିସଭ୍ୟଙ୍କ ସମର୍ଥନ ଯିଏ ହାତେଇ ପାରିବ ସିଏ ଅଧକ୍ଷ ପଦବୀ ଅକ୍ତିଆର କରିବ। ହେଲେ ପୂର୍ବତନ ଅଧକ୍ଷା ଓ ବିଧାୟକ ସାଲୁଗା ପ୍ରଧାନ ତାଙ୍କର ନିଜ ଜଣେ ସମର୍ଥକଙ୍କୁ ଏହି ପଦବୀରେ ବସାଇବା ଲାଗି ଚେଷ୍ଟା ଚଳାଇଥିବା ଶୁଣିବାକୁ ମିଳୁଛି। ଏଥିପାଇଁ ଆବଶ୍ୟକ ସଂଖ୍ୟକ ସଭ୍ୟ ମଧ ଯୋଗାଡ କରି ସାରିଲେଣି କୁଆଡେ। ଏପଟେ କଂଗ୍ରେସ ମଧ ଅଧକ୍ଷ ପଦବୀ ହାତେଇବା ଲାଗି ଉଦ୍ୟମ କରୁଥିବା କହିଛି। ଆଉ କଂଗ୍ରେସ ସପକ୍ଷରେ ଅଧିକାଂଶ ସଦସ୍ୟ ଥିବା କଂଗ୍ରେସ ଦାବୀ କରିଛି। କଂଗ୍ରେସ ପକ୍ଷରୁ ତାଜୁଙ୍ଗିଆ ସମିତିସଭ୍ୟ ରୁଦା ମଲିକ ଅଧକ୍ଷ ପଦବୀରେ ବସିବେ ବୋଲି କୁହାଯାଉଛି। ହେଲେ କଂଗ୍ରେସ ଏହି ପଦବୀକୁ ହାତେଇବ ନା ବିଧାୟକଙ୍କ କବ୍‌ଜାରେ ରହିବ ଦାରିଙ୍ଗବାଡି ବ୍ଲକ ଅଧକ୍ଷ ପଦବୀ ତାହା ଆଗାମୀ ଦିନରେ ଜଣାପଡିବ। ତେବେ, ବିଧାୟକଙ୍କ ପଲ୍ଲା ଭାରି ଥିବା ଜଣାପଡିଛି।

# ବରଗାଁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ନିଲମ୍ବିତ

ଭୁବନେଶ୍ୱର,୧୬/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍ ବରଗାଁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ର ବ୍ରାଂଚ ମ୍ୟାନେଜର ଶ୍ରୀ ଅଜିତ୍ କୁମାର ପଧାନଙ୍କୁ ନିଲମ୍ବିତ କରାଯାଇଛି। ଜଣେ ଶତାୟୁ ବୃଦ୍ଧା ଲଭେ ବଘେଲ୍‌ଙ୍କୁ ଜନଧନ ଯୋଜନାରେ ମିଳିଥିବା ଟଙ୍କା ଉଠାଣ ପାଇଁ ବ୍ୟକ୍ତିଗତ ଭାବେ ବ୍ୟାଙ୍କରେ ହାଜର ହେବା ନିମନ୍ତେ ବ୍ରାଂଚ ମ୍ୟାନେଜର ଶ୍ରୀ ପଧାନ କହିଥିଲେ। ଫଳରେ ଲଭେଙ୍କ ଝିଅ ପୁଞ୍ଜିମତୀ ଦେଈ(୬୦ ବର୍ଷ) ମା'ଙ୍କୁ ଏକ ଖଟିଆରେ ଘୋଷାଡ଼ି ଘୋଷାଡ଼ି ନେବା ଘଟଣା ଦୃଷ୍ଟିକୁ ଆସିଥିଲା। ଏହି ଦୁର୍ଭାଗ୍ୟଜନକ ଘଟଣାକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତର ସହିତ ଗ୍ରହଣ କରି ଗତ ରବିବାର ଦିନ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷଙ୍କୁ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ବରଗାଁ ବ୍ରାଂଚର ମ୍ୟାନେଜର ଶ୍ରୀ ଅଜିତ ପଧାନଙ୍କୁ ତତ୍‌କାଳ ନିଲମ୍ବନ କରାଯାଇଛି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଧାର ଟଙ୍କା ମାଗିବାରୁ ଜାତି ଉଠାଇ ସ୍ୱାମୀ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ପରେ ଥାନାରେ ମାମଲା : ଅଭିଯୁକ୍ତ ଫେରାର

ଜଳେଶ୍ୱର,୧୬/୬ (ନି.ପ୍ର): ବାକି ଟଙ୍କା ମାଗିବାକୁ କେନ୍ଦ୍ର କରି ବିଚ୍ ରାସ୍ତା ଉପରେ ଜଣେ ସ୍ୱାମୀ ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଜାତି ଉଠାଇ ଗାଳିଗୁଲଜ କରିବାପରେ ଯୁବକ ଜଣକୁ ସେଠାରୁ କୌଶଳ କ୍ରମେ ଖସି ପଳାଇଥିଲା। ଏ ସଂପର୍କରେ ଜଳେଶ୍ୱର ଥାନାରେ ଅଭିଯୋଗ ହେବା ସହିତ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ଗତ ୯ତାରିଖ ସଂଧ୍ୟାରେ ଜଳେଶ୍ୱର ଅନ୍ତର୍ଗତ ପଥରପୁରା ଗ୍ରାମର ରଜନୀକାନ୍ତ ଧଳ ଓ ତାଙ୍କ ସ୍ତ୍ରୀ ଏକ ବାଇକ୍‌ରେ ଡାକ୍ତରଖାନାରୁ ଫେରୁଥିବା ବେଳେ ତାଙ୍କ ଠାରୁ ପୂର୍ବରୁ ଟଙ୍କା ନେଇଥିବା ଜଳେଶ୍ୱର ନୂଆବଜାରର ଜ୍ୟୋତିପ୍ରକାଶ ମହାପାତ୍ର ନାମକ ଜନୈକ ଯୁବକଙ୍କ ସହିତ କୋର୍ଟବଜାର ରାସ୍ତାରେ ଦେଖା ହୋଇଥିଲା। ପୂର୍ବରୁ ଜ୍ୟୋତିପ୍ରକାଶ ଏକ ସାନି୍ ଏସ୍କାଭେଟର ମେସିନକୁ ଭଡା ସୂତ୍ରରେ ରଜନୀ କାନ୍ତକୁ ଦେବାଲାଗି ତାଙ୍କଠାରୁ ୧ଲକ୍ଷ୩୦ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ମାତ୍ର ଜ୍ୟୋତିପ୍ରକାଶ ଏସ୍କାଭେଟର ମେସିନ ନ ଦେବାରୁ ରଜନୀକାନ୍ତ ବାରମ୍ବାର ତାଙ୍କର ଅଗ୍ରୀମ ଟଙ୍କା ମାଗି ଆସୁଥିଲେ। ଘଟଣା ଦିନ ରଜନୀକାନ୍ତ କୋର୍ଟଛକନିକଟରେ ଜ୍ୟୋତିପ୍ରକାଶକୁ ଟଙ୍କା ମାଗିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିବା ସହିତ ମରାଣାନ୍ତକ ଆକ୍ରମଣ କରିଥିଲା। ଏପରିକି ତା ସ୍ତ୍ରୀକୁ ଦୁର୍ବ୍ୟବହାର କରିବାକୁ ପଛାଇ ନଥିଲେ। ରାସ୍ତାରେ ତାଙ୍କୁ ଓ ତା ସ୍ତ୍ରୀକୁ ମାରିବା ସହିତ ଜୀବନରୁ ମାରିଦେବାକୁ ଧମକ୍ ଦେଇଥିଲେ। ତାଙ୍କୁ ଜାତି ଉଠାଇ ବହୁ କଟୁ ଭାଷାରେ ଗାଳିଗୁଲଜ କରିବା ବେଳେ ରାସ୍ତାରେ ଯାଉଥିବା କିଛି ଲୋକ ରୁଣ୍ଡ ହେବାରୁ ସେ ଛାଡି ପଳାଇ ଯାଇଥିଲା। ଏ ସଂପର୍କରେ ଜଳେଶ୍ୱର ଥାନାରେ ଗତ ୧୨ ତାରିଖରେ ଲିଖିତ ଅଭିଯୋଗ କରିବାପରେ ଜଳେଶ୍ୱର କେସ୍ ନଂ ୨୦୩/୨୦ ମୂଳ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏ ସଂପର୍କରେ ଅଦ୍ୟାବଧି ପୁଲିସ୍‌ର କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ରଜନୀକାନ୍ତ ପ୍ରକାଶ କରିଛନ୍ତି।

# ସଫେଇ କରି ରଜ ପାଳିଲେ କରୋନା ସୈନିକ

ଭୁବନେଶ୍ୱର,୧୬/୬ (ନି.ପ୍ର): ମହାମାରୀ କରୋନାର କରାଳ ରୂପ ଯେତେବେଳେ ସାରା ବିଶ୍ୱକୁ ଗ୍ରାକ କରିଛି, ମାନବ ସମାଜ ଏହି କରୋନା ରାକ୍ଷସ କବଳରୁ ନିଜକୁ ରକ୍ଷା କରିବା ପାଇଁ ସଂଗ୍ରାମ କରୁଛି। କରୋନା ଯୋଦ୍ଧାମାନେ ଜନ ସଚେତନତାର ବାର୍ତା ପ୍ରଦାନ କରୁଛନ୍ତି ଠିକ୍ ସେହି ସମୟରେ ଓଡ଼ିଶାର ଗଣପର୍ବ ରାଜପର୍ବର ଆନନ୍ଦ ଉଲ୍ଲାସରେ କରୋନା ରାକ୍ଷସ ପ୍ରତିବନ୍ଧକ ସାଜିଛି। ଏହା ବିରୁଦ୍ଧରେ ଲଢ଼େଇ କରି ରଜ ମଉଜକୁ ପ୍ରତ୍ୟାଖ୍ୟାନ କଲେ କରୋନା ସୈନିକମାନେ। ହାତରେ ଝାଡୁଧରି ପରିବେଶକୁ ସଫା କରିବା ସହିତ ସାନିଟାଇଜ ମାଧ୍ୟମରେ ନିଜ ଅଂଚଳକୁ ସଫେଇ କରି ରଜପାଳିଲେ ଭି.ଏସ.ଏସ. ନଗରର କରୋନା ଯୋଦ୍ଧା। ବୀର ସୁରେନ୍ଦ୍ର ସାଏ ନଗରସ୍ଥିତ ଆଖଣ୍ଡଳମଣି ମନ୍ଦିର ଓ ନିଜ ଅଂଚଳକୁ ସଫେଇ କରି ସାନିଟାଇଜ କରି ସଚେତନତାର ବାର୍ତା ବାଂଟିଲେ ଏହି ଯୁବ ସୈନିକମାନେ। କରୋନା ଠାରୁ ଜିତିବାକୁ ହେଲେ, ନିଜେ ସଚେତନ ହେବା ସହିତ ନିଜ ପରିବେଶକୁ ସଫା କଲେ କରୋନା ହାରିବ ମାନବ ଜିତିବ। ଏହି ବାର୍ତା ପ୍ରଦାନ କରିଛନ୍ତି ଆଧୁନିକ ସଚେତନଶୀଳ କରୋନା ଯୋଦ୍ଧାମାନେ। ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ପାଇକ ମଉଡ଼ମଣି ଅଶୋକ କୁମାର ପାଲଟାସିଂହ। କରୋନା ଯୁଦ୍ଧରେ ପ୍ରତ୍ୟେକ ସାମିଲ ହୋଇ ସଚେତନତାର ବାର୍ତା ବାଂଟିବାକୁ ସେ ଆହ୍ୱାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସମରଞ୍ଜନ ମହାନ୍ତି, ଯୁବନେତା ଦୀପକ କୁମାର ବାରିକ, ସାମ୍ବାଦିକ ରାଜୀବ ନୟନ ରଥ, ଜାଗଦତି ବି.ଏମ୍.ସି. ପ୍ରକଳ୍ପ ସଂଯୋଜକ ପ୍ରବେଶ କୁମାର ସାହୁ, ସଂଜୀବ ପାଣ୍ଡବ, ବିଜୟ ଭାରିମଲ୍ଲ, ବରୁଣ ସାହୁ, ମନୋଜ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ରାଉ, ସୁଶାନ୍ତ ସାହୁ, ଜିତେନ୍ଦ୍ର ହାଁସଦା ପ୍ରମୁଖ ପଚାଶ ଜଣ କରୋନା ସୈନିକ।

# ଗୁଜୁରାଟରେ ୨୪ ଘଂଟାରେ ନୂଆ ୫୧୧ କରୋନା ପଜିଟିଭ, ୨୯ ଜଣଙ୍କ ମୃତ୍ୟୁ

ଅମହ୍ମଦାବାଦ,୧୬/୬ (ନି.ପ୍ର): ଗୁଜୁରାଟରେ କରୋନାର ବେକାବୁ ହେବାରେ ଚାଲିଛି। ମୃତ୍ୟୁହାର ବଢ଼ିବାରେ ଲାଗିଛି। ସମସ୍ତ ଚେଷ୍ଟା ସତ୍ୱେ ବି ପ୍ରତିଦିନ ପାଖାପାଖି ୪୦୦ ରୁ ୫୦୦ ନୂଆ ମାମଲା ସାମନାକୁ ଆସୁଛି ଏବଂ ୨୫ ରୁ ୩୦ ଲୋକ ମୃତ୍ୟୁବରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ କହିଛି କି ରାଜ୍ୟରେ କରୋନା ସଂକ୍ରମଣ ୨୩,୫୯୦ ମାମଲା ସାମନାକୁ ଆସିଛି। ଏଥି ମଧ୍ୟରୁ ୧,୪୭୮ ଜଣଙ୍କର ମୃତ୍ୟୁ ଘଟିଲାଣି। ଏହା ବାଦ ବର୍ତମାନ ସୁଦ୍ଧା ୧୬,୩୩୩ କରୋନା ରୋଗୀ ଠିକ୍ ହୋଇ ଘରକୁ ଫେରିଛନ୍ତି। ୨୪ ଘଂଟାରେ ୫୧୧ ନୂଆ ମାମଲା ସାମନାକୁ ଆସିଛି, ଯେଉଁଥିରେ କି ୨୯ ରୋଗୀଙ୍କ ମୃତ୍ୟୁବରଣ ହୋଇଥିବା ବେଳେ ୪୪୨ ଜଣ ସୁସ୍ଥ ହୋଇଛନ୍ତି। ଆଜିର ୫୧୧ ମାମଲାରେ ଅହମ୍ମଦାବାଦରେ ୩୩୪, ସୁରଟରେ ୭୬, ବଦୋଦରାରେ ୪୨, ସୁରେନ୍ଦ୍ରନଗରରେ ୯, ଗାନ୍ଧୀନଗରରେ ୮, ଅରାବଳୀରେ ୬, ଭରୁଚରେ ୬, ଭାବନଗର, ମହିସାଗର, ଆନନ୍ଦ, ଅମରଲୀ, ମହେସାଣା, ସାବରକାଣ୍ଠା, ପାଟନରେ ୩ ଜଣ ଲେଖାଏଁ ରୋଗୀ ଅଛନ୍ତି। ଖେଡ଼ା ରେ ୨, ବନାସକାଣ୍ଠା, ରାଜକୋଟ, ପଂଚମହଲ, ବୋଟାଦ, ନର୍ମଦାରେ ଜଣେ ଲେଖାଏ ରୋଗୀ ସାମିଲ ଅଛନ୍ତି।

# ବିପ୍ଲବୀ ନେତା ଗଣନାଥ ପାତ୍ରଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା



ଜଳେଶ୍ୱର,୧୬/୬ (ନି.ପ୍ର): ବାଣିଦାଗ୍ରାମରେ ଜନ୍ମିତ ବିପ୍ଲବୀ ବାମପନ୍ଥୀ ଚାଷୀମୂଲିଆର ନେତା ଗଣନାଥ ପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସର୍ବଦଳୀୟ ଶୋକସଭା ନିଜ ଗାଁ ବାଣିଦାଠାରେ ଆଜି ସାମାଜିକ ଦୂରତା ରକ୍ଷା କରି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଧନଞ୍ଜୟ ମହାପାତ୍ର ସଭାପତିତ୍ୱ କରି ଗଣନାଥ ପାତ୍ରଙ୍କ ଜୀବନ ସଂଗ୍ରାମ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ମାନସ ଜେନା, ଅନନ୍ତ ମହାନ୍ତି, ଶଶାଂକ ମହାନ୍ତି, ଭବତାରଣ ପରିଡା, ପ୍ରଦୀପ ଦାସ, ରବିନ୍ଦ୍ର ଜେନା, ପ୍ରଦୀପ ମହାନ୍ତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦୀ, ନଗେନ୍ ମହାପାତ୍ର, ପ୍ରବିର ମହାନ୍ତି, ହରେନ୍ଦ୍ର ପାତ୍ର, ଉମାଶଂକର ମହାପାତ୍ର, ବ୍ରଜସୁନ୍ଦର ଦାସ, ବିଭୁତି ମହାପାତ୍ର, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବୟସ୍କମାନଙ୍କର ଅତିରିକ୍ତ ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୬/୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବିଶ୍ୱ ବୟସ୍କ ଦୁର୍ବ୍ୟବହାର ପ୍ରତିରୋଧ ସଚେତନତା ଦିବସ' (ୱାର୍ଲ୍ଡ ଏଲ୍‌ଡର ଆବ୍ୟୁଜ୍ ଆୱାରନେସ୍ ଡେ) ଅବସରରେ ବାର୍ତାରେ କହିଛନ୍ତି ଯେ କୋଭିଡ୍-୧୯ର ଅସାଧାରଣ ପରିସ୍ଥିତି ଆମର ବୟସ୍କ ନାଗରିକମାନଙ୍କୁ ଏବେ ସର୍ବାଧିକ ସ୍ପର୍ଶକାତର ବା ସମ୍ବେଦନଶୀଳ କରିଛି। ଆମେ ସମସ୍ତେ କୋଭିଡ୍ ମହାମାରୀର କବଳରେ ପଡ଼ିଥିବାବେଳେ ବୟସ୍କମାନଙ୍କର ପ୍ରତି ଅତିରିକ୍ତ ଯତ୍ନ ନେବା ସହିତ ସେମାନଙ୍କୁ ଯଥାଯୋଗ୍ୟ ସଂପ୍ରୀତି ଓ ସମ୍ମାନ ଜଣାଇବାନିମନ୍ତେ ଶପଥ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

# ତାମିଲନାଡୁର ୪ ଜିଲ୍ଲାରେ ଜୁନ୍ ୩୦ ଯାଏଁ ଲକ୍ ଡାଉନ୍

ଚେନ୍ନାଇ,୧୬/୬ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ରାଜ୍ୟର ଚାରିଟି ଜିଲ୍ଲାରେ ଜୁନ୍ ୧୯ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଲକ୍ ଡାଉନ୍ ପୁଣି ଜରି ରଖିବାକୁ ନିଷ୍ପତି ନେଇଛନ୍ତି। ଏହି ଲକଡାଉନ୍ କୁ ମୁଖ୍ୟମନ୍ତ୍ରୀ 'ମାକ୍ସିମାଇଜଡ୍ ରେଷ୍ଟ୍ରିକ୍ଟେଡ୍ ଲକଡାଉନ୍' ନାମରେ ନାମିତ କରିଛନ୍ତି। ଚେନ୍ନାଇ ସମେତ ତାମିଲନାଡୁର ଅନେକ ସହରରେ କରୋନା ସଂକ୍ରମଣ ଅଣାୟତ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଦିନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଇ.କେ ପାଲାନିସ୍ୱାମୀ ମହାନଗର ନିଗମ ଚେନ୍ନାଇ ପୋଲିସ ଅଧୀନରେ ଥିବା ଚେନ୍ନାଇ, କାଂଚିପୁରମ୍, ଚେଙ୍ଗାଲପାଟୁ ଏବଂ ଥିରୁଭାଲୁରର ଚାରିଟି ଜିଲ୍ଲାରେ ଜୁନ୍ ୧୯ ରୁ ୩୦ ପର୍ଯ୍ୟନ୍ତ ଲକଡାଉନ୍ ଲାଗୁ କରିବାକୁ ନିଷ୍ପତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଲକଡାଉନ୍ କୁ 'ସର୍ବାଧିକ ସୀମିତ ଲକଡାଉନ୍' ବୋଲି କହିଛନ୍ତି। ଏହି ଲକ୍ ଡାଉନ୍ କଡାକଡି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ସରକାର ସୂଚିତ କରିଛନ୍ତି। ସୂଚନାଯୋଗ୍ୟ ଯେ କରୋନା ସଂକ୍ରମଣ ହେତୁ ମହାରାଷ୍ଟ୍ର ପରେ ତାମିଲନାଡୁ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି, ଯେଉଁଠାରେ ବର୍ତମାନ ପ୍ରାୟ ୪୫ ହଜାର କରୋନା ମାମଲା ପଞ୍ଜିକୃତ ହୋଇଛି। ଏଥିମଧ୍ୟରୁ ୪୩୫ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ ସୁସ୍ଥ ଲୋକଙ୍କ ସଂଖ୍ୟା ମଧ ୨୪ ହଜାରରୁ ଅଧିକ। ୧୯୬୭୯ ଲୋକ ଏବେ ମଧ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ସର୍ବାଧିକ କରୋନା ଆକ୍ରାନ୍ତ ଚେନ୍ନାଇରେ ଅଛନ୍ତି, ଯେଉଁଠାରେ ବର୍ତମାନ ପର୍ଯ୍ୟନ୍ତ ୩୧୮୯୬ ଲୋକ ସଂକ୍ରମିତ ହୋଇଛନ୍ତି। ଏଠାରେ ମୃତ୍ୟୁ ସଂଖ୍ୟା ମଧ ରାଜ୍ୟରେ ସର୍ବାଧିକ ୩୪୪ ରହିଛି।

# ହାତୀ ମୃତଦେହର ପ୍ରାଥମିକ ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି

ଭୁବନେଶ୍ୱର,୧୬/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବୈତରଣୀ (ଖ) ରିଜର୍ଭ ଜଙ୍ଗଲ ଚମ୍ପୁଆ ରେଞ୍ଜର ଗୁରୁବେଢ଼ାଠାରେ ଦୁଇଟି ହାତୀର ମୃତଦେହ ଠାବ ହୋଇଥିବା ଘଟଣାରେ ପ୍ରାଥମିକ ତଦନ୍ତ କରାଯାଇଥିଲା। ତାର ପକାଇ ଏମାନଙ୍କୁ ମାରି ଦିଆଯାଇଛି ବୋଲି ବନ ବିଭାଗ କର୍ତୃପକ୍ଷ ଅତିରିକ୍ତ ପିସିସିଏଫ୍ ଶଶୀ ପଲ୍ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ନିଶ୍ଚିତ ଭାବରେ ଧରାଯିବ ଏବଂ ତାଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡବ୍ଲୁଟିଆଇ)ର ପ୍ରାଣୀ ଚିକିତ୍ସକ ବନ୍ଦିତା ମିଶ୍ର ଓ ଯୋଡା ପ୍ରାଣୀ ଚିକିତ୍ସକ ମାଧବ ଚୌଧୁରୀ ଘଟଣାସ୍ଥଳରେ ମୃତହାତୀଙ୍କର ବ୍ୟବଚ୍ଛେଦ କରିଛନ୍ତି। ଏକାସାଙ୍ଗରେ ଦୁଇଟି ହାତୀକୁ ହତ୍ୟା କରିବା ଘଟଣାରେ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ହାତୀ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତୀ ମୃତ୍ୟୁ ବଢିବାରେ ଲାଗିବା ଘଟଣା ଉଦ୍‌ବେଗ ବଢାଇଛି। କେନ୍ଦୁଝର ବନଖଣ୍ଡରେ ବନ୍ୟ ଜୀବଜନ୍ତୁ ଅସୁରକ୍ଷିତ ହୋଇ ପଡିଥିବାବେଳେ କେନ୍ଦୁଝର ଡିଏଫଓଙ୍କ କାର୍ଯ୍ୟଶୈଳୀ ଉପରେ ସ୍ୱଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଗତକାଲି ଦୁଇଟି ହାତୀର ମୃତଦେହ ଠାବ କରାଯାଇଥିଲା। ଏହି ମୃତ ଦୁଇ ହାତୀ ମଧ୍ୟରୁ ଜଣେ ଅଣ୍ଡିରା ହାତୀ ହୋଇଥିବା ବେଳେ ଅନ୍ୟ ଜଣେ ମାଈ ହାତୀ ବୋଲି ଜଣାପଡ଼ିଛି। ଦୁଇଟି ଯାକ ହାତୀର ଦାନ୍ତ ନ ଥିବାରୁ ତାଙ୍କୁ ମାରିଦିଆଯାଇଛି। ଦାନ୍ତ ପାଇଁ ମାଫିଆ ଏହା କରିଥାଇ ପାରନ୍ତି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାସରେ ମଧ୍ୟ ଏହିଭଳି ଦୁଇଟି ହାତୀକୁ ମାରି ଦିଆଯାଇଥିଲା।

# ସଟ୍ ଡାଉନ୍ ବେଳେ ଟିକ୍ ଟକ୍ ଭିଡ଼ିଓ କରି ଅଡୁଆରେ ୪ ଯୁବକ

ଗଞ୍ଜାମ,୧୬/୬ (ନି.ପ୍ର): ସଟ୍ ଡାଉନ୍ ବେଳେ ଟିକ୍ ଟକ୍ ଭିଡ଼ିଓ କରି ଅଡୁଆରେ ପଡିଛନ୍ତି ବ୍ରହ୍ମପୁର ସହରରେ ୪ ଜଣ ଯୁବକ। କଟକଣାକୁ ଉଲ୍ଲଙ୍ଘନ କରି ବାଇକ୍ ଯୋଗେ ବିନା ମାସ୍କ ଓ ହେଲମେଟ୍ ରେ ବୁଲା ବୁଲି କରିବା ସହ ସଟ୍ ଡାଉନ୍ ବିରୋଧରେ ନାରା ଦେଇ ଜିଲ୍ଲା ପ୍ରଶାସନ ଓ ପୋଲିସକୁ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ୍ କରିଥିଲେ। ଏହି ଭିଡ଼ିଓ ସାମାଜିକ ଗଣମାଧମରେ ଭାଇରାଲ୍ ହେବା ପରେ ପୋଲିସ ପକ୍ଷରୁ ସେମାନଙ୍କ ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ବଡ଼ବଜାର ଅଂଚଳରୁ ସମ୍ପୃକ୍ତ ୪ ଜଣ ଯୁବକଙ୍କୁ ଥାନାକୁ ନେଇ ପଚରା ଉଚୁରା କରିଥିଲା। ସେମାନେ ଲିଖିତ ଭାବେ କ୍ଷମା ପ୍ରାର୍ଥନା କରିବା ପରେ ସେମାନଙ୍କୁ ପୋଲିସ ତାଗିଦ୍ କରି ଛାଡିଥିବା ଜଣାପଡିଛି। ଏହି ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ରଜ ଉପଲକ୍ଷେ ଅଂଗନୱାଡି କର୍ମୀଙ୍କ ରଜପାନ ଓ ବସ୍ତ୍ରଦାନ



ଜଳେଶ୍ୱର,୧୬/୬ (ନି.ପ୍ର): ଜଳେଶ୍ୱର ବ୍ଲକର ଥିବା ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅପରାହ୍ନରେ ରଜପର୍ବ ନିଆରା ଢଙ୍ଗରେ ପାଳିତ ହୋଇ ଯାଇଛି। ଏଠାରେ ଥିବା ଟିଏମ୍‌ସି ସେଣ୍ଟରରେ ଥିବା ମହିଳାମାନଙ୍କୁ ଅଂଗନୱାଡି କର୍ମୀଙ୍କ ପକ୍ଷରୁ ରଜପାନ ଓ ଶାଢୀ ବଣ୍ଟନ କରାଯାଇଛି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ଯୋଜନାର ମହିଳା ପାରିଦର୍ଶିକା ଚଞ୍ଚଳା ବାରିକ, ସରପଂଚ ପ୍ରବୀର ଦାସ, ସପନ ଦାସ, ବିନୋଦ ଗିରି ପ୍ରମୁଖ କରୋନା ସଂପର୍କରେ ସଚେତନତା କରିବା ସହିତ ରଜପାନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କମ ମଧ୍ୟରେ ସବିତା ପରିଡା, ମାହେଶ୍ୱରୀ ନାୟକ, ମମତା ରାଉତ, ନମିତା ଦାସ, ସରସ୍ୱତୀ ଧଳ, ଜୟସ୍ମିତା ଜେନା, ଯଶୋଦା କରଣ, କାଞ୍ଚନ ବାଳା ପରିଡା, ନମିତା ସାସମଲ ପ୍ରମୁଖ ଯୋଗ ଦେଇଥିଲେ।

# ପନ୍ଦାଡୋ-ଓଲଡାଙ୍ଗ ରାସ୍ତା ଶୋଚନୀୟ

ଭଦ୍ରକ, ୧୬ ଜୁନ୍ (ହି.ସ.) - ଭଦ୍ରକ ଜିଲା ବନ୍ତ ବ୍ଲକ୍ ଆଡିଆ ପଂଚାୟତସ୍ଥିତ ପନ୍ଦାଡୋ-ଓଲଡାଙ୍ଗ ରାସ୍ତାଟି ଶୋଚନୀୟ ହୋଇପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଗତ ୨୦୧୪ ମସିହାରେ ଅର୍ଥ ମଂଜୁର ହୋଇ ମୋରମ ବିଛା କାର୍ଯ୍ୟ ହୋଇଥିଲା। ଓଲଡାଙ୍ଗ ସମେତ ଆଖପାଖ ଅନ୍ୟାନ୍ୟ ଗ୍ରାମବାସୀମାନେ ଏହି ରାସ୍ତାଦେଇ ପ୍ରତିଦିନ ଯାଆଆସ କରିଥାନ୍ତି। ବର୍ମାନ ରାସ୍ତାର ଅବସ୍ଥା ଏପରି ଯେ ତାହା ନିର୍ମାଣ ହେବା ପୂର୍ବରୁ ଗ୍ରାମବାସୀମାନେ ବରଂ ସୁବିଧାରେ ଯାଇପାରୁଥିଲେ। ମାତ୍ର ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବାରୁ ବର୍ମାନ ଗ୍ରାମବାସୀଙ୍କର ଏହି ରାସ୍ତାରେ ଯାଆଆସ କ୍ଷେତ୍ରରେ ଅବସ୍ଥା ସାଂଘାତିକ ହୋଇପଡିଛି। ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ନାନାଦି ସମସ୍ୟା ସୃଷ୍ଟି ହେବା ସହିତ ବର୍ଷା ପାଣି ଘର ମଧକୁ ପଶିଯାଉଛି। ଏହି ରାସ୍ତା ଦେଇ ସାଇକେଲ୍‌ଟିଏ ଠିକ୍ ଭାବରେ ଯାଇପାରୁନାହିଁ। ଦମକଳ ଗାଡି ହେଉ ବା ଆମ୍ବୁଲାନ୍ସ ପରି ଅତି ଜରୁରୀ ଗାଡି ଯିବା ଅସମ୍ଭବ ହୋଇପଡୁଛି। ଯଦ୍ୱାରା ଅକାଳରେ ଧନଜୀବନ କ୍ଷୟକ୍ଷତି ଘଟୁଛି। ଗ୍ରାମର ଅଧିକାଂଶ ସ୍ଥାନରେ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ଏହାଫଳରେ ଶଗଡ କିମ୍ବା ରିକ୍ସାଟିଏ ନିରାପଦରେ ଯାଇପାରୁନାହିଁ।

# ଭଦ୍ରକ ଜିଲ୍ଲାରେ ୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୭୭କୁ ବୃଦ୍ଧି

ଭଦ୍ରକ, ୧୬/୬ (ହି.ସ.)- ଭଦ୍ରକ ଜିଲ୍ଲାରେ ଆଜି ୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୭୭କୁ ବୃଦ୍ଧି ପାଇଛି। ଗତକାଲି ସଂନ୍ଧ୍ୟା ସୁଦ୍ଧା ଏହି ସଂଖ୍ୟା ଥିଲା ୧୫୮। ନୂଆ ଚିହ୍ନଟ ୧୯ ଜଣ କ୍ୱାରେଂଟାଇନ ସେଂଟରର। ଏମାନେ ସମସ୍ତେ ସୁରତ, କଲିକତା ଫେରନ୍ତା ରହିଥିବା ଜଣାପଡିଛି। ଇତିମଧ୍ୟରେ ଜିଲ୍ଲାରେ ୧୩୫ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ଜିଲ୍ଲାରେ କରୋନାଜନିତ ୪୨ଟି ସକ୍ରିୟ ମାମଲା ରହିଛି।

# କନ୍ଧମାଳ ଜିଲ୍ଲାରେ ୪୮ କରୋନା ପଜିଟିଭ୍ ଚିହ୍ନଟ

## ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୩୭କୁ ବୃଦ୍ଧି

କନ୍ଧମାଳ,୧୬/୬ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜି ୪୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯାହାକି ରାଜ୍ୟରେ ସର୍ବାଧିକ ରହିଛି। ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୩୭କୁ ବୃଦ୍ଧି ପାଇଛି। ଗତକାଲି ସୁଦ୍ଧା ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୯ ଥିଲା। ନୂଆ ଚିହ୍ନଟ ହୋଇଥିବା ୪୮ ଜଣଙ୍କ ମଧ୍ୟରୁ ୪୨ ଜଣ ଦାରିଙ୍ଗବାଡ଼ି କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡିଛି। ସେଥିମଧ୍ୟରେ ଜଣେ କରୋନା ଯୋଦ୍ଧା ମଧ ରହିଛନ୍ତି। ଅନ୍ୟ ୬ ଜଣଙ୍କ ମଧ୍ୟରୁ ଜଣେ ଜି. ଉଦୟଗିରି ଅସ୍ଥାୟୀ କ୍ୱାରେଂଟାଇନ ସେଂଟରର ହୋଇଥିବା ବେଳେ ଅନ୍ୟ ୫ ଜଣ ଫୁଲବାଣୀ କୋଭିଡ୍ ହସ୍ପିଟାଲର ପୁରୁଷ କର୍ମଚାରୀ ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରେ କ୍ୱାଂରେଟାଇନ ସେଂଟରରେ ସଂକ୍ରମିତଙ୍କ ମଧ୍ୟରୁ ତାମିଲନାଡୁରୁ ୨୧ ଜଣ, କେରଳରୁ ୧୭ ଜଣ, ଗୁଜୁରାଟରୁ ୬ ଜଣ, ଆନ୍ଧ୍ରପ୍ରଦେଶରୁ ୨ ଜଣ, ଓ ଜଣେ ତେଲେଙ୍ଗାନାରୁ ଫେରିଥିବା ନେଇ କନ୍ଧମାଳ ଜିଲ୍ଲାପାଳ ଡଃ. ବୃନ୍ଦା ଡି ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ଜିଲ୍ଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୩୭ ରହିଥିବା ବେଳେ ତନ୍ମଧ୍ୟରୁ ୨୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୧୧୨ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ରହିଛନ୍ତି। ଅର୍ଥାତ୍ ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ୧୧୨ ଟି ରହିଛି। ହେଲେ ଅଧିକାଂଶ ସଂକ୍ରମିତ କ୍ୱାରେଂଟାଇନ ସେଂଟରର ରହିଥିବାରୁ ଜନସାଧାରଣ ଏଥିରେ ଭୟଭିତ ନହୋଇ ଘରୁ କୌଣସି ଜରୁରୀ କାମରେ ବାହାରକୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# ଓଡିଆ ପାଇଲଟ୍ ମଧୁସ୍ମିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୬/୬ (ନି.ପ୍ର): ଆରବରୁ ପ୍ରବାସୀ ଓଡିଆମାନେ ଫେରିଥିବା ବିମାନର ଓଡିଆ ପାଇଲଟ୍ କ୍ୟାପ୍ଟେନ୍ ମଧୁସ୍ମିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସଂଯୁକ୍ତ ଆରବ ରାଷ୍ଟ୍ରର ସାରଜାରୁ ଏୟାର ଆର୍‌ବିଆର୍ ଓଡ଼ିଆ ପାଇଲଟ୍ କ୍ୟାପ୍ଟେନ୍ ମଧୁସ୍ମିତା ପଟ୍ଟନାୟକଙ୍କ ଦ୍ୱାରା ସ୍ୱତନ୍ତ୍ର ବିମାନ ଯୋଗେ ୨୧୭ ଜଣ ଓଡ଼ିଆ ରାଜ୍ୟକୁ ଫେରିବା ଅତ୍ୟନ୍ତ ଖୁସିର କଥା। କରୋନାର ସଂକଟଜନକ ସ୍ଥିତିରେ ପ୍ରବାସୀଙ୍କୁ ଓଡ଼ିଶା ଫେରାଇ ଆଣିବା ପଛରେ ଥିବା ସମସ୍ତଙ୍କ ଉତ୍ସାହ ଓ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପୁଣ୍ୟତିଥିରେ ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୬/୬ (ନି.ପ୍ର): ପୁଣ୍ୟତିଥି ଅବସରରେ ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସଭାପତି ଡକ୍ଟର ଶିରୀଶ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଷଦର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବହୁ କବି ଓ ସାହିତ୍ୟିକ ଛତୁଆ ପୋଖରୀସ୍ଥିତ ଶ୍ମଶାନଘାଟରେ ତିଳ ତର୍ପଣ ସହ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କବିତୀର୍ଥ ଶାନ୍ତିକାନନ ପରିସରରେ ଥିବା ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏ ଜାତି ପାଇଁ ସଂକ୍ରାନ୍ତି ପୁରୁଷଙ୍କ ଅବଦାନକୁ ମନେ ପକାଇଥିଲେ। ଏଥି ସହିତ ବିଶ୍ୱପାଇଁ ସମ୍ପ୍ରତି ମହା ବିପତ୍ତି ହୋଇଥିବା ମହାମାରୀ କରୋନା ମୁକାବିଲାରେ ଯୁଦ୍ଧା ସାଜିଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କ ସୁରକ୍ଷା କାମନା କରିଥିଲେ। ପରିଷଦର ସମ୍ପାଦକ ଡକ୍ଟର କୁମାର ଗୋପାଳ, ପୂର୍ବତନ ସଭାପତି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଭୋଗରାଇ ବିଧାୟକ ଅନନ୍ତ ଦାସ, ପ୍ରଦୀପ ଚାଟାର୍ଜୀ, ତପନ ରାୟ, କଲ୍ୟାଣୀ ନନ୍ଦ, ନିବାରଣ ଜେନା, ଦୀପକ ବୋଷ, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡକ୍ଟର ସନତନ ଦାସ, ବିଦ୍ୟାଧର ସାହୁ, ବ୍ରିଟ୍‌ର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତ, କବି କାଳୀପଦ ପଣ୍ଡା, ଆଇନଜୀବୀ ଅଶୋକ ସେନାପତି, ଡକ୍ଟର ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ଏହି ପୁଣ୍ୟତିଥି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଭାରତର 'ଆଧୁନିକ ଶଲ୍ୟ'.....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଚୀନ ସମର୍ଥନରେ ତର୍କ ପ୍ରଦାନ କରିବାକୁ ଚୀନ ଆମେରିକା ସମେତ ବ୍ରିଟେନ ଓ ଅନ୍ୟାନ୍ୟ ଦେଶ ମାନଙ୍କରେ ଅନେକ ସାମ୍ବାଦିକ, ପ୍ରଭାବଶାଳୀ ଆଙ୍କର ମାନଙ୍କୁ ଚୀନ ଅର୍ଥ ପ୍ରଦାନ କରୁଥିବା ମଧ୍ୟ ପ୍ରମାଣିତ ହୋଇଛି । କୋବିଡ -୧୯ ବାହାରିଲା ପରେ ଏହା ପଛରେ ଚୀନ ନାହିଁ ଓ ଏହି ସଙ୍କଟର ସାମନା କରିବାରେ ଚୀନ ସବୁଠାରୁ ଭଲ କାମ କରିଛି ବୋଲି ବିଶ୍ୱରେ ଚୀନ ଠାରୁ ଆର୍ଥିକ ଲାଭବାନ ହୋଇଥିବା ଏହି ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଅନେକ ସମ୍ବାଦପତ୍ର ମାନଙ୍କରେ ଲେଖା ଲେଖିଥିଲେ । ଭାରତରେ ମଧ୍ୟ ଚୀନ ସମର୍ଥନରେ ଏପରି ଲେଖକ, ସାମ୍ବାଦିକ, ସ୍ତମ୍ଭ ଲେଖକ ମାନେ କହିବା ଆରମ୍ଭ କରିଛନ୍ତି । ଚୀନକୁ କୋରୋନା ଭାଇରସ ପାଇଁ ଦାୟୀ କରା ଯିବା ଉଚିତ ନୁହେଁ ବୋଲି ମଧ୍ୟ ଆଙ୍କର ମାନେ ଟେଲିଭିଜନର ପ୍ରାଇମ ଟାଇମରେ କାର୍ଯ୍ୟକ୍ରମ କରି ଆସିଛନ୍ତି । ଶୀତଳ ଯୁଦ୍ଧ ସମୟରେ ଋଷ ଓ ଚୀନ ଭାରତରେ ବସିଥିବା ସେମାନଙ୍କର ଏଜେଂଟ ମାନଙ୍କୁ ଅର୍ଥ ପ୍ରଦାନ କରୁଥିବାର ପ୍ରମାଣ ରହିଛି । ସେତେବେଳେ ଋଷ ସିପିଆଇ ଦଳର ନେତା ମାନଙ୍କୁ ଓ ଚୀନ ସିପିଏମର ନେତା ମାନଙ୍କୁ ବିଭିନ୍ନ ଉପାୟରେ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ । ଏହା ଦ୍ୱାରା ସେମାନେ ଭାରତରେ ଋଷ ଓ ଚୀନ ଅନୁସାରେ ନିଜର ତର୍କ ପ୍ରସ୍ତୁତ କରୁଥିଲେ ଯାହା ଦ୍ୱାରା ଚୀନ ଓ ଋଷକୁ ଲାଭ ହେଉଥିଲା । ୧୯୬୨ ମସିହାରେ ଚୀନ ଦ୍ୱାରା ଭାରତ ଉପରେ ଆକ୍ରମଣ କରିବା ପରେ କମ୍ୟୁନିଷ୍ଟ ପାର୍ଟିର ନେତା ମାନେ କହିଥିଲେ ଯେ ଚୀନ ଭାରତ ଉପରେ ନୁହେଁ ବରଂ ଭାରତ ଚୀନ ଉପରେ ଆକ୍ରମଣ କରିଛି । ସେତେବେଳେ ସେମାନେ ଚୀନର ଲାଲ ସେନା ଭାରତରେ ପ୍ରବେଶ କରିବାକୁ ଏହି କମ୍ୟୁନିଷ୍ଟ ମାନେ ତୋରଣ ସଜାଇଥିବା କମ୍ୟୁନିଷ୍ଟ ନେତା ମାନେ ସେମାନଙ୍କର ଲିଖିତ ପୁସ୍ତକରେ ଉଲ୍ଲେଖ କରିଛନ୍ତି । କୋଲକାତାରେ କମ୍ୟୁନିଷ୍ଟ ମାନେ ଚୀନେର ଚେୟାରମେନ - ଆମାଦେର ଚେୟାରମେନର ନାରା ଦେଉଥିବା ସମସ୍ତେ ଦେଖିଛନ୍ତି । ତେବେ ୟୁଏସଏସଆରର ପତନ ହେବା ପରେ ପରିସ୍ଥିତି ବଦଳିଛି । ବର୍ତମାନ ପରିସ୍ଥିତିରେ ଋଷ ଏପରି କରୁଛି କି ନାହିଁ ତାହା କହି ହେବ ନାହିଁ ତେବେ ଚୀନ ତାର ଏହି ଖେଳ ଜାରୀ ରଖିଛି । ଭାରତରେ କମ୍ୟୁନିଷ୍ଟ ପାର୍ଟି ଗୁଡିକ ଧୀରେ ଧୀରେ ସେମାନଙ୍କର ରାଜନୈତିକ ଅସ୍ତିତ୍ୱ ହରାଇବାକୁ ବସିଲେଣି । ତେଣୁ ଏବେ ଚୀନ ତାଙ୍କର ସମର୍ଥକ ଲେଖକ, ସାମ୍ବାଦିକ, ଆଙ୍କର ମାନଙ୍କୁ ଏହି କାମରେ ଲଗାଇଛି । ବାସ୍ତବରେ ଏମାନେ ସମସ୍ତେ ହେଉଛନ୍ତି ସେହି ଅର୍ବାଚୀନ ନକ୍ସଲ ଯେଉଁ ମାନେ ଭାରତକୁ ଦୁର୍ବଳ କରିବାକୁ ସତତ ଚେଷ୍ଟିତ । ଭାରତର ସାଧାରଣ ଲୋକ ମାନେ ଦେଖୁଛନ୍ତି ଯେ କିଛି ସାମ୍ବାଦିକ ସମୂହ ସୂତ୍ରଙ୍କ ଉଦ୍ଧୃତ କରି ଖବର ପ୍ରସାରିତ କରି ଦେଲେ ଯେ ଭାରତର ସୈନିକ ମାନଙ୍କୁ ଚୀନର ସୈନିକ ମାନେ ଘେରି ନେଇଛନ୍ତି । ଏହି ଖବରର କୌଣସି ସତ୍ୟତା ନ ଥିଲା। ଭାରତର ସେନା ଦ୍ୱାରା ଏପରି ଖବରକୁ ମିଛ ବୋଲି କହିବା ସହ ଏପରି ଅପ ପ୍ରଚାର ନ କରିବାକୁ ପରାମର୍ଶ ଦେଲା । ହେଲେ ଏହି ସାମ୍ବାଦିକମାନଙ୍କ ପାଇଁ ସତ୍ୟତାର କୌଣସି ଅର୍ଥ ନ ଥିଲା । କାରଣ ସେମାନେ ଚୀନର ନିର୍ଦ୍ଦେଶରେ କାମ କରୁଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ଯେ ଭାରତବାସୀଙ୍କ ମନୋବଳକୁ କମ କରିବା । ସେହିପରି ଅନେକ ଟେଲିଭିଜନ ଚାନେଲରେ ଚୀନ ସମର୍ଥନରେ ଘଂଟା ଘଂଟା ଧରି କାର୍ଯ୍ୟକ୍ରମ ହେଉଥିବା ମଧ୍ୟ ଭାରତରେ ଜନ ସାଧାରଣ ଦେଖୁଛନ୍ତି । ତେଣୁ ବର୍ତମାନର କୋବିଡ ୧୯ ବ୍ୟାପିବା ଓ ଭାରତ –ଚୀନର ବାସ୍ତବିକ ନିୟନ୍ତ୍ରଣ ରେଖାରେ ଉତେଜନା ସମୟରେ ଏହି ଚୀନ ସମର୍ଥକ ଅର୍ବାଚୀନ ନକ୍ସଲ ତଥା ଆଧୁନିକ ଶଲ୍ୟ ମାନଙ୍କୁ ଦେଶବାସୀ ଦେଖୁଛନ୍ତି । ସେମାନଙ୍କର ଉପରୁ ଥିବା ପରଦା ଉଠୁଛି । ତେବେ ଭାରତ ସରକାର ଏହି ଆଧୁନିକ ଶଲ୍ୟ ମାନଙ୍କୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ । ଏମାନଙ୍କ ନିକଟକୁ ଆସୁଥିବା ଆର୍ଥିକ ସ୍ରୋତର ମଧ୍ୟ ପୁଙ୍ଖାନୁପୁଙ୍ଖ ଜାଂଚ ମଧ୍ୟ ଭାରତ ସରକାର କରିବା ଉଚିତ । ତା ହେଲେ ଏମାନଙ୍କ ଉପରୁ ସମ୍ପୂର୍ଣ ରୂପେ ପରଦା ଉଠିବ ଓ ସେମାନଙ୍କର ଭାରତ- ଭାରତୀୟତା ବିରୋଧୀ ଚେହେରା ସାମନାକୁ ଆସିବା ସେମାନଙ୍କର ବୁଦ୍ଧିଜୀବୀର ଆବରଣ ମଧ୍ୟ ହଟି ପାରିବ ।

## ପ୍ରଶ୍ନ କରିବା ପୂର୍ବରୁ ବିଜେପି ନେତାମାନେ କେନ୍ଦ୍ରୀୟ ମାର୍ଗଦର୍ଶିକା ପଢନ୍ତୁ: ବିଜେଡି

ଭୁବନେଶ୍ୱର, ୧୬ ଜୁନ୍ - କେନ୍ଦ୍ରର ବିଜେପି ନେତୃତ୍ୱାଧିନ ସରକାର ଓ ଦେଶରେ କୋଭିଡ ମନିଟରିଂ କରୁଥିବା ଜାତୀୟ ସଂସ୍ଥା ଆଇସିଏମଆର କେବଳ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିମାନଙ୍କର କୋଭିଡ ପରୀକ୍ଷା ପାଇଁ ମାର୍ଗନିର୍ଦ୍ଦେଶିକା ଜାରି କରିଛନ୍ତି । ଓଡିଶା ସରକାର ଏହି ମାର୍ଗଦର୍ଶିକା ଆଧାରରେ କରୋନା ପରୀକ୍ଷା କରୁଛନ୍ତି । ତେଣୁ ବିଜେପି ନେତାମାନେ ବୟାନବାଜି କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ମାର୍ଗନିର୍ଦ୍ଦେଶିକା ପଢିବା ପାଇଁ କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ପ୍ରଶ୍ନର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଓଡିଶାରେ କରୋନା ଏବେ ନିୟନ୍ତ୍ରଣାଧିନ ରହିଛି। ଆଇସିଏମଆର ମାର୍ଗଦର୍ଶିକା ଅନୁଯାୟୀ ଓଡିଶା ସରକାର ରାନଡମ ଭାବେ କରୋନା ପରୀକ୍ଷା କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡିଶାରେ କରୋନା ପରୀକ୍ଷା କ୍ଷମତା ଦୈନିକ ୧୫ହଜାରକୁ ବୃଦ୍ଧି ପାଇଛି, । ତେଣୁ ଏଭଳି ଏକ ସ୍ପର୍ଶକାତର ଘଟଣାରେ ରାଜନୀତି କରିବା ପୂର୍ବରୁ ବିଜେପି ନେତାମାନେ ପ୍ରଥମେ କେନ୍ଦ୍ରର ମାର୍ଗଦର୍ଶିକା ପଢନ୍ତୁ ବୋଲି ଡକ୍ଟର ପାତ୍ର କହିଛନ୍ତି । କରୋନା ଯୁଦ୍ଧ ମୁକାବିଲାରେ ଆମେ ଏବେ ମଧ୍ୟବର୍ତୀ ସ୍ଥିତିରେ ଥିବାରୁ ବିଜେପି ଏଭଳି ହୀନ ରାଜନୀତି କରିବା ଉଚିତ ନୁହେଁ । ଓଡିଶାର ଅସ୍ଥାୟୀ ମେଡିକାଲ କେନ୍ଦ୍ର (ଟିଏମସି) ରଣନୀତି ଯାହାକି ଦେଶର ଅନ୍ୟ କୌଣସି ରାଜ୍ୟ ଆପେଣେଇ ନାହାନ୍ତି, ସେଥିଯୋଗୁଁ କରୋନା ମୁକାବିଲା କ୍ଷେତ୍ରରେ ଓଡିଶା ବେଶ ଭଲ ସ୍ଥିତିରେ ଅଛି । କେଉଁ ବିଜେପି ଶାସିତ ରାଜ୍ୟ ପଂଚାୟତ ସ୍ତରରେ ଟିଏମସି ଭଳି ବ୍ୟବସ୍ଥା କରିଛନ୍ତି ତାହା ବିଜେପି ମୁଖପାତ୍ର ମାନେ କହିପାରିବେ କି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି । ଓଡିଶା ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଏଭଳି ବ୍ୟବସ୍ଥା ନଥିବା ସେ କହିଛନ୍ତି ।

## ମାସ୍କ ପିନ୍ଧି ନଥିବା ଅଭିଯୋଗରେ ଗତ ୨୪ ଘଂଟାରେ ୧୮୯ ଜଣଙ୍କଠାରୁ ଜୋରିମାନା ଆଦାୟ କଲା ବ୍ରହ୍ମପୁର ପୋଲିସ

ଭୁବନେଶ୍ୱର,୧୬।୬ (ନି.ପ୍ର): ବ୍ରହ୍ମପୁରରେ ମାସ୍କ ପିନ୍ଧି ନଥିବା ଅଭିଯୋଗରେ ଗତ ୨୪ ଘଂଟାରେ ୧୮୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ବୋଲି ବ୍ରହ୍ମପୁର ଏସପି ଟ୍ୱିଟ କରି ସୂଚନା ଦେଇଛନ୍ତି । ସେହିପରି ଏହି ସମୟ ମଧ୍ୟରେ ସେହିପରି ଏହି ଅବଧିରେ ୫୦ ଲିଟର ମଦ ଜବତ କରା ଯାଇଥିବା ସୂଚନା ଦିଆ ଯାଇଛି । ଏହି ସମୟ ମଧ୍ୟରେ ୯୬ ଟି ବାହନରୁ ଚାଲାଣ କଟା ଯାଇଥିବା ମଧ୍ୟ ସୂଚନା ଦିଆ ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ମୁଖ୍ୟମନ୍ତ୍ରୀମାନଙ୍କ ସହ ଅନଲକ ....

ମଧ୍ୟରେ ଭାରତ ପରିଗଣିତ ହେଉଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସବୁଠୁ ବଡ଼ ଶିକ୍ଷା ହେଉଛି ଯଦି ଆମେ ଶୃଙ୍ଖଳିତ ରହିବା ଏବଂ ନିୟମ ପାଳନ କରିବା, କରୋନା ଭୂତାଣୁ କମ କ୍ଷତି ପହଁଚାଇବ । ସେ ମାସ୍କ/ ମୁହଁଘୋଡ଼ା ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଏହା ବିନା କେହି ବି ବାହାରକୁ ଯିବା ଅନୁଚିତ ବୋଲି କହିଥିଲେ । ଏହା କେବଳ ବ୍ୟକ୍ତିଗତ ସୁରକ୍ଷା ପାଇଁ ଜରୁରି ନୁହେଁ ବରଂ ପରିବାର ଓ ସମୁଦାୟର ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେ ମଧ୍ୟ 'ଦୁଇ ଗଜ ଦୂରତା', ସାବୁନ ଓ ପାଣିରେ ହାତ ଧୋଇବା ଓ ସାନିଟାଇଜର ବ୍ୟବହାର କରିବାର ମନ୍ତ୍ର ବିଷୟରେ ଆଲୋଚନା କରିଥିଲେ । ଶୃଙ୍ଖଳାରେ ସାମାନ୍ୟ ତ୍ରୁଟି ରହିଲେ ଭୂତାଣୁ ବିରୋଧରେ ଆମର ଲଢ଼େଇ ଦୁର୍ବଳ ହୋଇଯିବ ବୋଲି ସେ ଚେତାବନୀ ଦେଇଥିଲେ । ଅର୍ଥବ୍ୟବସ୍ଥାରେ ସବୁଜ ସଙ୍କେତ: ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ବିଗତ କିଛି ସପ୍ତାହ ଧରି ନିଆଯାଇଥିବା ପଦକ୍ଷେପ କାରଣରୁ ଅର୍ଥବ୍ୟବସ୍ଥାରେ ସବୁଜ ସଙ୍କେତ ବର୍ତମାନ ପରିଲକ୍ଷିତ ହୋଇଛି । ପୂର୍ବରୁ ହ୍ରାସ ପାଇଥିବା ବିଦ୍ୟୁତ ଶକ୍ତି ବ୍ୟବହାର ବୃଦ୍ଧି ପାଇଛି, ସାର ବିକ୍ରିରେ ମେ' ମାସରେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ହୋଇଛି, ଗତବର୍ଷ ତୁଳନାରେ ଖରିଫ ଫସଲ ବୁଣାରେ ବୃଦ୍ଧି ଦେଖିବାକୁ ମିଳିଛି, ଦୁଇ ଚକିଆ ଉତ୍ପାଦନ ବୃଦ୍ଧି ପାଇଛି, ଖୁଚୁରା ବ୍ୟବସାୟ କ୍ଷେତ୍ରରେ ଡିଜିଟାଲ ଅର୍ଥ ପଇଠ ଲକଡାଉନ ପୂର୍ବ ସ୍ତରରେ ପହଁଚିପାରିଛି, ମେ' ମାସରେ ଟୋଲ ଆଦାୟ ବୃଦ୍ଧି ପାଇଛି ଏବଂ ରପ୍ତାନିରେ ପୁଣିଥରେ ସୁଧାର ଆସିଛି । ଏସବୁ ସଙ୍କେତ ଆମକୁ ଆଗକୁ ବଢ଼ିବା ନିମନ୍ତେ ଉତ୍ସାହିତ କରୁଛି । ଆତ୍ମନିର୍ଭର ଭାରତ ଅଭିଯାନର ଲାଭ: ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକରେ କୃଷି, ଉଦ୍ୟାନକୃଷି, ମତ୍ସ୍ୟପାଳନ ଓ ଏମଏସଏମଇ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏମଏସଇଗୁଡ଼ିକୁ ଯଥାସମୟରେ ଋଣ ଯୋଗାଇ ଦେବା ବିଷୟରେ ଆଲୋଚନା କରି ସେ କହିଥିଲେ ଯେ ଯଦି ବ୍ୟାଙ୍କର୍ସ କମିଟି ଜରିଆରେ ଉଦ୍ୟୋଗଗୁଡ଼ିକୁ ଶୀଘ୍ର ଋଣ ଜାରି କରି ଦିଆଯିବ ତା'ହେଲେ ଏଗୁଡ଼ିକ ତୁରନ୍ତ କାମ ଆରମ୍ଭ କରିପାରିବେ ଏବଂ ନିଯୁକ୍ତି ସୁଯୋଗ ବ୍ୟବସ୍ଥାକୁ ସୁନିଶ୍ଚିତ କରିପାରିବେ । କ୍ଷୁଦ୍ର କାରଖାନାଗୁଡ଼ିକୁ ମାର୍ଗଦର୍ଶନ ଏବଂ ସହାୟତାର ଆବଶ୍ୟକତା ରହିଛି । ସେ ବାଣିଜ୍ୟ ଓ ଉଦ୍ୟୋଗଜଗତକୁ ସହାୟତା ଯୋଗାଇ ଦେବା ସକାଶେ ମୂଲ୍ୟ ଶୃଙ୍ଖଳ ଉପରେ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟଗୁଡ଼ିକରେ ଥିବା ନିର୍ଦ୍ଦିଷ୍ଟ ଅର୍ଥନୈତିକ କାର୍ଯ୍ୟକଳାପ ଦୈନିକ ୨୪ ଘଂଟା କାମ କରିବା ଉଚିତ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବଢ଼ାଇବା ଲାଗି ଲୋଡିଂ ଓ ଅନଲୋଡିଂ କାମକୁ ଦ୍ରୁତ କରିବାର ଆବଶ୍ୟକତା ରହିଛି । କୃଷି କ୍ଷେତ୍ରରେ ନିଆଯାଇଥିବା ସଂସ୍କାର ଜରିଆରେ ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେମାନଙ୍କୁ ନିଜ ଉତ୍ପାଦ ବିକ୍ରି ପାଇଁ ନୂଆ ସୁଯୋଗ ମିଳିବ, ଆୟ ବୃଦ୍ଧି ହେବା ଫଳରେ ଅର୍ଥବ୍ୟବସ୍ଥାରେ ଚାହିଦା ବୃଦ୍ଧି ପାଇବ । ଜୈବିକ ଉତ୍ପାଦ, ବାଉଁଶ ଉତ୍ପାଦ ଏବଂ ଅନ୍ୟ ଜଙ୍ଗଲଜାତ ଉତ୍ପାଦ ପାଇଁ ନୂଆ ବଜାର ସୁଯୋଗ ଖୋଲିବା ସହିତ ଉତର-ପୂର୍ବାଂଚଳ ଏବଂ ଆଦିବାସୀ ଅଂଚଳରେ କୃଷି ଏବଂ ଉଦ୍ୟାନ କୃଷି ପାଇଁ ନୂତନ ସମ୍ଭାବନା ସୃଷ୍ଟି ହେବ । ସ୍ଥାନୀୟ ଉତ୍ପାଦ ପାଇଁ କ୍ଲଷ୍ଟର ଆଧାରିତ ଆଭିମୁଖ୍ୟ କାରଣରୁ ରାଜ୍ୟଗୁଡ଼ିକ ଲାଭବାନ ହେବେ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଉନ୍ନତ ପ୍ରକ୍ରିୟାକରଣ ଏବଂ ଅଧିକ ପ୍ରଭାବୀ ବିପଣନ ଲାଗି ଜିଲ୍ଲା ଓ ବ୍ଲକ ସ୍ତରରେ ଉତ୍ପାଦଗୁଡ଼ିକୁ ଚିହ୍ନଟ କରାଯିବା ଆବଶ୍ୟକ । ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ କରାଯାଇଥିବା ଘୋଷଣାଗୁଡ଼ିକୁ ଯଥାଶୀଘ୍ର ଫଳପ୍ରଦ କରିବା ଲାଗି ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଉଭୟ ଜୀବନ ଓ ଜୀବିକା ଉପରେ ଗୁରୁତ୍ୱ: ମତାମତ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ପ୍ରଧାନମନ୍ତ୍ରୀ । ଉଭୟ ଜୀବନ ଓ ଜୀବିକା ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ । ସେ କହିଥିଲେ ଗୋଟିଏ ପଟେ ପରୀକ୍ଷା ଓ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରାଯାଇ ସ୍ୱାସ୍ଥ୍ୟ ଭିତିଭୂମିରେ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଅନ୍ୟପଟେ ଆର୍ଥିକ କାର୍ଯ୍ୟକଳାପକୁ ମଧ୍ୟ ବଢ଼ାଇବା ଜରୁରି । ବର୍ତମାନ ଓ ଭବିଷ୍ୟତର ଆବଶ୍ୟକତା ଉପରେ ଦୃଷ୍ଟି ଦେଇ ନିଷ୍ପତି ନିଆଯିବାର ଆବଶ୍ୟକତା ରହିଛି । ସେ ରାଜ୍ୟ ନେତୃବର୍ଗଙ୍କୁ ଆହ୍ୱାନ କରି କହିଥିଲେ ଯେ ଭୂତାଣରୁ ଭୟ ଏବେ ସୁଦ୍ଧା ଯାଇପାରିନାହିଁ ବୋଲି ମନେ ରଖିବା ଉଚିତ ଏବଂ ଆର୍ଥିକ କାର୍ଯ୍ୟକଳାପ ଖୋଲିବା ସମୟରେ ସତର୍କ ରହିବାର ଆବଶ୍ୟକତା ରହିଛି । ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଥିଲେ ଯେ ବର୍ତମାନସୁଦ୍ଧା ଆମେ ମହାମାରୀ ବିରୋଧରେ ଏକ ସଫଳ ଲଢ଼େଇ ଲଢ଼ିଆସିଛୁ । ଆଗକୁ ଆହୁରି ଲମ୍ବା ରାସ୍ତା ବାକି ଅଛି । ତେଣୁ ମାସ୍କ ଓ ଫେସ କଭର ବ୍ୟବହାର କରିବା, ଦୁଇ ଗଜ ଦୂରତା ରକ୍ଷା କରିବା ଆଦି ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ସମସ୍ତେ ପାଳନ କରିବା ଉଚିତ । ପ୍ରସ୍ତୁତିର ଆଗୁଆ ସମୀକ୍ଷା : କୋଭିଡ-୧୯ ମହାମାରୀ ମୁକାବିଲା କ୍ଷେତ୍ରରେ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମୀକ୍ଷା ଲାଗି ଜୁନ ୧୩ ତାରିଖରେ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଏକ ବିସ୍ତୃତ ବୈଠକର ଆୟୋଜନ କରିଥିଲେ । ଏହି ବୈଠକରେ ଜାତୀୟ ଓ ରାଜ୍ୟସ୍ତରରେ ମହାମାରୀର ସ୍ଥିତି ଓ ମୁକାବିଲା ପଦକ୍ଷେପ ସମୀକ୍ଷା କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ ମୋଟ ମାମଲା ମଧ୍ୟରୁ ଦୁଇତୃତୀୟାଂଶ ମାମଲା ବଡ଼ ରାଜ୍ୟରେ ରହିଛି ଏବଂ ବଡ଼ ସହରଗୁଡ଼ିକରେ ଅଧିକ ସଂଖ୍ୟକ ମାମଲା ଦେଖିବାକୁ ମିଳିଛି । ବଡ଼ ସହରଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ନମୁନା ପରୀକ୍ଷା ସଂଖ୍ୟା ବଢ଼ାଇବା ଏବଂ ଦୈନିକ ଦ୍ରୁତ ବେଗରେ ସଂକ୍ରମିତ ରୋଗୀମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ଉଦ୍ଦେଶ୍ୟରେ ଶଯ୍ୟା ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ସହର ଉପରେ ଗଠିତ କ୍ଷମତାପ୍ରାପ୍ତ ଗୋଷ୍ଠୀର ସୁପାରିସ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାୱାରୀ ଡାକ୍ତରଖାନା ଶଯ୍ୟା/ଏକାନ୍ତବାସ ଶଯ୍ୟାର ଆବଶ୍ୟକତା ପୂରଣ କରିବା ଦିଗରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସହିତ ପରାମର୍ଶ କରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ଜରୁରିକାଳୀନ ଯୋଜନା ପ୍ରସ୍ତୁତ କରିବେ ବୋଲି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୌସୁମୀ ଋତୁ ଆରମ୍ଭ ହେବାକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି କରିବା ନିମନ୍ତେ ମଧ୍ୟ ସେ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଥିଲେ ।

### ଭାରତ ନିଜେ ଆତ୍ମନିର୍ଭର....

ଦେଶରେ ଇସ୍ପାତ ଚାହିଦାକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି । ବିଗତ ଦିନ ମାନଙ୍କରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଅନେକ ଅଭୁତପୂର୍ବ ପରିବର୍ତନ ଘଟିଛି । ସିଟି ଗ୍ୟାସ ବିତରଣ ନେଟୱାର୍କର ସଂପ୍ରସାରଣ ଦେଶ ଜନସଂଖ୍ୟାର ୭୦ ପ୍ରତିଶତକୁ କଭର କରିଛି । ରିଂଫାଇନିଂ କ୍ଷମତା ବୃଦ୍ଧି କରାଯିବା ସହ ୧୦ ହଜାର ସିଏନଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ଯୋଜନା ହୋଇଛି । ଅନ୍ୱେଷଣ ଓ ଉତ୍ପାଦନ କ୍ଷେତ୍ରକୁ ବଢାଇବା ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଏହି ସବୁ ପଦକ୍ଷେପ ଦେଶରେ ଇସ୍ପାତ ଚାହିଦାକୁ ବୃଦ୍ଧି କରିବ । ଆଜିର ଅନ୍‌ଲାଇନ କାର୍ଯ୍ୟକ୍ରମ ଇସ୍ପାତ ବ୍ୟବହାରକୁ ତ୍ୱରାନ୍ୱିତ କରିବ ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରରେ ଇସ୍ପାତର ଚାହିଦା ପୂରଣ କରିବା ତଥା ଆତ୍ମନିର୍ଭରଶୀଳ ହେବା ପାଇଁ ରୋଡମ୍ୟାପ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ଆଉ ୧୦୮ କରୋନା....

ଭାବେ କେନ୍ଦୁଝର ଜିଲ୍ଲାରୁ ୫, ଖୋର୍ଦ୍ଧା ଜିଲ୍ଲାରୁ ୭, କେନ୍ଦ୍ରାପଡ଼ା ଜିଲ୍ଲାରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ କଟକ, କଳାହାଣ୍ଡି , ବଲାଙ୍ଗୀର, ବରଗଡ଼, ଓ ଅନୁଗୁଳ ଜିଲ୍ଲାରୁ ଜଣେ ଲେଖାଏଁ, ବାଲେଶ୍ୱର ଜିଲ୍ଲାରୁ ୪, ଜଗତସିଂହପୁର ଜିଲ୍ଲାରୁ ୯, ଗଞ୍ଜାମ ଜିଲ୍ଲାରୁ ୮, ପୁରୀ ଜିଲ୍ଲାରୁ ୧୫, ଗଜପତି ଜିଲ୍ଲାରୁ ୭ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

### ଲକ୍ ଡାଉନ୍ ପରେ....

ଆରଆରବିର ମେଧା ତାଲିକା, ସ୍ଲଟ୍ ର ଉପଲବ୍ଧତା ଓ ଖାଲିଥିବା ପଦବୀର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ପ୍ରଶିକ୍ଷଣ ନିମନ୍ତେ ଡ଼କାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଖାଲି ହେଉଥିବା ପଦବୀର ପୂର୍ବାନୁମାନ କରି ଆସିଷ୍ଟାଂଟ୍ ଲୋକୋ ପାଇଲଟ୍ ପଦବୀ ପୂରଣ ନିମନ୍ତେ ଫେବୃୟାରୀ, ୨୦୧୮ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରେଲ୍‌ୱେ ରିକ୍ରୁଟ୍‌ମେଂଟ୍ ବୋର୍ଡ଼ (ଆରଆରବି) ଭୁବନେଶ୍ୱର ଓ ସିକନ୍ଦରାବାଦଙ୍କ ଦ୍ୱାରା ଜାନୁୟାରୀ, ୨୦୧୯ ରେ ପରୀକ୍ଷା ପରିଚାଳନା କରାଯାଇଥିଲା ।

### ମହିଳା ଜନସମ୍ବାଦ...

ମୋଦି ସରକାର ୧ଲକ୍ଷ ୭୦ ହଜାର କୋଟି ସାରା ଦେଶପାଇଁ ବ୍ୟବସ୍ଥା କରିଛନ୍ତି । କରୋନା ଲକଡାଉନ ବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ହିତାଧୀକାରିଙ୍କୁ ମିଳିଛି ମାସିକ ୫ କିଲୋ ହିସାବରେ ୩ ମାସ ପାଇଁ ଆଗୁଆ ଚାଉଳ ଓ ୧ କିଲୋ ଡାଲି । କରୋନା ପାଇଁ ୮ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୩ ମାସ ପାଇଁ ମାଗଣାରେ ଗ୍ୟାସ ସଂଯୋଗ ଦିଆଯାଇଛି । ୨୦ କୋଟି ମହିଳାଙ୍କୁ ଜନଧନ ଆକାଉଂଟରେ ୧୫୦୦ ଟଙ୍କା ଲେଖାଏଁ ପଠାଇ ଦିଆଯାଇଛି । ଆତ୍ମନିର୍ଭର ଭାରତ ଯୋଜନାରେ ଦେଶବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ୨୦ଲକ୍ଷ କୋଟି ଘୋଷଣା କରିଛନ୍ତି । ମୁଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଏବେ ବିନା କୌଣସି ସିକ୍ୟୁରିଟି ଜମାରେ ଲୋନ ନେଇ ଆତ୍ମନିର୍ଭର ହୋଇ ପାରିବେ ବୋଲି ଶ୍ରୀମତୀ ରାହତକର କହିଛନ୍ତି । ଏହି ଭର୍ଚୁଆଲ ର୍‍ୟାଲିକୁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଏହି ଭର୍ଚୁଆଲ ର୍‍ୟାଲିରେ ରାଜ୍ୟସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢୀ, ରାଜ୍ୟ ଉପସଭାନେତ୍ରୀ ତଥା ଭୁବନେଶ୍ୱର ସାସଂଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଓ ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର, କସ୍ତୁରୀ ମିଶ୍ର, ସମସ୍ତ ଜିଲ୍ଲାର ମହିଳା ମୋର୍ଚ୍ଚା ଅଧ୍ୟକ୍ଷା, ପଦାଧିକାରୀ, ମଣ୍ଡଳସ୍ତରୀୟ ମହିଳା ପଦାଧିକାରୀଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

## ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧୬

ବାଲେଶ୍ୱର,୧୬।୬ (ନି.ପ୍ର): ସାମ୍ପ୍ରତିକ ଅନଲକ୍-୧ସ୍ଥିତିରେ ଓଡ଼ିଶାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୪୧୬୩ରେ ପହଞ୍ଚିଥିବା ବେଳେ ୨୯୭୪ ଜଣ ସୁସ୍ଥ ହୋଇଛନ୍ତି । ଏବେ ଏକ୍ଟିଭ୍ ଥିବା୧୧୭୫ଜଣଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନୁରୂପ ଭାବେ ଆଜି ୪ ଜଣ ପଜିଟିଭ୍ ଚିହ୍ନଟ ପରେ ବାଲେଶ୍ୱର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୨୧୬ରେ ପହଞ୍ଚିଛି । ଅଦ୍ୟାବଧି ଜିଲ୍ଲାରେ ୧୫୨ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏକ୍ଟିଭ୍ ମାତ୍ର ୨୧ ଜଣ ଏକ୍ଟିଭ୍‌ଙ୍କୁ ଏବେ କୋଭିଡ୍ ହସପଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ କରୋନା ସ୍ଥିତିରେ ବାହାର ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କ ଆଗମନ ବି ଜାରି ରହିଛି । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟରୁ ବାଲେଶ୍ୱରକୁ ବସ୍ ଓ ଟ୍ରେନ୍‌ରେ ଏମିତିକି ଚାଲିଚାଲି ଅଦ୍ୟାବଧି୬୦ ହଜାରରୁ ଅଧିକ ଶ୍ରମିକ ଆସିଲେଣି । ଜୁନ୍ ମାସ ଶେଷ ସୁଦ୍ଧା ଏହି ସଂଖ୍ୟା ୧ ଲକ୍ଷ ଟପିବ ବୋଲି ଅନୁମାନ କରାଯାଇଛି । ସେହିଭଳି ଅଧିକାଂଶକୁ କ୍ୱାରେଣ୍ଟାଇନ୍ ରଖାଯାଉଥିବା ବେଳେ ଲକ୍ଷଣ ନଥିବା ଶମିକଙ୍କୁ ଘରକୁ ପଠାଇ ଦିଆଯାଉଥିବା ଜଣାପଡ଼ିଛି । ସବୁଠାରୁ ବଡ଼କଥା ହେଲା ବାଲେଶ୍ୱର ବ୍ୟତୀତ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଖୋର୍ଦ୍ଧା, ନବରଙ୍ଗପୁର, ସୁନ୍ଦରଗଡ଼, ଭୟୂରଭଂଜ, ସମ୍ବଲପୁର, ଗଞ୍ଜାମ ପ୍ରଭୃତି ଜିଲ୍ଲାର ଶ୍ରମିକ ଆସି ବାଲେଶ୍ୱରରେ ଓହ୍ଲାଇବା ପରେ ସେମାନଙ୍କୁ ପୁଣି ବସ୍ ଯୋଗେ ସେମାନଙ୍କ ଅଞ୍ଚଳକୁ ପଠା ଯାଉଛି । ପୂର୍ବଭଳି ଟ୍ରେନ୍‌ରୁ ଓହ୍ଲାଉଥିବା ଶ୍ରମିକଙ୍କ ସଂସ୍ପର୍ଶରେ ସାଧାରଣ ଲୋକେ ନ ଆସିବା ପାଇଁ ବିଶେଷ କଟକଣା ମଧ୍ୟ ରହୁନି । ଫଳରେ କରୋନା ଭୂତାଣୁ ସଂକ୍ରମଣ ହେବାର ଆଶଙ୍କାକୁ ନେଇ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିଭଳି ଜିଲ୍ଲା ସ୍ୱାବ ପରୀକ୍ଷା ପରିମାଣ ହ୍ରାସ ପାଇବା ଅନ୍ୟଏକ ଚିନ୍ତାର ବିଷୟ ହୋଇଛି । ଅଦ୍ୟାବଧି୧୨ ହଜାର ସ୍ୱାବ ପରୀକ୍ଷା ହୋଇଥିବା ବେଳେ ସ୍ୱାବ ନମୁନା ସଂଗ୍ରହ ଓ ପରୀକ୍ଷାର ମାତ୍ରା କାହିଁକି କମାଇ ଦିଆଯାଇଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫକୀର ମୋହନ ସରକାରୀ ମେଡିକାଲ କଲେଜ୍‌ର ସ୍ୱାବ ପରୀକ୍ଷା ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ କରା ନଯିବାର କାରଣ ଖୋଜୁଛନ୍ତି ଜିଲ୍ଲାବାସୀ । ପ୍ରଶାସନ କଥିତ ସମସ୍ତ ପ୍ରକାର ସତର୍କତା ସତ୍ତ୍ୱେ ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣ ବୃଦ୍ଧି ସମସ୍ତଙ୍କୁ ଗୋଲକ ଧନ୍ଦାରେ ପକାଇଛି । କ୍ୱାରେଣ୍ଟାଇନ୍ କେନ୍ଦ୍ର ଅନ୍ତେବାସୀ ବ୍ୟତୀତ ବାହାର ଉତ୍ସରୁ ସଂକ୍ରମଣ ଗୋଷ୍ଠୀ ସଂକ୍ରମଣର ପ୍ରଥମ ପର୍ଯ୍ୟାୟ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏନେଇ ଅଧିକରୁ ଅଧିକ ସ୍ୱାବ ନମୁନା ପରୀକ୍ଷା କରାଯିବା ସହ ଚିହ୍ନଟ ପଜିଟିଭ୍‌ଙ୍କ କଣ୍ଟାକ୍ଟ ଟ୍ରେସିଂକୁ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## କରୋନା ପାଇଁ ବାତିଲ 'କହ୍ନେଇ କଥା ପୁରସ୍କାର' କାର୍ଯ୍ୟକ୍ରମ

ବାଲେଶ୍ୱର,୧୬।୬ (ନି.ପ୍ର): କହ୍ନେଇଲାଲ ସ୍ମୃତି ସଂସଦର ଏକ ବୈଠକ ଅନ୍‌ଲାଇନ୍ ଭିସି(ଭିଡ଼ିଓ କନ୍‌ଫରେନ୍‌ସିଂ) ମାଧ୍ୟମରେ ଆଜି ହୋଇଯାଇଛି । ସଂସଦର ଆବାହକ କବି ଶ୍ରୀଦେବ ଏଥିରେ ପ୍ରାରମ୍ଭିକ ସୂଚନା ଦେବା ସହ ଚଳିତବର୍ଷ 'କହ୍ନେଇ କଥା ପୁରସ୍କାର' ପ୍ରଦାନ ଉତ୍ସବ ତଥା ପ୍ରଚଣ୍ଡ ପ୍ରତିଭାଦୀପ୍ତ କଥାକାର ସ୍ୱର୍ଗତ କନ୍‌ହେଇଲାଲ୍ ଦାସଙ୍କ ସ୍ମୃତି ସମାରୋହ ସମ୍ପର୍କରେ ଆଲୋଚନା ପାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଂସଦର ସଭାପତି ସୁବାସ ଚନ୍ଦ୍ର ପାତ୍ର ଏହି ବୈଠକରେ ସଭାପତିତ୍ୱ କରି ଚଳିତ ବର୍ଷ କରୋନା କାରଣରୁ ସମଗ୍ର ରାଜ୍ୟରେ ସଭାସମିତି ଆଦି କାର୍ଯ୍ୟକ୍ରମ ଉପରେ ସରକାରୀ କଟକଣା ବଳବତ୍ତର ଥିବାରୁ ବାଲେଶ୍ୱରରେ ହେବାକୁଥିବା ୬ଷ୍ଠ କହ୍ନେଇ ଉତ୍ସବ ଆସନ୍ତା ବର୍ଷକୁ ସ୍ଥଗିତ ରଖାଯିବା କଥା ଘୋଷଣା କରିଥିଲେ । ଏହାକୁ ଅନ୍‌ଲାଇନ୍ ଭିସିରେ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା ସମ୍ମତି ପ୍ରଦାନ କରିଥିଲେ । ଆସନ୍ତା ବର୍ଷ ୨୦୨୦ ଓ ୨୦୨୧ ବର୍ଷ ପାଇଁ 'କନ୍‌ହେଇ କଥା ପୁରସ୍କାର' ଚୟନ କରାଯାଇ ପୁରସ୍କୃତ ପ୍ରତିଭାଦ୍ୱୟଙ୍କୁ ଅର୍ଥରାଶି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଏହି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆ ଯାଇଥିଲା ।

## ନେବୁଲାଇଜର କିଣାରେ ବ୍ୟାପକ ଦୁର୍ନୀତି ହୋଇଛି : କଂଗ୍ରେସ

ଭୁବନେଶ୍ୱର,୧୬।୬ (ନି.ପ୍ର): ପୂର୍ବରୁ କରୋନା ଚିକିତ୍ସା ସରଂଜାମ ଯଥା ମାସ୍କ ଓ ପିପିଇ କିଟ୍ କିଣାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଥିବା କଂଗ୍ରେସ ପୁଣି ନେବୁଲାଇଜର କିଣିବାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛି । ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ କହିଛନ୍ତି ଯେ ଔଷଧ ନିଗମ ଦ୍ୱାରା ନେବୁଲାଇଜର କିଣାରେ ବ୍ୟାପକ ଅନିୟମିତତା ହୋଇଛି । ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଏହି ନେବୁଲାଇଜର କିଣିବାପାଇଁ ମାର୍ଚ୍ଚ ୨୧ ତାରିଖରେ ପ୍ରତି ନେବୁଲାଇଜର ପିଛା ୩୧୦୦ ଟଙ୍କାର କ୍ୱୋଟେସନ ଦେଇଥିଲା । ଏହି ସମାନ କମ୍ପାନୀ ପୁଣିଥରେ ମାର୍ଚ୍ଚ ୨୩ ତାରିଖରେ ଏହାକୁ ବଢ଼ାଇ ୫୯୦୦ ଟଙ୍କାର କ୍ୱୋଟେସନ ଦେଲା ଏବଂ ପରେ ମାର୍ଚ୍ଚ ୨୫ ତାରିଖ ଦିନ ଔଷଧ ନିଗମ ପ୍ରତି ନେବୁଲାଇଜର ପିଛା ୫୯୦୦ ଟଙ୍କା ହିସାବରେ ୫୦୦ ପିସ୍‌ର ସେହି କମ୍ପାନୀକୁ ଅର୍ଡର ଦେଲେ । କେଉଁ ପ୍ରରିପ୍ରେକ୍ଷୀରେ ନେବୁଲାଇଜର ଦାମ୍‌କୁ ୩୧୦୦ ଟଙ୍କାରୁ ୫୯୦୦ ଟଙ୍କାକୁ ବଢ଼ାଇ ଦିଆଗଲା ଏବଂ ସେହି ଦାମ୍‌ରେ ଔଷଧ ନିଗମ ୫୦୦ ପିସ୍ କିଣିଲେ ତାର ଜବାବ ରାଜ୍ୟ ସରକାର ଦେବେକି ବୋଲି ସେ ପ୍ରଶ୍ନ କରିଛନ୍ତି । ସେହି ମାର୍ଚ୍ଚ ୨୫ ତାରିଖରେ ଆଉ ଏକ କମ୍ପାନୀ ପାଖରୁ ଔଷଧ ନିଗମ ସମାନ ଧରଣର ନେବୁଲାଇଜର କିଣିଛନ୍ତି । ମାତ୍ର ତାର ଦାମ୍ ୧୬୦୦ ଟଙ୍କା । ଏ ମଧ୍ୟ ଆଉ ଏକ ଘୋଟାଲାର ପ୍ରମାଣ ଦେଉଛି । ଗୋଟିଏ ଦିନରେ ଗୋଟିଏ କମ୍ପାନୀ ଠାରୁ ୫୯୦୦ ଟଙ୍କାରେ ନେବୁଲାଇଜର କିଣିଲାବେଳେ ଆଉ ଏକ କମ୍ପାନୀଠାରୁ କିପରି ୧୬୦୦ ଟଙ୍କାରେ ଏହା କିଣାଗଲା ସରକାରଙ୍କ ଠାରୁ ତାର ଜବାବ୍ ମାଗିଛି କଂଗ୍ରେସ ।

## ୨ ମାସରୁ ଅଧିକ ହେବ ଏଟିଏମ ବନ୍ଦ: ଟୁକଲାବାସୀ ହଟହଟା

ନୂଆପଡା,୧୬।୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଟୁକଲା ଗ୍ରାମ ସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମ ୨ ମାସରୁ ଅଧିକ ହେବ ବନ୍ଦ ପଡିଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାର ସର୍ବବୃହତ ଗ୍ରାମ ଟୁକଲା ହୋଇଥିବା ବେଳେ ଏହା ଏକ ବ୍ୟବସାୟୀକ କେନ୍ଦ୍ର ଅଟେ । ଫଳରେ ଏହି ଗ୍ରାମ ଉପରେ ଗ୍ରାମ ତଥା ଅ ଳର ଶତାଧିକ ଲୋକ ନିର୍ଭର କରିଥାନ୍ତି । କିନ୍ତୁ ଷ୍ଟେଟ ବ୍ୟାଙ୍କର ଏଟିଏମ ରହିଥିଲେ ମଧ୍ୟ ଏଟିଏମ ମାସ ମାସ ବନ୍ଦ ରହୁଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ନାବାଳିକା ଅପହରଣକାରୀଙ୍କ ପ୍ରତି ପୁଲିସର ଅନୁକମ୍ପା : ଅନଶନରେ ବସିବେ ପରିବାର ଲୋକେ

ବାଲେଶ୍ୱର,୧୬।୬ (ନି.ପ୍ର): ଘରେ ପଶି ସାନଭଉଣୀକୁ ନିସ୍ଥୁକ୍ ମାଡ଼ ମାରି ଆହତ ଅବସ୍ଥାରେ ପକାଇ ନାବାଳିକା ବଡ଼ଭଉଣୀକୁ ଜୋରଜବରଦସ୍ତ ଅପହରଣ କରିନେଇଥିବା ଅଭିଯୁକ୍ତମାନଙ୍କୁ ପ୍ରତି ସଦର ଥାନା ପୁଲିସର ସମ୍ବେଦନଶୀଳତାକୁ ନେଇ ତୀବ୍ର ଅସନ୍ତାଷ ପ୍ରକାଶ କରିଛନ୍ତି ପୀଡ଼ିତା ପରିବାର ଲୋକେ । ଏହିଭଳି ସ୍ପର୍ଶକାତର ଘଟଣା ଘଟିଛି ସଦର ଥାନା ଅନ୍ତର୍ଗତ ଅମ୍ପୁଲକୁଡ଼ା ଗ୍ରାମରେ । ଏହି ଗ୍ରାମର ଉପେନ୍ଦ୍ର ସେନାପତି ଓ ପତ୍ନୀ ଆରତୀ ସେନାପତି ଗତ ମେ ମାସ୧୪ ତାରିଖରେ କୌଣସି କାର୍ଯ୍ୟ ପାଇଁ ବାହାରକୁ ଯାଇଥିବା ବେଳେ ଘରେ ସେମାନଙ୍କ ଦୁଇ ନାବାଳିକ କନ୍ୟା ରହିଥିଲେ । ଏହି ସମୟରେ ସେହି ଗ୍ରାମର ବେଣୁଧର ମହାଳିକ, ପତ୍ନୀ ମଞ୍ଜୁଲତା ମହାଳିକ, ପୁଅ ସୁଶାନ୍ତ ମହାଳିକ, ସଂଜୀତ ମହାଳିକ ଓ ସନ୍ତୋଷ ମହାଳିକ ଉପେନ୍ଦ୍ର ସେନାପତିଙ୍କ ଘରେ ପହଞ୍ଚି ତାଙ୍କର ବଡ଼ଝିଅକୁ ନେଇଯିବାକୁ ଚେଷ୍ଟା କରିଥିଲେ । ଉଭୟ ଦୁଇଭଉଣୀ ଏହାର ପ୍ରତିବାଦ କରିଥିଲେ । ମାତ୍ର ଅପହରଣକାରୀମାନେ ବଡ଼ଝିଅକୁ ଜବରଦସ୍ତ ଟେକି ନେବା ସହିତ ସାନଝିଅ ଉର୍ମିକୁ ନିସ୍ଥୁକ୍ ମାଡ଼ ମାରିଥିଲେ । ଏମିତିକ ସେମାନେ ଏକ ପଥରରେ ମାଡ଼ ମାରିବା ଯୋଗୁଁ ଉର୍ମିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ପରିବାର ଲୋକେ ଓ ପଡ଼ୋଶୀଙ୍କ ସହଯୋଗରେ ଉର୍ମିକୁ ଡାକ୍ତରଖାନାକୁ ନେଇଥିଲେ । ଏବେ ସେ ଚିକିତ୍ସାଧୀନ ଅଛନ୍ତି । ଅନ୍ୟପକ୍ଷରେ ନାବାଳିକା କନ୍ୟାର ଅପହରଣ ନେଇ ଉପେନ୍ଦ୍ର ସେନାପତିଙ୍କ ପରିବାର ପକ୍ଷରୁ ହଳଦୀପଦା ଫାଣ୍ଡି ତଥା ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ପୁଲିସ ମାମଲା ରୁଜୁ କରିଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ କିମ୍ବା ଅପହୃତା କନ୍ୟାର ଉଦ୍ଧାର ପାଇଁ କିଛି ପଦକ୍ଷେପ ନେଉ ନଥିବା ମାଆ ଆରତୀ ସେନାପତି କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏମିତିକି ଗତ ମେ ମାସ ୬ ତାରିଖରେ ବୈଶିଙ୍ଗା କଲେଜକୁ ଯିବା ବାଟରେ ତାଙ୍କ ଝିଅକୁ ସୁଶାନ୍ତ ମହାଳିକ ଜବରଦସ୍ତ ଉଠାଇ ନେଇଥଲା । ବୈଶିଙ୍ଗା ପୁଲିସର ତନାଘନା ପରେ ସୁଶାନ୍ତ ତାଙ୍କ ଝିଅକୁ ଛାଡ଼ି ଦେଇଥିଲା । ପୁଣି ଥରେ ଘରେ ପଶି ଅପହରଣ କରିଥିବା ଅଭିଯୁକ୍ତମାନେ ଗାଁରେ ବୁଲୁଥିବା ବେଳେ ସେମାନେ ଫେରାର ଥିବା କହି ପୁଲିସ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ତେବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଆଜି ଡାକ୍ତରଖାନାକୁ ଆସି ଚିକିତ୍ସିତ ହେଉଥିବା ଉପେନ୍ଦ୍ରଙ୍କ ସାନଝିଅ ଉର୍ମିର ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ପୁଲିସର ସନ୍ଦେହପୂର୍ଣ୍ଣ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ସେ ଏସପିଙ୍କୁ ଭେଟିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ସହ ତାଙ୍କ ଝିଅକୁ ଉଦ୍ଧାର ନକଲେ ସେମାନେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଉପେନ୍ଦ୍ରଙ୍କ ପରିବାର ଚେତାବନୀ ଦେଇଛନ୍ତି ।

## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଭଦ୍ରକ,୧୬।୬ (ନି.ପ୍ର): ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ବାଉଦପୁର ପଂଚାୟତର ଜେନାସାହିରେ ଅଗ୍ନିକାଣ୍ଡ ଘଟିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲା ଗ୍ରାମା ଳ ଥାନା ଅଧୀନସ୍ଥ ବାଉଦପୁର ପଂଚାୟତର ବାବୁରାମ ଜେନାଙ୍କ ୩ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ଘରର ଆସବାବ ପତ୍ର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଗ୍ନିକାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ଗ୍ରାମାଂଚଳ ପୁଲିସ୍ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଭୁବନେଶ୍ୱରରେ ପୁଣି ୫ କରୋନା ଆକ୍ରାନ୍ତ: ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ମେଡିକାଲ ଅଫିସର

ଭୁବନେଶ୍ୱର,୧୬।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ଅଂଚଳରେ ମଙ୍ଗଳବାର ପୁଣି ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୩ ଜଣ ହୋମ୍ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୨ ଜଣ ସ୍ଥାନୀୟ କଂଟାକ୍ଟରୁ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଏହାକୁ ମିଶାଇଲେ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨ରେ ପହଂଚିଛି। ବିଏମସି ପକ୍ଷରୁ ଏସମ୍ପର୍କରେ ଟୁଇଟ୍ କରି ସୂଚନା ଦିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱର ସତ୍ୟନଗର ଓଭରବ୍ରିଜ୍ ଅଂଚଳର ଜଣେ ୩୬ ବର୍ଷୀୟ ପୁରୁଷ ଆକ୍ରାନ୍ତ ରହିଛନ୍ତି। ସେ କିଛିଦିନ ତଳେ ନୂଆଦିଲ୍ଲୀରୁ ଫେରିଥିଲେ। ସେହିପରି ଅନ୍ୟ ଜଣେ ୨୨ବର୍ଷୀୟ ପୁରୁଷ ଆକ୍ରାନ୍ତ ଦିଲ୍ଲୀ ଫେରନ୍ତା। ସେ ଜୟଦେବ ବିହାର ନିରଙ୍କାରୀ ନଗର ବାସିନ୍ଦା। ସେହିପରି ପଟିଆ ଶ୍ରୀ ବିହାର ଅଂଚଳରେ ଜଣେ ୨୫ ବର୍ଷୀୟ ମହିଳା ପୂର୍ବରୁ ଚିହ୍ନଟ ଜଣେ କରୋନା ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏମାନେ ସମସ୍ତେ ହୋମ୍ କ୍ୱାରେଂଟାଇନ୍ ରେ ଥିଲେ। ଅନ୍ୟପକ୍ଷରେ ଡୁମଡୁମା ହାଉସିଂ ବୋର୍ଡ କଲୋନୀ ଅଂଚଳର ଜଣେ ୩୭ ବର୍ଷୀୟ ପୁରୁଷ ଆକ୍ରାନ୍ତ ରହିଛନ୍ତି। ସେ ମଧ୍ୟ ପୂର୍ବରୁ ପଜିଟିଭ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିଭଳି ଅନ୍ୟ ଜଣେ ଆକ୍ରାନ୍ତ ହୋଉଛନ୍ତି ୨୪ ବର୍ଷୀୟ ପୁରୁଷ। ସେ ଭୁବନେଶ୍ୱରରେ କେନ୍ଦ୍ର ସରକାରଙ୍କ ପରିଚାଳିତ ଏକ ହସ୍ପିଟାଲରେ ମେଡିକାଲ୍ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୨ କୁ ବୃଦ୍ଧି ପାଇଥିବା ବେଳେ ୭୪ ଜଣ ସୁସ୍ଥ ହୋଇଛନ୍ତି। ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ବର୍ତ୍ତମାନ ୫୪ ଟି ସକ୍ରିୟ ମାମଲା ରହିଛି।

## ଭୁଲି ଯାଉଛନ୍ତି ସାମାଜିକ ଦୂରତା: ଫାଣ୍ଡିଛକ ଫଳବଜାର ସିଲ୍ ବେଳେ ଉତ୍ତେଜନା



ବାଲେଶ୍ୱର,୧୬।୬ (ନି.ପ୍ର): ମହାମାରୀ କରୋନାର ମୁକାବିଲା ପାଇଁ ସାମାଜିକ ଦୂରତା ରକ୍ଷା ନିୟମ ଉଲ୍ଲଙ୍ଘନକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ଆଜି ଫାଣ୍ଡିଛକ ଫଳ ବଜାର ସିଲ୍ ବେଳେ ଉତ୍ତେଜନା ଦେଖାଦେଇଥିଲା। ବିଶେଷ କରି ରଜ ପାଇଁ ମାର୍କେଟିଂ ବେଳେ ଦୋକାନୀଙ୍କ ସମେତ ସାଧାରଣ ଲୋକେ ସାମାଜିକ ଦୂରତା ରକ୍ଷା କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ତେବେ ଭୁବନେଶ୍ୱରରେ ଏହିଭଳି ପରିସ୍ଥିତି ଦେଖି ବିଏମସି ପକ୍ଷରୁ ମାର୍କେଟ ବିଲ୍ଡିଂକୁ ସିଲ୍ କରାଯାଇଥିବା ବେଳେ ଅନୁରୂପ ଭାବେ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ମାତ୍ର ଦୋକାନୀମାନେ ଏହାର ଦୃଢ଼ ବିରୋଧ କରିଥିଲେ। କିଛି ସମୟ ପାଇଁ ସେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲକ୍ଷ୍ୟ କରାଯାଇଥିଲା। ଫାଣ୍ଡିଛକରେ ସ୍ୱଳ୍ପ ସ୍ଥାନରେ ଅଧିକ ଦୋକାନ ସାଙ୍ଗକୁ ଗ୍ରାହକଙ୍କ ଭିଡ଼ ଯୋଗୁଁ ଆଦୌ ସାମାଜିକ ଦୂରତା ରକ୍ଷା କରାଯାଇ ପାରୁ ନଥିବା ପୌର କର୍ତ୍ତୃପକ୍ଷ କହିଛନ୍ତି। ଏହି ଦୋକାନୀମାନଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପୌରପାଳିକା ପକ୍ଷରୁ ନିଷ୍ପତି ନିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ମାତ୍ର ଦୋକାନୀଙ୍କ ବିରୋଧ ଯୋଗୁଁ ଫାଣ୍ଡିଛକରେ ଅଭାବନୀୟ ପରିସ୍ଥିତି ଲକ୍ଷ୍ୟ କରାଯାଇଥିଲା। ତେବେ ଫାଣ୍ଡିଛକ ପାର୍ଶ୍ୱରେ ସହଦେବଖୁଣ୍ଟା ଥାନା ରହିଥିବା ବେଳେ ପୁଲିସ ଇଚ୍ଛା କଲେ ସହଜରେ ଗହଳି ନିୟନ୍ତ୍ରଣ କରି ପାରନ୍ତା। ସେଥିପ୍ରତି ଦୃଷ୍ଟି ନଦେଇ ଏଠାରୁ ଫଳ ମାର୍କେଟ ସ୍ଥାନାନ୍ତର ଅତ୍ୟନ୍ତ ଅଯୁକ୍ତିକର ନିଷ୍ପତି ବୋଲି କେତେକ ଦୋକାନୀ କହିଥିଲେ। ତେବେ ଦୀର୍ଘ ସମୟର ଟସଲ ମଧ୍ୟରେ ଫଳବଜାର ସିଲ୍ କାର୍ଯ୍ୟାନୁଷ୍ଠାନ ଅମୀମାଂସିତ ରହିଥିବା ଦେଖିବାକୁ ମିଳିଥିଲା।

## ଦୈନିକ ୧୫ ହଜାର ଟେଷ୍ଟ କରାନ୍ତୁ ରାଜ୍ୟସରକାର: ବିଜେପି

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟରେ କରୋନାର ସ୍ଥିତି ଜଟିଳ ହେବାରେ ଲାଗିଛି। ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ସତ୍ୱେ ବି ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଇଥିବା ନିର୍ଦ୍ଦେଶକୁ କେହି ବି ସରକାରୀ ଅଧିକାରୀ ପାଳନ କରୁନାହାଁନ୍ତି। ପ୍ରତ୍ୟେକ ଦିନ ୧୫ ହଜାର ଟେଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ହୋଇ ପାରିଲା ନାହିଁ। ସରକାରୀ ଅଧିକାରୀ ମାନେ ଏ ଦିଗରେ ଧ୍ୟାନ ନଦେଇ କେବଳ ପ୍ରେସ କନଫରେନ୍ସ କରି ନିଜ ପିଠି ନିଜେ ଥାପୁଡାଉଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ଏବେ ରାଜ୍ୟସରକାର ଆଶା କର୍ମୀ ଏବଂ ଏଏନଏମ ଦିଦି ଘର ଘର ବୁଲି ଅଧିକ ପରୀକ୍ଷା କରିବା ଘୋଷଣାକୁ ଆମେ ସ୍ୱାଗତ କରୁଛୁ। କରୋନା ରୋଗୀମାନଙ୍କ ପାଖକୁ ଯାଉଥିବା ଆଶା ଓ ଏଏନଏମ ଦିଦିଙ୍କୁ ପିପିଇ କିଟ୍ ଓ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଉ। ରାଜ୍ୟରେ ଦୈନିକ ପରୀକ୍ଷା ପାଇଁ ଲାବଟୋରୀ ସଂଖ୍ୟା ଓ ପରୀକ୍ଷା କାପାସିଟ ବଢାଇବା ଅତ୍ୟନ୍ତ ଜରୁରୀ। ଏ ସଂପର୍କରେ ରାଜ୍ୟ ସରକାର ତୁରନ୍ତ ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ନିୟମିତ ଭାବେ ଏକାଧିକ ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ଅତ୍ୟାବଶକୀୟ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀ ମାନଙ୍କର ମଧ୍ୟ କରୋନା ପରୀକ୍ଷା କରାଯାଉ। ସେହିପରି ରାଜ୍ୟସରକାର ପ୍ରବାସୀ ଶ୍ରମିକମାନଙ୍କୁ କ୍ୱାରେଂଟାଇନ ସେଂଟରରେ ୭ ଦିନ ରଖି ବିନା ଟେଷ୍ଟରେ ଘରକୁ ପଠାଇ ଦେଉଛନ୍ତି। ଏହା ଦ୍ୱାରା କରୋନା ବ୍ୟାପିବାର ସମ୍ଭାବନା ଅଧିକ ରହିଛି। ରାଜ୍ୟ ସରକାର କ୍ୱାରେଂଟାଇନ ସେଂଟରେ ଥିବା ଲୋକମାନଙ୍କର ନିୟମିତ ଟେଷ୍ଟ କରିବା ସହ କରୋନାରୁ ସୁସ୍ଥ ହେଉଥିବା ବ୍ୟକ୍ତିମାନଙ୍କର ମଧ୍ୟ ଟେଷ୍ଟ କରି ନେଗେଟିଭ ଆସିବା ପରେ ଘରକୁ ପଠାନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସେ କହିଛନ୍ତି ଯେ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ପ୍ରତିଦିନ ୧୫ ହଜାରରୁ ଉର୍ଦ୍ଧ୍ୱ ଟେଷ୍ଟ କରୁଛି। ଆଜି ସୁଦ୍ଧା ଆନ୍ଧ୍ର ପ୍ରଦେଶ ୫ ଲକ୍ଷ ୬୭ ହଜାର ଟେଷ୍ଟ କରିଥିବାବେଳେ ଓଡିଶାରେ ୨ ଲକ୍ଷ ୫ ହଜାର ୫୦୧ ଟେଷ୍ଟ ହୋଇଛି। ଏହା ମଧ୍ୟରୁ ୪୧୬୩ ପଜିଟିଭ ବାହାରିଥିବାବେଳେ ୧୨୯୫ଟି ଆକ୍ଟିଭ କେସ ରହିଛି। ରାଜ୍ୟରେ ଦୈନିକ ହାରାହାରି ପରୀକ୍ଷା ହାର ଆଦୌ ଉତ୍ସାହଜନକ ନୁହେଁ।

## ମହିଳା ଜନସମ୍ବାଦ ଭର୍ଚୁଆଲ ର୍ୟାଲିକୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୧୬।୬ (ନି.ପ୍ର): ମୋଦିଙ୍କ ଉପରେ ଦେଶର ଜନତାଙ୍କ ବିଶ୍ୱାସ ବଢିଛି। ଅନ୍ୟ ରାଜନୈତିକ ବ୍ୟକ୍ତିତ୍ୱଙ୍କ ଅପେକ୍ଷା ୮୫ ପ୍ରତିଶତ ଲୋକ ମୋଦିଜୀଙ୍କୁ ବିଶ୍ୱାସ କରିଛନ୍ତି। ଓଡିଶାରେ ୧୦୦ରୁ ୯୬ ଜଣ ଲୋକଙ୍କ ମୋଦିଜୀଙ୍କ ଉପରେ ଭରସା କରିଛନ୍ତି। ରାଜ୍ୟବାସୀ ଲୋକସଭା ନିର୍ବାଚନରେ ବିଜେପି ୩୮.୪% ଭୋଟ ଏବଂ ୮ ଜଣ ଲୋକସଭା ସାଂସଦଙ୍କୁ ବିଜୟୀ କରି ମୋଦିଜୀଙ୍କ ହାତମୁଠାଙ୍କୁ ଟାଣ କରିଛନ୍ତି। ବିଜେପିକୁ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ଗତ ନିର୍ବାଚନରେ ଜନତା ୯୧ ଲକ୍ଷରୁ ଅଧିକ ଭୋଟ ବିଜେପିକୁ ଦେଇଛନ୍ତି। ଅନ୍ୟପଟେ ପୂର୍ବ ଭାରତର ବିକାଶକୁ ମୋଦିଜୀ ସବୁ ସମୟରେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ପୂର୍ବଭାରତର ସିଂହଭାଗର ଲାଭ କେବଳ ଓଡିଶା ହିଁ ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହିଳା ଜନସମ୍ବାଦ ରାଲିକୁ ସମ୍ବୋଧିତ କରି କହିଛନ୍ତି। ୧୫ ଅଗଷ୍ଟ ୨୦୧୪ରେ ଦେଶରେ ଶୌଚାଳୟ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଲାଲକିଲ୍ଲା ଠାରେ କହିଥିଲେ। ମା ଭଉଣୀଙ୍କ ଇଜ୍ଜତ ଏବଂ ସ୍ୱାଭିମାନକୁ ରକ୍ଷା କରିବାକୁ ଯାଇ ମୋଦି ସରକାର ଏବେ ଦେଶରେ କୋଟି ଲୋକଙ୍କ ଘରେ ଶୌଚାଳୟ ଯୋଗାଇ ଦେଇଛି। କରୋନା ମହା ବିପତି ସମୟରେ ୪ କୋଟି ମହିଳା ଏବଂ ଓଡିଶାର ୪୦ ଲକ୍ଷ ମହିଳାଙ୍କୁ ୧୫୦୦ ଟଙ୍କା ଲେଖାଏଁ ଜନଧନ ଯୋଜନାରେ ଅର୍ଥ ପ୍ରଦାନ କରାଯାଇଛି। ମୋଦି ସରକାର ୮ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ଆକାଉଂଟରେ ୫୦୦ କୋଟିରୁ ଉର୍ଦ୍ଧ୍ୱ ଅଗ୍ରୀମ ଟଙ୍କା ପଠାଇଛନ୍ତି। ସୁକନ୍ୟା ସମୃଦ୍ଧି ଯୋଜନା, ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ, ଇନ୍ଦ୍ରଧନୁଷ ଯୋଜନାରେ ଟୀକା ପ୍ରଦାନ, ସୌଭାଗ୍ୟ ଯୋଜନାରେ ମାଗଣା ବିଦ୍ୟୁତ ଆଦି ମୋଦି ସରକାର ମା ଭଉଣୀଙ୍କ ପାଖରେ ପହଂଚାଇଛନ୍ତି। ଗର୍ଭବତୀ ମା ଏବଂ ଶିଶୁ ପାଇଁ ସୁପୋଷଣ ଯୋଜନା ଲାଗୁ କରାଯାଇଛି। ମୋଦିଜୀଙ୍କ ମନରେ ମହିଳାଙ୍କ ପ୍ରତି ଦାୟୀତ୍ୱ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବିଜେପି ସରକାର ସବୁ ସମୟରେ ନିଜର ରିପୋର୍ଟ କାର୍ଡ ଲୋକଙ୍କ ପାଖରେ ପହଂଚାଇଥାଏ। ଗତ ୧ ବର୍ଷରେ ମୋଦି ସରକାର ଜାମ୍ମୁ କାଶ୍ମୀରରେ ଧାରା ୩୭୦ ଏବଂ ୩୫ (କ) ହଟାଇ ଗୋଟିଏ ରାଷ୍ଟ୍ର ଗୋଟିଏ ଧ୍ୱଜାର ପରିକଳ୍ପନାକୁ ବାସ୍ତବ ରୂପ ଦେଇଛନ୍ତି। ମୋଦି ସରକାର ନାଗରିକତା ସଂଶୋଧନ ଆଇନ ଆଣି ପଡେଶୀ ଦେଶର ଅଳ୍ପସଂଖ୍ୟକ ମାନଙ୍କୁ ଦେଶରେ ନାଗରିକତା ପ୍ରଦାନ କରିବାର ମହାନ କାର୍ଯ୍ୟ କରିଛନ୍ତି। ଦେଶର ୮ କୋଟି ମୁସଲିମ ମହିଳାଙ୍କ ପାଇଁ ତିନ ତଲାକକୁ ହଟାଇ ତାଙ୍କ ସ୍ୱାଭିମାନକୁ ବଂଚାଇ ରଖିଛନ୍ତି। ଦେଶର ୫୦ କୋଟି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି। ରାମମନ୍ଦିର କାର୍ଯ୍ୟ ବି ଖୁବଶୀଘ୍ର ଆରମ୍ଭ ହେବ। ଏହା ସହ ଗତ ୬ ବର୍ଷ ଧରି ଓଡିଶାର ସୁପୁତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୮ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାଗଣାରେ ଗ୍ୟାସ ଯୋଗାଇ ଦେଇ ସେମାନଙ୍କ ଆଖିରୁ ଲୁହ ପୋଛିଛନ୍ତି ବୋଲି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ବିଜୟା ରାହତକର କହିଛନ୍ତି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ପ୍ୟାକେଜ ମାଧ୍ୟମରେ

▶▶ପୃଷ୍ଠା ୭

## ଗ୍ୟାସ ବୋଝେଇ ଟ୍ରକକୁ ପଛରୁ ପିଟିଲା ପାଉଁଶ ବୋଝେଇ ଟ୍ରକ



ନୀଳଗିରି ,୧୬।୬ (ନି.ପ୍ର): ବରହମପୁର ଥାନା ଅଧିନସ୍ଥ ୧୯ ନଂ ରାଜ୍ୟ ରାଜପଥ ପ୍ରିୟଦର୍ଶନୀ ପେଟ୍ରୋଲ ପମ୍ପ ନିକଟରେ ସେରଗଡରୁ ଉଦଳା ଅଭିମୁଖେ ଦୁଇଟି ଟ୍ରକ ଯାଉଥିଲେ। ଉକ୍ତ ସ୍ଥାନରେ ଗ୍ୟାସ ବୋଝେଇ ଟ୍ରକଟି ହଠାତ ବ୍ରେକ ମାରିଦେବାରୁ ପଛରେ ଥିବା ପାଉଁଶ ବୋଝେଇ ଟ୍ରକଟି ପଛରୁ ପିଟି ହୋଇଥିଲା। ଘଟଣା ସ୍ଥଳରୁ ଗ୍ୟାସ ଟ୍ରକଟି ଫେରାର ହୋଇଯାଇଥିବା ବେଳେ ମୟୁରଭଂଜ ଜିଲ୍ଲା କପ୍ତିପଦା ଥାନାରେ ଅଟକ ରହିଛି ଅପରପକ୍ଷରେ ପାଉଁଶ ଟ୍ରକ ଓଆର-୦୧-ଆର-୩୮୩୭ ନମ୍ବର ଟ୍ରକ ଟି ଘଟଣା ସ୍ଥଳରେ ପଡିରହିଥିବା ବେଳେ ଚାଳକ ଚିନ୍ମୟ ଦାସ ଆହତ ଥିବାରୁ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

## ଖୋର୍ଦ୍ଧା ସବ ଡିଭିଜନରେ ଦିନ ୨ଟାରୁ ସକାଳ ୬ଟା ଯାଏ ରହିବ ଶଟ ଡାଉନ: ଜିଲ୍ଲାପାଳ

ଭୁବନେଶ୍ୱର,୧୬।୬ (ନି.ପ୍ର):କରୋନା ସଂକ୍ରମଣକୁ ରୋକିବା ପାଇଁ ଖୋର୍ଧା ସବ ଡିଭିଜନରେ ଆଗାମୀ ୩୦ ତାରିଖ ଯାଏ ଦିନ ୨ଟାରୁ ସକାଳ ୬ ଟା ଯାଏ ସଟ ଡାଉନ ଘୋଷଣା କରା ଯାଇଛି। ଦୋକାନ ବଜାର ଦିନ ୨ ଟା ଯାଏ ଖୋଲା ରହିବ। ଏହା ପରେ କେବଳ ଔଷଧ ଦୋକାନ, ପେଟ୍ରୋଲ ପମ୍ପ ଖୋଲିବାକୁ ଅନୁମତି ପ୍ରଦାନ କରା ଯାଇଛି। ଖୋର୍ଧା ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି।

## ଜୁନ୍ ୩୦ ପରେ ୩୦% କର୍ମଚାରୀଙ୍କୁ ନେଇ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅଧ୍ୟାପକ ସଂଘର ଦାବି

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ଆସନ୍ତାକାଲି ଠାରୁ ଅର୍ଥାତ୍ ଜୁନ୍ ୧୭ରୁ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ଏହି ନିଷ୍ପତି ପ୍ରସଙ୍ଗରେ ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ବିଭିନ୍ନ ଅଧାପକ ସଂଘର କର୍ମକର୍ତାମାନେ ଭେଟି ଜୁନ୍ ୩୦ ପରେ ୩୦% ଅଧାପକଙ୍କୁ ନେଇ ଶିକ୍ଷାନୁଷ୍ଠାନ ଖୋଲିବାକୁ ଦାବି କରିଛନ୍ତି। ଏହି ଅବସରରେ ଅଧିକାଂଶ କଲେଜ ସଙ୍ଗରୋଧ କେନ୍ଦ୍ର ହୋଇଥିବା ନେଇ ବି ଉଭୟ ୪୪୮ ଓ ୬୬୨ ବର୍ଗ ଅଧ୍ୟାପକ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସୂଚନାଯୋଗ୍ୟ, ଜୁନ୍ ୮ରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ଯେଉଁଥିରେ କୋଭିଡ୍ -୧୯ ନିର୍ଦ୍ଦେଶାବଳିକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନ ଆସିପାରିବେ ନାହିଁ। ହେଲେ ଅଧାପକ, ଅଫିସର ଓ କର୍ମଚାରୀ ଶିକ୍ଷାନୁଷ୍ଠାନରେ କ'ଣ କରିବେ ସେନେଇ କିଛି ସ୍ୱଷ୍ଟ କରାଯାଇ ନାହିଁ। ଯାହାକୁ ନେଇ ଅଧାପକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜୁଲାଇ ୩୧ ପର୍ଯ୍ୟନ୍ତ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରିଥିବା ବେଳେ ଅଗଷ୍ଟ ୧୫ ପରେ ସ୍କୁଲ ଓ କଲେଜ ଖୋଲିବାକୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଘୋଷଣା କରିଛନ୍ତି। ଏଭଳି ସମୟରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଉଚ୍ଚଶିକ୍ଷା ବିଭାଗର ନିଷ୍ପତି କୁ ନେଇ ଦ୍ୱନ୍ଦରେ ଅଛନ୍ତି ଓଡିଶାର ଶିକ୍ଷକ ଓ ଅଧ୍ୟାପକ।

## ଯାତ୍ରୀଙ୍କୁ ଛାୟା ପ୍ରଦାନ କରୁଥିବା ବୃକ୍ଷକୁ କାଟିବା ନେଇ ବୁଦ୍ଧିଜୀବିଙ୍କ ଅସନ୍ତୋଷ

ନୀଳଗିରି,୧୬।୬ (ନି.ପ୍ର): ପରିବେଶର ସନ୍ତୁଳନ ପାଇଁ ବୃକ୍ଷ ରୋପଣକ କୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ନୀଳଗିରି ଜଗନ୍ନାଥ ମନ୍ଦିର ପାର୍ଶ୍ୱସ୍ଥ ଘଡିଘର ସମ୍ମୁଖରେ ଲଗାଯାଇଥିବା କିଛି ଛାୟା ପ୍ରଦାନକାରୀ ବୃକ୍ଷ କୁ କଟାଯିବା ନେଇ କିଛି ବୁଦ୍ଧିଜୀବି ମାନଙ୍କୁ ମର୍ମାହତ କରିଛି। ପ୍ରାପ୍ତ ସୁଚନା ଅନୁଯାଇ ୧୯୯୫-୯୬ ମସିହାରେ କିଛି ସ୍ୱେଛାସେବୀ ଯୁବଗୋଷ୍ଠୀ ରାଜବାଟୀ ସମ୍ମୁଖସ୍ଥ ଘଡିଘର ସାମନାରେ ବଉଳ ଓ ଆମ୍ବ ଗଛ ଲଗାଇ ଯାତ୍ରୀ ମାନଙ୍କୁ ଛାୟା ପ୍ରଦାନ କରି ଆସୁଥିଲେ। ଆଜି କେହି ବ୍ୟକ୍ତି ବିଦ୍ୟୁତ ବିଭାଗ ନାମ ନେଇ ଗଛ କାଟିବା ପରେ ଅପରାହ୍ନରେ ଉକ୍ତ ଅଚଂଳରେ ପାଠାଗାର ଓ ଭଜନ ସନ୍ଧ୍ୟାର ଯୁବକ ମାନେ ଜାଣିବା ପରେ ମର୍ମାହତ ହୋଇପଡିଥିଲେ। ତେବେ ବିଦ୍ୟୁତ ବିଭାଗର ନାମ ନେଇ ଗଛ କାଟିଥିବା ଲୋକଙ୍କୁ ଆଇନ ଅନୁଯାଇ ଦଣ୍ଡିତ କରିବାକୁ ଦୃଢ ଦାବୀ ହେଉଛି।

## ସଦର ହସପିଟାଲରେ ନବଜାତ ଯୋଡ଼ାମୁଣ୍ଡ ଶିଶୁକନ୍ୟା



ବାଲେଶ୍ୱର,୧୬।୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଯୋଡ଼ାମୁଣ୍ଡ ଶିଶୁକନ୍ୟାର ଚିକିତ୍ସା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ସଦର ବ୍ଲକ ଅନ୍ତର୍ଗତ ନିଧିପଣ୍ଡା ଅଞ୍ଚଳର ସୁଦର୍ଶନ ଜେନାଙ୍କ ପତ୍ନୀ ସୁବାସିନୀ ଗତ ଶନିବାର ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ମାତ୍ର ଶିଶୁକନ୍ୟାର ଯୋଡ଼ାମୁଣ୍ଡ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ମାତ୍ର କଟକ ମେଡିକାଲର ଡାକ୍ତରମାନେ ସୁଦର୍ଶନ ଓ ପତ୍ନୀ ସୁବାସିନୀକୁ ଫେରାଇଦେବା ଯୋଗୁଁ ସେମାନେ ପୁଣି ନବଜାତ ଶିଶୁକନ୍ୟାକୁ ଆଣି ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଗତକାଲି ଶିଶୁକନ୍ୟାର ସେହି ଯୋଡ଼ା ମୁଣ୍ଡଟି ଫାଟି ଯାଇଥିବା ସୁଦର୍ଶନ କହିଛନ୍ତି। ଶିଶୁକନ୍ୟାର ଏବେ କେବଳ ଚିକିତ୍ସା କରାଯାଇପାରିବ ଏବଂ କିଛିଦିନ ଗଲାପରେ ତାର ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ନିଆଯିବ ବୋଲି ସିଡିଏମଓ ଡାକ୍ତର ବାନାର୍ଜି ପ୍ରସାଦ ଛୋଟରାୟ ସୂଚନା ଦେଇଛନ୍ତି।

## କୁଆମରା ଶ୍ରୀଳପ୍ରଭୁପାଦ ପୀଠସ୍ଥ ଶ୍ରୀଳ ଭକ୍ତି ଦୟିତ ବ୍ରଜାନନ୍ଦ ମହାରାଜଙ୍କ ୨ୟ ବିରହ-ମହୋତ୍ସବ ପାଳିତ



ଉଦଳା ,୧୬।୬ (ନି.ପ୍ର): ଏ ମାଟିର ବରପୁତ୍ର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ୍ ତଥା ଓଡ଼ିଶାରେ ଶ୍ରୀଚୈତନ୍ୟବାଣୀର ବିଶିଷ୍ଟ ପ୍ରଚାରକ ତଥା କୁଆମରା ସାରସ୍ୱତ ବୈଷ୍ଣବ ସଙ୍ଘର ପୂର୍ବତନ ପୀଠାଧୀଶ ଓ ଆଚାର୍ଯ୍ୟ ନିତ୍ୟଲୀଳା ପ୍ରବିଷ୍ଟ ଶ୍ରୀମଦ୍ ଭକ୍ତି ଦୟିତ ବ୍ରଜାନନ୍ଦ ମହାରାଜ ଓରଫ୍ ଡାକ୍ତର ଯଶୋଦାନନ୍ଦନ ଭୋଳଙ୍କର ୨ୟ ବାର୍ଷିକ ବିରହ ମହୋତ୍ସବ କୁଆମରା ଶ୍ରୀଳ ପ୍ରଭୁପାଦ ପାଦପୀଠ ଶ୍ରୀମନ୍ଦିର ପରିସରରେ ଚଳିତ ଜୁନ୍ ୧୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବସବ୍ୟାପୀ ମହାଜନ ପଦାବଳୀ କୀର୍ତ୍ତନ, ଶ୍ରୀମଦ୍ ଭାଗବତ ପାଠ, ଶ୍ରୀଚୈତନ୍ୟ ଚରିତାମୃତ ହରିଦାସ ନିର୍ଯ୍ୟାଣ ପାଠ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି ଆଜକୁ ଦୀର୍ଘ ୧୦୨ ବର୍ଷ ପୂର୍ବେ ୧୯୧୮ ମସିହାରେ ପୃଥିବୀ ବ୍ୟାପୀ ଶ୍ରୀଚୈତନ୍ୟ ମଠ ଓ ଗୌଡ଼ୀୟ ମଠ ସମୂହର ପ୍ରତିଷ୍ଠାତା ଆଚାର୍ଯ୍ୟ ପ୍ରଭୁପାଦ ଶ୍ରୀଳ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁର ତାଙ୍କର ୨୩ ଜଣ ଅନୁଗାମୀଙ୍କୁ ନେଇ ଓଡ଼ିଶା ପ୍ରଚାର ନିମିତ୍ତ ଆସି ଏଠାରେ ୩ ଦିନ ଅବସ୍ଥାନ ପୂର୍ବକ ଭକ୍ତି ବିନୋଦ ଆସନ ପ୍ରତିଷ୍ଠା କରିଥିଲେ। ତାଙ୍କର ଭବ୍ୟ ସମ୍ବର୍ଦ୍ଧନା ନିମିତ୍ତ ବିଶାଳ ନଗର ସଙ୍କୀର୍ତ୍ତନର ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସାରସ୍ୱତ ବୈଷ୍ଣବ ସଂଘ ନାମରେ ନାମିତ ହେବା ସହିତ ପୀଢ଼ି ପରେ ପୀଢ଼ି ଅତିକ୍ରମ କରି ଆଜି ବି ବଂଚି ରହିଛି। ତେବେ ଏହି ସଂଘକୁ ଅଧିକ ମଜଭୂତ ତଥା ଏଠାକାର ସେବା ଔଜ୍ଜ୍ୱଲ୍ୟ ବୃଦ୍ଧି କରିବାରେ ଶ୍ରୀ ଯଶୋଦାନନ୍ଦନ ମହାରାଜଙ୍କର ଅବଦାନ କିପରି ଥିଲା ତଥା ତାଙ୍କର ଜୀବନାଦର୍ଶ ଉପରେ ଉପସ୍ଥିତ ବକ୍ତାମାନେ ଆଲୋକପାତ କରିଥିଲେ। ତାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବର୍ଣ୍ଣନା କରିବା ସହ ତାଙ୍କ ପ୍ରତି ବାଣୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀଶଚୀନନ୍ଦନ ଭୋଳଙ୍କ ଦ୍ୱାରା ରଚିତ ଶ୍ରୀଳ ମହାରାଜଙ୍କର ପ୍ରଣାମ ମନ୍ତ୍ର ଓ ଦ୍ୱାଦଶଙ୍କ (୧୨ଟି ଶ୍ଳୋକରେ ମହାରାଜଙ୍କ ଦିବ୍ୟ ଗୁଣାବଳୀ) ଉନ୍ମୋଚିତ ହୋଇଥିଲା। ପରିଶେଷରେ ଶ୍ରୀଗୁରୁଗୌରାଙ୍ଗ ରାଧା ରସିକରାଜଙ୍କର ମଧ୍ୟାହ୍ନ ଭୋଗଆରତୀ ସହ ସମାଧି ମନ୍ଦିର ଆରତୀ ପରେ ସର୍ବସାଧାରଣଙ୍କୁ ମହାପ୍ରସାଦ ବିତରଣ କରାଯାଇଥିଲା।

## ୨୦ ଜିଲ୍ଲାରୁ ସୁସ୍ଥ ହେଲେ ୧୨୦ କରୋନା ସଂକ୍ରମିତ

ଭୁବନେଶ୍ୱର,୧୬।୬ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ୨୦ ଟି ଜିଲ୍ଲାରୁ ୧୨୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୯୭୪କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରୁ ସର୍ବାଧିକ ୧୯ ଜଣ କରେନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି କଟକ ଜିଲ୍ଲାରୁ ୧୫ ଜଣ, ମୟୂରଭଂଜ ଓ ଖୋର୍ଦ୍ଧା ଜିଲ୍ଲାରୁ ୧୧-୧୧ ଜଣ, ନୂଆପଡ଼ା ଜିଲ୍ଲାରୁ ୯ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୬ ଜଣ, ବଲାଙ୍ଗୀର ଓ ନୟାଗଡ଼ ଜିଲ୍ଲାରୁ ୫ ଜଣ ଲେଖାଏଁ, ବାଲେଶ୍ୱର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ଝାରସୁଗୁଡ଼ା ଜିଲ୍ଲାରୁ ୪ ଜଣ ଲେଖାଏଁ , କେନ୍ଦୁଝର, ଗଂଜାମ ଓ ପୁରୀ ଜିଲ୍ଲାରୁ ୩ ଜଣ ଲେଖାଁଏ, ଅନୁଗୁଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରୁ ୨ ଜଣ ଲେଖାଁଏ ଏବଂ ମାଲକାନଗିରି ଜିଲ୍ଲାରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।ରାଜ୍ୟରେ ଏପର୍ଯ୍ୟନ୍ତ ୨ ଲକ୍ଷ ୫ ହଜାର ୫୦୧ ନମୁନା ପରୀକ୍ଷା ହୋଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo